READ & SHARE
www.ekamaatra.com
ekamaatra@gmail.com
tarakmohanty1970@gmail.com
ekamaatraodia
ekamaatranews

EKAMAATRA
# ଏକମାତ୍ର
ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524

ବର୍ଷ-୨ ସଂଖ୍ୟା-୦୮ ୦୫ ମାର୍ଚ୍ଚ - ୧୧ ମାର୍ଚ୍ଚ, ୨୦୧୮ ଭୁବନେଶ୍ୱର ● Monday Weekly ● VOL-2 ISSUE-08 05th MARCH - 11th MARCH, 2018 BHUBANESWAR ₹ 5/- (8 Pages)

## ଶୂନରୁ ଶିଖର : ମୋଦି



**ନୂଆଦିଲ୍ଲୀ :** ଉତ୍ତର-ପୂର୍ବାଞ୍ଚଳର ତିନି ରାଜ୍ୟ ତ୍ରିପୁରା, ନାଗାଲ୍ୟାଣ୍ଡ ଓ ମେଘାଳୟର ବିଧାନସଭା ନିର୍ବାଚନ ଫଳ ପ୍ରକାଶ ପାଇବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି, ତ୍ରିପୁରା ଓ ନାଗାଲ୍ୟାଣ୍ଡରେ ବିଜେପିର ବିଜୟ ହେଉଛି ଆଦର୍ଶର ବିଜୟ। ଏଠାରେ ବିଜେପିର ଯାତ୍ରା ଥିଲା ଶୂନରୁ ଶିଖରକୁ ଯାତ୍ରା।

## ‘ଆମ ଟାର୍ଗେଟ୍‌ରେ ଓଡ଼ିଶା’
## ମ୍ୟାଜିକ୍ କାମ କରିବନି : ସୂର୍ଯ୍ୟ



**ନୂଆଦିଲ୍ଲୀ :** ନିକଟରେ ସରିଥିବା ଉତ୍ତର-ପୂର୍ବାଞ୍ଚଳ ରାଜ୍ୟ ତ୍ରିପୁରା ଓ ନାଗାଲ୍ୟାଣ୍ଡରେ ନିର୍ବାଚନୀ ସଫଳତା ପାଇବା ପରେ ବିଜେପିର ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ ନିଜ ପ୍ରତିକ୍ରିୟାରେ କହିଛନ୍ତି ଓଡ଼ିଶା, ପଶ୍ଚିମବଙ୍ଗ ଓ କର୍ଣ୍ଣାଟକରେ ପ୍ରତିଦ୍ୱନ୍ଦ୍ୱୀ ରାଜନୀତିକ ଦଳଙ୍କୁ ହରାଇଲେ ବିଜେପି ପାଇଁ ସୁବର୍ଣ୍ଣ ଯୁଗ ଆସିଲା ବୋଲି କୁହାଯିବ। ଶାହ ଗତ କିଛି ମାସ ତଳେ ଓଡ଼ିଶା ଆସିଥିବା ବେଳେ କହିଥିଲେ ଯେ ତାଙ୍କ ଟାର୍ଗେଟ୍ ହେଉଛି ଓଡ଼ିଶା। ଏଠାରେ ବିଜେପିକୁ ୧୪୭ ବିଧାନସଭା ଆସନରୁ ୧୨୦ଟିରେ ଜିତାଇବା ତାଙ୍କ ଲକ୍ଷ୍ୟ। ସଦ୍ୟ ସମାପ୍ତ ବିଜେପୁର ଉପନିର୍ବାଚନରେ ବିଜେଡି ପ୍ରାର୍ଥୀଙ୍କ ଠାରୁ ପ୍ରାୟ ୪୨ହଜାର ଭୋଟ ବ୍ୟବଧାନରେ ବିଜେପି ପ୍ରାର୍ଥୀ ହାରିଯାଇଛନ୍ତି। ଏଠାରେ ବିଜେପି କାହିଁକି ଏତେ ଅଧିକ ଭୋଟ ବ୍ୟବଧାନରେ ହାରିଲା ସେ ନେଇ ରାଜ୍ୟର ବିଜେପି ନେତାମାନେ ସମୀକ୍ଷା ସାରିନଥିବା ବେଳେ ଓଡ଼ିଶାରେ ସରକାର ଗଢ଼ିପାରିଲେ ବିଜେପିର ସୁବର୍ଣ୍ଣ ଯୁଗ ଆସିବ ବୋଲି ଶାହଙ୍କ ମନ୍ତବ୍ୟରୁ ଜଣାପଡୁଛି ଯେ, ଦେଶର ୨୧ ରାଜ୍ୟ ଏବେ ବିଜେପି ଶାସନାଧୀନ ରହିଥିବା ସତ୍ତ୍ୱେ ବିଜେପିର ସୁବର୍ଣ୍ଣ ଯୁଗ ଆସିନାହିଁ। ଶାହ କହିଛନ୍ତି, ବାମପନ୍ଥୀଙ୍କ ଦୁର୍ଗ କୁହାଯାଉଥିବା ତ୍ରିପୁରା ଓ ନାଗାଲ୍ୟାଣ୍ଡରେ ବିଜେପି ପ୍ରତି ବିପୁଳ ଜନସମର୍ଥନ ହେଉଛି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱକୁ ସମର୍ଥନ ଓ ସ୍ୱୀକୃତି। ➤ ପୃ-୬

## କଂଗ୍ରେସ ଦଶା ଖରାପ, ବିଜେପି ପାଇଁ ଆତ୍ମସମୀକ୍ଷାର ବେଳ
# ବିଜେଡିର ଶ୍ରେଷ୍ଠ ପ୍ରଦର୍ଶନ



**ଭୁବନେଶ୍ୱର :** ବିଜେପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ତିନି ତିନିଥର ପରାଜୟ ବରଣ କରିଥିବା ଶାସକ ବିଜୁ ଜନତା ଦଳ ଶେଷରେ ଏହି ଆସନଟିକୁ ଦଖଲ କରିଛି। କଂଗ୍ରେସ ବିଧାୟକ ସୁବଳ ସାହୁଙ୍କ ପରଲୋକ ପରେ ଏହି ଆସନଟି ଖାଲି ପଡିଥିଲା। ସୁବଳଙ୍କ ଦେହାନ୍ତ ପରେ ତାଙ୍କ ପତ୍ନୀ ରୀତା ସାହୁ ବିଜେଡିରେ ଯୋଗଦେଇ ଚଳିତ ଉପନିର୍ବାଚନରେ ପ୍ରାର୍ଥୀ ହୋଇଥିଲେ। ରୀତା ବିଜେଡିରେ ଯୋଗଦେବା ପରେ ଦଳ ସୁପ୍ରିମୋ ବିଜେପୁର ପାଇଁ ଯେଭଳି ଆନ୍ତରିକତା ଦେଖାଇଲେ ତାହାର ପ୍ରତିଫଳନ ଘଟିଲା ଉପନିର୍ବାଚନ ଫଳାଫଳରେ। ଦୀର୍ଘ ୧୪ବର୍ଷ ଧରି କଂଗ୍ରେସର ଦୁର୍ଗ ଥିବା ଏହି ଆସନରେ କଂଗ୍ରେସର ଅମାନତ ଉଡିଗଲା। ରେକର୍ଡ ସଂଖ୍ୟକ ଭୋଟରେ ଏଠାରେ ବିଜୟୀ ହେଲେ ରୀତା। ରୀତା ୧ଲକ୍ଷ ୨ ହଜାର ୮ଶହ ୭୧ ଖଣ୍ଡ ଭୋଟ ପାଇଥିଲା ବେଳେ ଏଠାରେ ବିଜେପି ପ୍ରାର୍ଥୀ ଅଶୋକ ପାଣିଗ୍ରାହୀଙ୍କୁ ମିଳିଥିଲା ୬୦ ହଜାର ୯ଶହ ୩୮ଖଣ୍ଡ ଭୋଟ। କଂଗ୍ରେସ ଖାତାକୁ ମାତ୍ର ୧୦ ହଜାର ୨ଶହ ୭୪ ଖଣ୍ଡ ଭୋଟ ଯାଇଥିଲା। ଉପନିର୍ବାଚନ ପୂର୍ବରୁ ଏହି ଆସନଟିକୁ ହାତେଇବାର ଦମ୍ଭୋକ୍ତି ଦେଖାଇଥିବା ବିଜେପି ପାଇଁ ଏହା ବିଫଳତା ଆଣିଦେଇଛି। ଏଠାରେ ପ୍ରଚାରର ସେନାନାୟକ ସାଜିଥିବା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନିର୍ବାଚନୀ ରଣନୀତି ସମ୍ପୂର୍ଣ୍ଣ ଫେଲ୍ ମାରିଥିବା ଜଣାପଡିଛି। ଫଳରେ ଓଡ଼ିଶାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯେ ଏକମାତ୍ର ଅପରାଜେୟ ନେତା ତାହା ପୁଣିଥରେ ପ୍ରମାଣିତ ହୋଇଛି। ବିଜେପୁର ଉପନିର୍ବାଚନ ଫଳ ବିଜେଡିକୁ ଅଧିକ ଶକ୍ତିଶାଳୀ କରିଥିବା ଚର୍ଚ୍ଚା ହେଉଛି। ଏଥିରେ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି କଂଗ୍ରେସ। ବିଜେପି ନିଜ ରଣନୀତି ପାଇଁ ଫେଲ୍ ମାରିଥିବା ଜଣାପଡିଛି। ନବୀନଙ୍କୁ ମୁକାବିଲା କରିବା ବିଜେପି ପାଇଁ ସହଜ ନୁହେଁ ବୋଲି ସ୍ପଷ୍ଟ ପରିଲକ୍ଷିତ ହୋଇଛି।

ଗତ ସେପ୍ଟେମ୍ବର ମାସରୁ ବିଜେପୁର ପାଇଁ ବିଜେଡି ଯେଉଁ ଗୋଟି ଚାଳନା କରିଥିଲା ସେଥିରେ ଦଳ ସଫଳ ହୋଇଛି। ହେଲେ ଭାଜପା ଅଶୋକଙ୍କୁ ପ୍ରାର୍ଥୀ କରି ଏଠାରେ ପରାସ୍ତ ହୋଇଥିବା ବିଶେଷଜ୍ଞ ମହଲ ମତ ଦିଅନ୍ତି। ଏଥିସହିତ ବିଜେଡି ରଣନୀତି ତୁଳନାରେ ବିଜେପିର ରଣନୀତି ନଗଣ୍ୟ ଥିଲା ବୋଲି ଧରାପଡିଛି। ପ୍ରାର୍ଥୀ ଚୟନଠାରୁ ଆରମ୍ଭ କରି ରଣନୀତି ପ୍ରସ୍ତୁତିରେ ବିଜେପି ଫେଲ୍ ମାରିଥିବା ପ୍ରମାଣିତ ହୋଇଛି। ଖୋଦ୍ ଅଶୋକ ପାଣିଗ୍ରାହୀଙ୍କ ନିଜ ଅଞ୍ଚଳରେ ମଧ୍ୟ ବିଜେପି ଅପେକ୍ଷା ବିଜେଡି ଅଧିକ ଭୋଟ ପାଇଛି। ନିଜ ପ୍ରାର୍ଥୀଙ୍କ ଉପରେ ଭରସା ନକରି ବିଜେପି ଅଶୋକଙ୍କୁ ନିଜ ଦଳରେ ସାମିଲ କରି ଲାଭବାନ ହେବ ବୋଲି ଯେଉଁ ଅଙ୍କ କଷିଥିଲା ତାହା ଭୁଲ ପ୍ରମାଣିତ ହୋଇଛି। କଂଗ୍ରେସ ଭୋଟ ଉପରେ ଅଧିକ ଭରସା କରି ବିଜେପି ଅବସ୍ଥା ଏଭଳି ହୋଇଥିବା ଆଲୋଚନା ହେଉଛି। ଯଦିଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ବିଜେପୁର ଭୋଟରଙ୍କୁ ନିଜ ସପକ୍ଷରେ ନେବା ପାଇଁ ବହୁ କେନ୍ଦ୍ରମନ୍ତ୍ରୀ ଆଣି ରୋଡ ଶୋ’ କରିଥିଲେ ତାହା ପର୍ଯ୍ୟାପ୍ତ ହୋଇପାରିଲା ନାହିଁ। ବରଂ ସ୍ଥାନୀୟ ଜନସାଧାରଣ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଅଧିକ ଭରସାଯୋଗ୍ୟ ମନେକରି ମତଦାନ କରିଥିଲେ। ପଞ୍ଚାୟତ ନିର୍ବାଚନ ଫଳାଫଳ ଆଧାରରେ ବିଜେପି ଏଠାରେ ବାଜିମାତ କରିବାର ଯେଉଁ ସ୍ୱପ୍ନ ଦେଖିଥିଲା ତାହା ପୂରଣ ହୋଇପାରିଲାନାହିଁ। ବିଜେପି ନେତାମାନେ ବିଜେଡିର ରଣକୌଶଳ ବୁଝିବାରେ ଆଦୌ ସମର୍ଥ ହେଲେନାହିଁ। ବିଶେଷକରି କୁମ୍ଭାରୀ ସଭାରେ ମୁଖ୍ୟମନ୍ତ୍ରୀଙ୍କ ଉପରକୁ ଚପଲ ମାଡ ସହ ମନ୍ତ୍ରୀ ସୁଶାନ୍ତ ସିଂହଙ୍କ ଭାଇ ସୁବ୍ରତଙ୍କ ଗାଡି ଉପରକୁ ଗୁଳିମାଡ ଘଟଣା ଓ ଭୋଟ ଦିନ ଡ୍ରାଇଭର ଦିଲେଶ୍ୱର ସାହୁଙ୍କ ମୃତ୍ୟୁ ଘଟଣା ସାଧାରଣରେ ଆଲୋଡନ ସୃଷ୍ଟି କରିଥିଲା। ଯେଉଁଥିପାଇଁ ସବୁ ଦୋଷ ➤ ପୃ-୬




ସାକ୍ଷୀଗୋପାଳ ବକୁଳ ବନରେ ଥିବା ମହାପୁରୁଷ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିକୁ ରଙ୍ଗ ବୋଲି କେହି ଦୁର୍ବୃତ୍ତ ବିକୃତ କରିଛି।

## ବିଜେପୁର ପାଇଁ ପୁରସ୍କାର, ପାଞ୍ଚମନ୍ତ୍ରୀଙ୍କୁ ଅତିରିକ୍ତ ଦାୟିତ୍ୱ

**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଜର ମନ୍ତ୍ରିମଣ୍ଡଳ ସହଯୋଗୀଙ୍କ ବିଭାଗରେ ଅଦଳବଦଳ କରିଛନ୍ତି। ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଦୀର୍ଘ ଏକ ଦଶନ୍ଧିରୁ ଉର୍ଦ୍ଧ୍ୱ ସମୟ ଧରି ନିଜ ପାଖରେ ରଖିଥିବା ୨ଟି ବିଭାଗ ପୂର୍ତ୍ତ ଓ ଜଳସମ୍ପଦ ବିଭାଗକୁ ଛାଡ଼ିଥିବାବେଳେ ଅନ୍ୟ ୫ଜଣ ମନ୍ତ୍ରୀଙ୍କୁ ଅତିରିକ୍ତ ଦାୟିତ୍ୱ ଦେଇଛନ୍ତି। ବିଜେପୁର ଉପନିର୍ବାଚନ ପରେ ଓ ଆଗାମୀ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ମନ୍ତ୍ରୀମାନଙ୍କ ବିଭାଗରେ ଏହି ଅଦଳବଦଳ କରାଯାଇଥିବା ଚର୍ଚ୍ଚା ହେଉଛି। ମୁଖ୍ୟମନ୍ତ୍ରୀଙ୍କ ପାଖରେ ଥିବା ଜଳସମ୍ପଦ ବିଭାଗର ଦାୟିତ୍ୱ ମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କୁ ଦିଆଯାଇଛି। ଶ୍ରୀ ପୂଜାରୀ ଗୃହ ନିର୍ମାଣ ଓ ନଗର ଉନ୍ନୟନ ସହ ଅତିରିକ୍ତ ଭାବେ ଏହି ବିଭାଗର ଦାୟିତ୍ୱ ତୁଲାଇବେ। ସେହିପରି ମୁଖ୍ୟମନ୍ତ୍ରୀଙ୍କ ପାଖରେ ଥିବା ପୂର୍ତ୍ତ ବିଭାଗର ଦାୟିତ୍ୱ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ତୁଲାଇବେ। ମନ୍ତ୍ରୀ ଶ୍ରୀ ମଲ୍ଲିକ ଇସ୍ପାତ ଓ ଖଣି ସହ ଅତିରିକ୍ତ ଭାବେ ଏହି ଦାୟିତ୍ୱ ତୁଲାଇବେ। ତେବେ ମନ୍ତ୍ରୀ ଶ୍ରୀ ପୂଜାରୀଙ୍କ ପାଖରେ ଥିବା ଶିକ୍ଷ ବିଭାଗକୁ ତାଙ୍କଠୁ କାଢ଼ି ନିଆଯାଇ ଉଚ୍ଚଶିକ୍ଷା ମନ୍ତ୍ରୀ ଅନନ୍ତ ଦାସଙ୍କୁ ଅତିରିକ୍ତ ଭାବେ ନ୍ୟସ୍ତ କରାଯାଇଛି। ସେହିପରି ମନ୍ତ୍ରୀ ଶ୍ରୀ ମଲ୍ଲିକଙ୍କ ପାଖରୁ ଶକ୍ତି ବିଭାଗକୁ କାଢ଼ି ନିଆଯାଇ ମନ୍ତ୍ରୀ ସୁଶାନ୍ତ ସିଂଙ୍କୁ ନ୍ୟସ୍ତ ହୋଇଛି। ଶ୍ରମ ଓ ନିଯୁକ୍ତି ମନ୍ତ୍ରୀ ସୁଶାନ୍ତ ସିଂହ ଅତିରିକ୍ତ ଭାବେ ଶକ୍ତି ବିଭାଗର ଦାୟିତ୍ୱ ତୁଲାଇବେ। ସେହିପରି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ପ୍ରତାପ ଜେନାଙ୍କୁ ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ଦାୟିତ୍ୱ ନ୍ୟସ୍ତ ହୋଇଛି। ଶ୍ରୀ ଜେନାଙ୍କ ପାଖରେ ଆଇନ ବିଭାଗ ବି ରହିଛି। ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ୍ ପୂର୍ବରୁ ସୂଚନା ଓ ଲୋକସମ୍ପର୍କ ବିଭାଗର ଦାୟିତ୍ୱରେ ରହିଥିଲେ। ସୂଚନାଯୋଗ୍ୟ, ବିଜେପୁର ଉପନିର୍ବାଚନରେ ବିଜେଡିର ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବାରୁ ପଶ୍ଚିମ ଓଡ଼ିଶାର ଦୁଇ ମନ୍ତ୍ରୀ ଶ୍ରୀ ସିଂ ଓ ଶ୍ରୀ ପୂଜାରୀଙ୍କୁ ହେଭିୱେଟ୍ ବିଭାଗ ପ୍ରଦାନ କରି ପୁରସ୍କୃତ କରିଛନ୍ତି। ସେହିପରି ବରଗଡ଼ ବିଜେଡି ପର୍ଯ୍ୟବେକ୍ଷକ ଭାବେ ମନ୍ତ୍ରୀ ଶ୍ରୀ ମଲ୍ଲିକଙ୍କୁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ବିଭାଗ ଦାୟିତ୍ୱ ଦିଆଯାଇଛି।

### ପ୍ରତାପଙ୍କୁ ସୂଚନା ଓ ଲୋକ ସମ୍ପର୍କ



**ଭୁବନେଶ୍ୱର :** ଗତ ଶନିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମନ୍ତ୍ରିମଣ୍ଡଳର କେତେକ ବିଭାଗରେ ଅଦଳ ବଦଳ କରିଛନ୍ତି। ପୂର୍ବରୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଆଇନ୍ ବିଭାଗ ମନ୍ତ୍ରୀ ପ୍ରତାପ ଜେନାଙ୍କ ଅଧିନରେ ଥିବା ବେଳେ ତାଙ୍କୁ ଏବେ ସୂଚନା ଓ ଲୋକ ସମ୍ପର୍କ ବିଭାଗର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି।

## ନୂଆଦିଲ୍ଲୀରେ ପିଏମ୍‌ଜିଏସ୍‌ୱାଇ ସମୀକ୍ଷା ବୈଠକ
# ୪୪,୩୪୨ କିମି ରାସ୍ତା ନିର୍ମାଣ



**ଭୁବନେଶ୍ୱର :** ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା (ପିଏମ୍‌ଜିଏସ୍‌ୱାଇ) ପ୍ରକଳ୍ପ ପାଇଁ ପୂର୍ବରୁ କେନ୍ଦ୍ର ସରକାର ଶତ ପ୍ରତିଶତ ସହାୟତା ପ୍ରଦାନ କରୁଥିଲେ। ୨୦୧୫-୧୬ ପରଠାରୁ ଏହାକୁ କମାଯାଇ କେନ୍ଦ୍ର ସରକାର ପ୍ରକଳ୍ପ ଖର୍ଚ୍ଚର ୬୦ ପ୍ରତିଶତ ଓ ରାଜ୍ୟ ସରକାର ୪୦ ପ୍ରତିଶତ ଯୋଗାଉଛନ୍ତି। ଏହି ନିଷ୍ପତ୍ତି ଯୋଗୁ ଓଡ଼ିଶା ଭଳି ବିକାଶଶୀଳ ରାଜ୍ୟ କ୍ଷତି ସହୁଛି। ତେଣୁ ପୂର୍ବପରି ଶତ ପ୍ରତିଶତ କେନ୍ଦ୍ରୀୟ ସହାୟତା ମିଳୁ ବୋଲି ରାଜ୍ୟ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ନରେନ୍ଦ୍ର ସିଂହ ତୋମାରଙ୍କ ନିକଟରେ ଦାବି କରିଛନ୍ତି। ନୂଆଦିଲ୍ଲୀରେ କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ମନ୍ତ୍ରୀ ନରେନ୍ଦ୍ର ସିଂହ ତୋମାରଙ୍କ ଅଧ୍ୟକ୍ଷତାରେ ପିଏମ୍‌ଜିଏସ୍‌ୱାଇ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ➤ ପୃ-୬

## ମହିଳା ଓ କିଶୋରୀଙ୍କ ସ୍ୱାସ୍ଥ୍ୟ ସୁରକ୍ଷା
## ‘ଖୁସି’ ଯୋଜନାରେ ବଣ୍ଟାଯିବ ନ୍ୟାପକିନ୍



**ଭୁବନେଶ୍ୱର :** ରାଜ୍ୟର ମହିଳା ଓ କିଶୋରୀଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି ସାନିଟାରୀ ନ୍ୟାପକିନ୍ ବିତରଣ ଯୋଜନା ‘ଖୁସି’। ଏହି ଯୋଜନାରେ ରାଜ୍ୟ ସରକାର ଷଷ୍ଠରୁ ଦ୍ୱାଦଶ ଶ୍ରେଣୀର ପ୍ରାୟ ୧୭ଲକ୍ଷ ଛାତ୍ରୀଙ୍କୁ ମାଗଣାରେ ସାନିଟାରୀ ନ୍ୟାପକିନ୍ ପ୍ରଦାନ ସହ ମହିଳାମାନଙ୍କୁ ରିହାତି ଦରରେ ମାସିକ ୬ଟି ସାନିଟାରୀ ନ୍ୟାପକିନ୍ ବଣ୍ଟନ କରିବେ। ଅନ୍ୟପକ୍ଷରେ ୨୦୧୦ ମସିହାରୁ ଗ୍ରାମାଞ୍ଚଳର ମହିଳା ଓ ୧୦ରୁ ୧୯ବର୍ଷର ଝିଅମାନଙ୍କ ପାଇଁ କେନ୍ଦ୍ର ସରକାର ➤ ପୃ-୬

## ଜଟିଳ ହେବାରେ ଲାଗିଛି ପାର୍ସଲ ବୋମା ବିସ୍ଫୋରଣ ମାମଲା
# ରୀମାଙ୍କ ବୟାନ ରେକର୍ଡ, ଫେସ୍‌ବୁକ୍ ଆକାଉଣ୍ଟ ଯାଞ୍ଚ



**ଭୁବନେଶ୍ୱର :** ବଲାଙ୍ଗିର ଜିଲ୍ଲା ପାଟଣାଗଡରେ ଘଟିଥିବା ପାର୍ସଲ୍ ବୋମା ବିସ୍ଫୋରଣ ଘଟଣା କ୍ରମଶଃ ଜଟିଳ ହେବାରେ ଲାଗିଛି। ଏହି ରହସ୍ୟ ଉପରୁ ଏଯାଏ ପରଦା ହଟି ନଥିବା ବେଳେ ଘଟଣାର ଅସଲ ତଥ୍ୟ ଜାଣିବାକୁ ସମସ୍ତେ ଉତ୍ସୁକ। ଘଟଣା ଘଟିବାର ଏକ ସପ୍ତାହରୁ ଅଧିକ ଦିନ ବିତିଯାଇଥିଲେ ବି ପୋଲିସ୍ ଏଯାଏ ବିସ୍ଫୋରଣ ପଛର ଉଦ୍ଦେଶ୍ୟ ଜାଣିବାରେ ସଫଳ ହୋଇପାରିନାହିଁ। ଏହି ବିସ୍ଫୋରଣରେ ଶେଖର ସାହୁ ଓ ତାଙ୍କ ବୁଢ଼ୀ ମା’ ମୃତ୍ୟୁବରଣ କରିଥିବା ବେଳେ ଗୁରୁତର ଆହତ ହୋଇ କଟକ ବଡ଼ ମେଡିକାଲ୍‌ର ପ୍ଲାଷ୍ଟିକ୍ ସର୍ଜରୀ ୱାର୍ଡ଼ରେ ଚିକିତ୍ସିତ ହେଉଥିବା ଶେଖରଙ୍କ ପତ୍ନୀ ରିମାରାଣୀ ସାହୁଙ୍କ ବୟାନ ରେକର୍ଡ କରିଛି ପାଟଣାଗଡ଼ ପୋଲିସ୍। ଘଟଣା ଦିନ ଶେଖର ପ୍ରଥମେ ଏହି ପାର୍ସଲ୍‌ଟିକୁ ଖୋଲିଥିଲେ। ହେଲେ ଏହା ପୂର୍ବରୁ ସେଭଳି କୌଣସି ଘଟଣା ନେଇ କିଏ ଫୋନ୍ କରିଥିଲା କି ନାହିଁ ସେ ସମ୍ପର୍କରେ ରୀମା ପୋଲିସ୍‌କୁ କହିଛନ୍ତି। ବାହାଘର ପୂର୍ବରୁ ଓ ବାହାଘର ଦିନ କିଏ କିଏ ଆସିଥିଲେ କ’ଣ ସବୁ ହୋଇଥିଲା, ସେ ସମ୍ପର୍କରେ ରୀମାଙ୍କ ବୟାନ ➤ ପୃ-୬

Evos EVOS BUILDCON PVT.LTD.
Upcoming Appartment Project
Mahaveer Enclave
Patrapada (Udayagiri Vihar)
300 Mts. from N.H., Petrol Pump
Sqft/3200
3200/- Sq.ft
Construction will Start from March 2017
Member Of AFORD
State Bank of India
Finance Available
Upcoming Mini Township Project (Duplex & Appartment)
HILL VIEW HEAVEN
DEULIAPATANA
2 K.M. from Madanpur, Near Jagasara, BDA Housing Project
27-40 Lakhs
www.evos.co.in
Mob.: 9438383699, 9040051152

**ପୃଷ୍ଠା - ଦୁଇ**
ଗେରୁଆ ରଙ୍ଗରେ ରଙ୍ଗୀନ୍ ହେଉଛି ଦେଶ
୯୦ ହଜାର ନୂଆ ନିଯୁକ୍ତି ଦେବ ରେଳବାଇ
ସଙ୍କଟର ସମ୍ମୁଖୀନ ହେବ ପାକ୍ ଅର୍ଥନୀତି

**ପୃଷ୍ଠା - ତିନି**
‘କୃଷକମାନଙ୍କୁ ଦିନରେ ଲଣ୍ଠନ ଦେଖାଇବା ବନ୍ଦ କରୁ କେନ୍ଦ୍ର’
ବିଏମ୍‌ସି ବଜେଟ୍‌ରେ ସ୍ୱଚ୍ଛତାକୁ ଗୁରୁତ୍ୱ

**ପୃଷ୍ଠା - ଚାରି**
ସମ୍ପର୍କରେ ଫାଟ ନରହୁ
ବହୁଦେଶୀୟ ତାପି ପ୍ରକଳ୍ପରେ ଭାରତ

**ପୃଷ୍ଠା - ପାଞ୍ଚ**
ଅମୁହାଁ ଦେଉଳ
ଆମେ ବଣ ମଣିଷ ହୋଇଯିବା

**ପୃଷ୍ଠା - ଛଅ**
ଯାଞ୍ଚ ହେଉନାହିଁ ନକଲି ବିଇଡି ପ୍ରମାଣପତ୍ର
ଏମ୍‌ସିଏଲ୍‌ର ୭ଖଣି ବନ୍ଦ
୨୭ କୋଟି ରାଜସ୍ୱହାନୀ

**ପୃଷ୍ଠା - ସାତ**
କଦମ୍ବା ରାଜବଂଶର ଉପାସିତ ଦେବତା ଶ୍ରୀସପ୍ତକୋଟେଶ୍ୱର

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

## କେମିତି କଟିବ ଏ ସପ୍ତାହ

**ମେଷ** - ସାମାଜିକ କାର୍ଯ୍ୟରେ ଗୁରୁଦାୟିତ୍ୱ ନିର୍ବାହ କରିବେ। ନୂତନ କମ୍ପାନୀରେ ଚାକିରି ପ୍ରସ୍ତାବ ମିଳିବ। ଛାତ୍ରଛାତ୍ରୀମାନେ ଶିକ୍ଷାକ୍ଷେତ୍ରରେ ଉନ୍ନତି ଲାଭ କରିବେ। ନୂତନ ଯାନ କ୍ରୟ କରି ଆନନ୍ଦିତ ହେବେ। ଗୃହରେ ଶାନ୍ତି ବଜାୟ ରହିବ।

**ବୃଷ** - କଳା ଓ ସାହିତ୍ୟ କ୍ଷେତ୍ରରେ ପ୍ରଶଂସିତ ହେବେ। ଧର୍ମାନୁଷ୍ଠାନରେ ଯୋଗ ଦେବାର ସମୟ ଆସିବ। ଆର୍ଥିକ ସ୍ଥିତି ପୂର୍ବାପେକ୍ଷା ଭଲ ରହିବ। ରାଜନୀତିରେ ଆପଣଙ୍କ ଆଧିପତ୍ୟ ବଢ଼ିବ। ବ୍ୟବସାୟୀମାନେ ଆଶା କରିଥିବା ଲାଭ ପାଇବେ।

**ମିଥୁନ** - ଭାଗ୍ୟ ଆପଣଙ୍କୁ ସାଥ ଦେବ। ବିଦ୍ୟାର୍ଥୀମାନେ ପରୀକ୍ଷାରେ ଉପକୃତ ହେବେ। ନୂତନ କର୍ମରେ ଯୋଗ ଦେବାର ସମୟ ଆସିବ। ରାଜନୀତିରେ ନେତୃତ୍ୱ ବଜାୟ ରଖିବା ଲାଗି କଠିନ ପରିଶ୍ରମ କରିବେ।

**କର୍କଟ** - ତୀର୍ଥସ୍ଥାନ ଭ୍ରମଣର ସୁଯୋଗ ରହିଛି। ପୂଜାପାଠରେ ଅଧିକ ସମୟ ବିତିବ। କର୍ମକ୍ଷେତ୍ରରେ ଅସନ୍ତୋଷ ଲାଗି ରହିବ। ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ରାଜନୈତିକ ବ୍ୟକ୍ତିମାନେ ବିଫଳ ହେବେ।

**ସିଂହ** - ନୂତନ କର୍ମକ୍ଷେତ୍ରରେ ଯୋଗ ଦେଇ ପ୍ରଶଂସିତ ହେବେ। ବିଦେଶ ଯାତ୍ରାର ଯୋଜନା କରିପାରନ୍ତି। ପାରିବାରିକ ଜୀବନ ସୁଖମୟ ହେବ। କର୍ମକ୍ଷେତ୍ରରେ ଉଚ୍ଚପଦସ୍ଥ କର୍ମଚାରୀଙ୍କ ସହ ମନୋମାଳିନ୍ୟ ହୋଇପାରେ।

**କନ୍ୟା** - ଦାମ୍ପତ୍ୟ ଜୀବନରେ କଳହ ଉପୁଜିପାରେ। ସାମାଜିକ କର୍ମରେ ସମୟ ବିତିବ। ଆର୍ଥିକ ଅବସ୍ଥା ବଦଳିବ। ଛାତ୍ରଛାତ୍ରୀମାନେ ପାଠପଢ଼ା କ୍ଷେତ୍ରରେ ମନ ବଳାଇବେ।

**ତୁଳା** - ନୂତନ ଗୃହ କିମ୍ବା ଜମି କ୍ରୟ କରିପାରନ୍ତି। କର୍ମକ୍ଷେତ୍ରରେ ସମସ୍ୟା ସମାଧାନ ହେବ। ବନ୍ଧୁଙ୍କ ଠାରୁ ଆର୍ଥିକ ସହଯୋଗ ମିଳିବ। କଳା ଓ ସଂସ୍କୃତି କ୍ଷେତ୍ରରେ ପ୍ରତିଷ୍ଠିତ ହୋଇପାରନ୍ତି।

**ବିଛା** - କର୍ମକ୍ଷେତ୍ରରେ ପଦୋନ୍ନତି ଘଟିପାରେ। ଉଚ୍ଚପଦାଧିକାରୀଙ୍କଠାରୁ ସମ୍ମାନ ଓ ପ୍ରଶଂସିତ ହେବେ। ନୂତନ କର୍ମରେ ଯୋଗ ଦେବାର ସୂଚନା ମିଳିବ। ସାମାଜିକ କାର୍ଯ୍ୟରେ ଅଂଶଗ୍ରହଣ କରିବେ।

**ଧନୁ** - ଗୃହରେ ଛୋଟ ପିଲାଙ୍କୁ ନେଇ ଚିନ୍ତିତ ରହିବେ। ଧର୍ମାନୁଷ୍ଠାନରେ ଯୋଗ ଦେବାର ସମୟ ଆସିବ। ନୂତନ ଯାନ କ୍ରୟ କରି ଆନନ୍ଦ ଅନୁଭବ କରିବେ। ଆଶା କରିଥିବା କର୍ମରେ ସଫଳତା ନିଶ୍ଚୟ ପାଇବେ।

**ମକର** - କର୍ମକ୍ଷେତ୍ରରେ ପଦୋନ୍ନତି ହୋଇପାରେ। ପୁରାତନ ବନ୍ଧୁଙ୍କଠାରୁ ଆର୍ଥିକ ସାହାଯ୍ୟ ମିଳିପାରେ। ସାମାଜିକ କାର୍ଯ୍ୟରେ ଅଂଶଗ୍ରହଣ କରିବେ। ବ୍ୟବସାୟୀମାନେ ନୂତନ ବ୍ୟବସାୟରେ କ୍ଷତି ସହିବେ। ବିବାହ ଆଶାୟୀମାନେ ଶୁଭ ସମ୍ବାଦ ପାଇବେ

**କୁମ୍ଭ** - ଚାକିରିରେ ନିଯୁକ୍ତି ମିଳିବା ସମୟ ଆସିବ। କର୍ମ କ୍ଷେତ୍ରରେ ପ୍ରଶଂସା ଅର୍ଜନ କରିବେ। ଛାତ୍ରଛାତ୍ରୀମାନେ ସଫଳ ହେବେ। ଗୃହରେ ଆର୍ଥିକ ଅବସ୍ଥା ସୁଧୁରିଯିବ। ବୈବାହିକ ଜୀବନ ସୁଖମୟ ହେବ।

**ମୀନ** - କର୍ମକ୍ଷେତ୍ରରେ ଉଚ୍ଚପଦାଧିକାରୀଙ୍କ ଠାରୁ ଅପମାନ ପାଇବେ। ନୂତନ ଜମି କିମ୍ବା ଗୃହ କ୍ରୟ କରି ଚିନ୍ତିତ ରହିବେ। କୋର୍ଟକଚେରୀରେ ଜଡିତ ହେବେ। ଆର୍ଥିକ ପରିସ୍ଥିତି ଧିରେ ଧିରେ ସୁଧୁରିବ।



ଚନ୍ଦ୍ରଶେଖର ମିଶ୍ର
ଜ୍ୟୋତିର୍ବିଦ୍ ଓ ବାସ୍ତୁବିଶାରଦ
କାକଟପୁର, ପୁରୀ
ମୋ-୯୭୭୭୦୬୩୪୧୧

## ପ୍ରତିରକ୍ଷା ବିଭାଗ କିଣିବ ଡିଇଡବ୍ଲ୍ୟୁ

**ନୂଆଦିଲ୍ଲୀ :** ଶତ୍ରୁ ଟାର୍ଗେଟ୍ ଏପରିକି ଶତ୍ରୁ ପକ୍ଷର ସ୍ୟାଟେଲାଇଟ୍ ଧ୍ୱଂସ କରିବାକୁ ହାଇ ଏନର୍ଜି ଲେଜର୍ ଓ ମାଇକ୍ରୋୱେଭ୍ ଭଳି ରିମୋଟ୍ ଚାଳିତଦୂର ନିୟନ୍ତ୍ରିତ ଚାଳକବିହୀନ ଡାଇରେକ୍ଟେଡ୍ ଏନର୍ଜି ୱେପନ୍ ବା ଡିଇଡବ୍ଲ୍ୟୁ ଓ ୪୦୦ରୁ ଅଧିକ ଡ୍ରୋନ୍ ଭାରତୀୟ ସେନା ପାଇଁ ଆସନ୍ତା ୧୦ବର୍ଷ ଭିତରେ କିଣାଯିବା ଦରକାର ହେଉଛି। ପ୍ରତିରକ୍ଷା ମନ୍ତ୍ରଣାଳୟର 'ଟେକ୍ନୋଲଜି ପ୍ରସପେକ୍ଟିଭ୍ ଆଣ୍ଡ କ୍ୟାପାବିଲିଟି ରୋଡ୍ମ୍ୟାପ୍-୨୦୧୮ରେ ଏହା ଲେଖାଅଛି। ସମ୍ପ୍ରତି ଯୁଦ୍ଧ ବେଳେ ଶତ୍ରୁ ଗତିବିଧିର ରିୟଲ୍ ଟାଇମ୍ ସର୍ଭେଲାନ୍ସ ଓ ଶତ୍ରୁ ପକ୍ଷର ହାଇଭାଲ୍ୟୁ ଟାର୍ଗେଟ୍କୁ ଧ୍ୱଂସ କରିବାରେ ଡ୍ରୋନ୍ ହେଉଛି ମୁଖ୍ୟ ସାମର୍ଥ୍ୟବର୍ଦ୍ଧକ ବା ଫୋର୍ସ ମଲ୍ଟିପ୍ଲାୟର୍। ଏବେ ସେନା ପାଖରେ ଲଙ୍ଗରେଞ୍ଜ୍ ସର୍ଭେଲାନ୍ସ ଓ ପ୍ରିସିସନ୍ ଟାର୍ଗେଟିଂ ନିମନ୍ତେ ଇସ୍ରାଏଲରୁ କିଣାଯାଇଥିବା ପ୍ରାୟ ୨୦୦ଟି ଡ୍ରୋନ୍ ରହିଛି। ପୁଣି ସେନା ପାଖରେ ଇସ୍ରାଏଲରୁ କିଣାଯାଇଥିବା କେତୋଟି ହରୋପ୍ କିଲର୍ ବା କାମିକାଜି ଡ୍ରୋନ୍ ରହିଛି ଯାହା କ୍ରୁଜ୍ ମିସାଇଲ୍ ଭଳି ଶତ୍ରୁ ପକ୍ଷର ଟାର୍ଗେଟ୍ ଓ ରାଡାର୍ ଉପରେ ପଡ଼ି ବିସ୍ଫୋରିତ ହୋଇଥାଏ। ଭାରତର ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନ ବା ଡିଆର୍ଡିଓ ମଧ୍ୟ ଘାତକ କମ୍ବାଟ୍ ଡ୍ରୋନ୍ ନିର୍ମାଣ ପାଇଁ କାର୍ଯ୍ୟ ଚଳାଇଛି। ଘାତକ କମ୍ବାଟ୍ ଡ୍ରୋନ୍ ପ୍ରକଳ୍ପ ପାଇଁ ଡିଆରଡିଓ ୨୬୫୦ କୋଟି ଟଙ୍କା ବ୍ୟୟ କରିବ। ସେନା ଓ ନୌସେନା ପାଇଁ ୩୦ରୁ ଅଧିକ ସଂଖ୍ୟକ କମ୍ବାଟ୍ ରିମୋଟ୍ଲି-ପାଇଲଟେଡ୍ ଏୟାରକ୍ରାଫ୍ଟ ବା ଆର୍ପିଏ ଦରକାର ହେଉଛି। ମିଡିୟମ୍-ଅଲଟିଚ୍ୟୁଡ୍ ଲଙ୍ଗ୍-ଏଣ୍ଡୁରାନ୍ସ(ଏମ୍ଏଏଲ୍ଇ) କମ୍ବାଟ୍ ଆର୍ପିଏ ସମୁଦ୍ର ପତ୍ତନର ୩୦,୦୦୦ ଫୁଟ ଉଚ୍ଚତାରେ ୨୪ଘଣ୍ଟା ଯାଏ ଉଡ଼ିପାରିବ ଓ ୨୦ କିଲୋମିଟର ଦୂରରୁ ସ୍ଥଳ ଓ ସମୁଦ୍ରରେ ଥିବା ଟାର୍ଗେଟ୍ ଉପରକୁ ମିସାଇଲ୍ ଫାୟାର୍ କରିପାରିବ। ଡ୍ରୋନ୍ ବ୍ୟତୀତ ସେନା ପାଇଁ ଆଗାମୀ ପିଢ଼ିର ବୁଡ଼ାଜାହାଜ, ଡେଷ୍ଟ୍ରୟର୍ସ, ଫ୍ରିଗେଟ୍ସ, ମିସାଇଲ୍, ପଦାତିକ ବାହିନୀ ପାଇଁ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର, ସ୍ୱତନ୍ତ୍ର ଧରଣର ଗୁଳିଗୋଳା ଓ ସିବିଆର୍ଏନ୍ ଡିଫେନ୍ସ ସିଷ୍ଟମ୍ ମଧ୍ୟ କିଣାଯିବା ଦରକାର। ସିବିଆର୍ଏନ୍ ଡିଫେନ୍ସ ସିଷ୍ଟମ୍ ହେଉଛି କେମିକାଲ୍, ବାୟୋଲଜିକାଲ୍, ରେଡିଓଲଜିକାଲ୍ ଓ ନ୍ୟୁକ୍ଲିୟାର୍ ଡିଫେନ୍ସ ସିଷ୍ଟମ୍। ଏହି ଯୁଦ୍ଧାସ୍ତ୍ର, ଯୁଦ୍ଧ ସରଞ୍ଜାମ ଓ ଉପକରଣଗୁଡ଼ିକ ସରକାରଙ୍କ 'ମେକ୍ ଇନ୍ ଇଣ୍ଡିଆ' ପ୍ରୟାସରେ ଦେଶ ଭିତରେ ନିର୍ମାଣ ଓ ଉତ୍ପାଦନକୁ ପ୍ରାଧାନ୍ୟ ଦିଆଯିବ। ବିଦେଶୀ କମ୍ପାନୀମାନେ ଭାରତୀୟ କମ୍ପାନୀ ସହ ଯୌଥ ଉଦ୍ୟୋଗ ପ୍ରତିଷ୍ଠା କରି ପ୍ରତିରକ୍ଷା ସାମଗ୍ରୀ ଓ ଯୁଦ୍ଧାସ୍ତ୍ର ଜ୍ଞାନକୌଶଳ ବିକାଶ, ନିର୍ମାଣ ଓ ଉତ୍ପାଦନ କରିବାକୁ ଆଗ୍ରହୀ ହେଲେ ଭାରତ ସରକାର ସେଥିପାଇଁ ପ୍ରୋତ୍ସାହନ ଦେବେ।

# ଗେରୁଆ ରଙ୍ଗରେ ରଙ୍ଗୀନ୍ ହେଉଛି ଦେଶ



**ନୂଆଦିଲ୍ଲୀ :** ଧିରେ ଧିରେ ସାରା ଦେଶ ବିଜେପିର ଗେରୁଆ ରଙ୍ଗରେ ରଙ୍ଗୀନ୍ ହେବାରେ ଲାଗିଛି। ୨୦୧୪ରେ କେନ୍ଦ୍ରରେ କ୍ଷମତା ଦଖଲ କରିଥିବା ବିଜେପି ଭାରତ ଦଖଲ ପାଇଁ ଯେଉଁ ସ୍ୱପ୍ନ ଦେଖିଥିଲା, ସେ ଦିଗରେ ଆଉ ପାଦେ ଆଗେଇଛି। ଏହା ସହ କଂଗ୍ରେସ ମୁକ୍ତ ଭାରତ ଗଠନ ପାଇଁ ଦଳ ଦେଖିଥିବା ସ୍ୱପ୍ନ କେତେକାଂଶରେ ସାକାର ହେବାର ସମ୍ଭାବନା ସୃଷ୍ଟି ହୋଇଛି। ବିଜେପି ତ୍ରିପୁରା ଦଖଲ କରିବା ସହ ନାଗାଲ୍ୟାଣ୍ଡରେ ପୂର୍ବପରି ସରକାର ଗଠନ କରିବ ବୋଲି ଜନାଦେଶରୁ ସ୍ପଷ୍ଟ ହୋଇଛି। ତେବେ ମେଘାଳୟରେ ଦଳର ପ୍ରଦର୍ଶନ ସେତେଟା ଭଲ ନଥିଲେ ହେଁ ଏଠାରେ କଂଗ୍ରେସକୁ ଏକାକୀ ସରକାର ଗଠନ କରିବାକୁ ବିଜେପି ଦେବ ନାହିଁ ବୋଲି ପ୍ରତିଜ୍ଞାବଦ୍ଧ ହୋଇଛି। ଦେଶର ୨୯ଟି ରାଜ୍ୟ ଓ ୭ଟି କେନ୍ଦ୍ର ଶାସିତ ଅଞ୍ଚଳ ମଧ୍ୟରୁ ବିଜେପି ୨୦ଟି ଅଞ୍ଚଳରେ ନିଜ ସରକାର ଗଠନ କରିବାରେ ସମର୍ଥ ହୋଇଛି। କେଉଁଠି ବିଜେପି ଏକାକୀ ସରକାର ଗଠନ କରିବାରେ ସମର୍ଥନ ହୋଇଥିଲା ବେଳେ ଆଉ କେଉଁଠି ଅନ୍ୟଦଳକୁ ସାଥୀ କରି ସରକାର ଗଠନ କରିବାରେ ସକ୍ଷମ ହୋଇଛି। ଏବେ କେବଳ ବିଜେପ ହାତରେ ମେଘାଳୟ, ତାମିଲନାଡୁ (ଏଆଇଏଡିଏମକେ), କେରଳ (ଏଲ୍ଡିଏଫ୍), ତେଲେଙ୍ଗାନା (ଟିଆର୍ଏସ୍), ଓଡ଼ିଶା (ବିଜେଡି), ପଞ୍ଜାବ(କଂଗ୍ରେସ), ମିଜୋରାମ (କଂଗ୍ରେସ) ଓ ପଶ୍ଚିମବଙ୍ଗ (ଟିଏମ୍ସି) ନାହିଁ। ଏହାବାଦ୍ କେନ୍ଦ୍ର ଶାସିତ ଅଞ୍ଚଳ ଭାବେ ପରିଚିତ ପୁଡୁଚେରୀ (କଂଗ୍ରେସ) ଓ ଦିଲ୍ଲୀ(ଆପ୍)ରେ ମଧ୍ୟ ଅଣ ବିଜେପି ସରକାର ରହିଛି। ଏଇ ବର୍ଷ ଶେଷ ଆଡ଼କୁ କର୍ଣ୍ଣାଟକ ଓ ମିଜୋରାମ୍ରେ ଭୋଟ୍ ଗ୍ରହଣ ହେବ। ଏଠାରେ କ୍ଷମତା ଦଖଲ ପାଇଁ ବିଜେପି ଏବେଠାରୁ ତା'ର ରଣନୀତିକୁ ସୁଦୃଢ଼ କରିବାରେ ଲାଗିଛି। ଯଦି ଏହି ଦୁଇ ରାଜ୍ୟରେ ବିଜେପି ଜିତିବ, ତା'ହେଲେ ଦଳ ଭାରତ ଦଖଲ ସ୍ୱପ୍ନ ଆହୁରି ମଜଭୁତ ହୋଇପାରିବ।

# ୯୦ହଜାର ନୂଆ ନିଯୁକ୍ତି ଦେବ ରେଳବାଇ

**ନୂଆଦିଲ୍ଲୀ :** ରେଳବାଇ ଏବେ ୮୯,୫୦୦ ଜଣ ନୂଆ କର୍ମଚାରୀଙ୍କୁ ନିଯୁକ୍ତି ଦେବା ପ୍ରକ୍ରିୟା ଆରମ୍ଭ କରିଛି। ଏହାକୁ ବିଶ୍ୱର ବୃହତ୍ତମ ରିକ୍ରୁଟ୍ମେଣ୍ଟ ଏକ୍ସରସାଇଜ୍ ବୋଲି କୁହାଯାଉଛି। ରେଳବାଇରେ ଖାଲି ପଡ଼ିଥିବା ଆସିଷ୍ଟାଣ୍ଟ ଲୋକୋ ପାଇଲଟ୍, ଟେକ୍ନିସିଆନ୍, ଗ୍ୟାଙ୍ଗ୍ମ୍ୟାନ୍, ସୁଇଚ୍ମ୍ୟାନ୍, ଟ୍ରାକ୍ମ୍ୟାନ୍, କ୍ୟାବିନ୍ମ୍ୟାନ୍, ୱେଲ୍ଡର୍, ହେଲ୍ପର୍ ଓ ପୋର୍ଟର୍ ପଦବୀଗୁଡ଼ିକୁ ପୂରଣ କରାଯିବ। ସୁରକ୍ଷିତ ରେଳଯାତ୍ରା ସମ୍ପର୍କିତ କ୍ୟାଟୋଗୋରୀରେ ଇଞ୍ଜିନିୟରଙ୍କଠାରୁ ଆରମ୍ଭ କରି ହାଇସ୍କୁଲ୍ ପାସ୍ ହୋଇଥିବା ପ୍ରାୟ ୧ଲକ୍ଷ ଜଣଙ୍କୁ ଚାକିରି ଯୋଗାଇବାକୁ ରେଳବାଇ ଲକ୍ଷ୍ୟ ରଖିଛି। କେବଳ ଗ୍ରୁପ୍ 'ଡି' ଶ୍ରେଣୀରେ ଗ୍ୟାଙ୍ଗ୍ମ୍ୟାନ୍ ଓ ଟ୍ରାକ୍ମ୍ୟାନ୍ଙ୍କ ସମେତ ୬୨,୯୦୭ଟି ପଦବୀ ପୂରଣ କରାଯିବ। ସେହିଭଳି ୨୬,୫୦୦ଟି ଲୋକୋ ପାଇଲଟ୍, ଆସିଷ୍ଟାଣ୍ଟ ଲୋକୋ ପାଇଲଟ୍ ଓ ଅନ୍ୟ ପଦବୀ ମଧ୍ୟ ପୂରଣ କରଯିବ। ଏହି ନୂଆ ନିଯୁକ୍ତି ଦିଆଗଲେ ରେଳବାଇ କର୍ମଚାରୀଙ୍କ ଦରମା ବାବଦକୁ ବର୍ଷକୁ ଅଧିକ ୪,୦୦୦ କୋଟି ଟଙ୍କା ଖର୍ଚ୍ଚ କରିବ। ୨୦୧୬-୧୭ରେ ରେଳବାଇ କର୍ମଚାରୀଙ୍କ ଦରମା ଓ ଅନ୍ୟାନ୍ୟ ପ୍ରାପ୍ୟ ବାବଦକୁ ଖର୍ଚ୍ଚ କରିଥିଲା ୬୯,୭୧୩.୨୨ କୋଟି ଟଙ୍କା ଯାହା ୨୦୧୭-୧୮ରେ ୭୨,୭୦୫.୫୭ କୋଟି ଟଙ୍କାକୁ ବଢ଼ିଥିଲା। ୨୦୧୮-୧୯ରେ କର୍ମଚାରୀଙ୍କ ଦରମା ଓ ଅନ୍ୟାନ୍ୟ ପ୍ରାପ୍ୟ ବାବଦକୁ ରେଳବାଇ ୭୬,୪୫୧.୮୯ କୋଟି ଟଙ୍କା ଖର୍ଚ୍ଚ କରିବ। ଏବେ ରେଳବାଇରେ ସୁରକ୍ଷା ସମ୍ପର୍କିତ କ୍ୟାଟୋଗୋରୀରେ ୧ଲକ୍ଷ ୨୦ହଜାର ପଦବୀ ଖାଲି ରହିଛି। ପ୍ରତିବର୍ଷ ରେଳବାଇର ୪୦ରୁ ୪୫ହଜାର କର୍ମଚାରୀ ଅବସର ଗ୍ରହଣ କରୁଛନ୍ତି। ରେଳବାଇ କର୍ତ୍ତୃପକ୍ଷ ନୂଆ ନିଯୁକ୍ତି ପାଇଁ ପ୍ରାର୍ଥୀଙ୍କ ଶିକ୍ଷାଗତ ଯୋଗ୍ୟତାକୁ କୋହଳ କରିଛନ୍ତି। ଗ୍ୟାଙ୍ଗ୍ମ୍ୟାନ୍, ସୁଇଚ୍ମ୍ୟାନ୍, ଟ୍ରାକ୍ମ୍ୟାନ୍, କ୍ୟାବିନ୍ମ୍ୟାନ୍, ୱେଲ୍ଡର୍, ହେଲ୍ପର୍ ଆଦି ପଦବୀ ପାଇଁ ପ୍ରାର୍ଥୀଙ୍କର ଆଇଟିଆଇ ବା ତତ୍ତୁଲ୍ୟ ସାର୍ଟିଫିକେଟ୍ ଥିବା ଦରକାର ହେଉଥିଲା। ଏହାକୁ କୋହଳ କରାଯାଇ ୧୦ମ ପାସ୍ ସାର୍ଟିଫିକେଟ୍ ଥିଲେ ଜଣେ ଗ୍ୟାଙ୍ଗ୍ମ୍ୟାନ୍, ସୁଇଚ୍ମ୍ୟାନ୍, ଟ୍ରାକ୍ମ୍ୟାନ୍, କ୍ୟାବିନ୍ମ୍ୟାନ୍, ୱେଲ୍ଡର୍, ହେଲ୍ପର୍ ଆଦି ପଦବୀ ପାଇଁ ଆବେଦନ କରିପାରିବେ ବୋଲି ନୂଆ ନିୟମ ହୋଇଛି। ପୁଣି ସମସ୍ତ କ୍ୟାଟୋଗୋରୀରେ ପ୍ରାର୍ଥୀଙ୍କ ସର୍ବାଧିକ ବୟସ ସୀମାକୁ କୋହଳ କରାଯାଇ ୨ବର୍ଷ ବଢ଼ାଯାଇଛି।

### ଏଫ୍ଏଟିଏଫ୍ 'ଗ୍ରେ' ଲିଷ୍ଟିଂର ପ୍ରଭାବ

# ସଙ୍କଟର ସମ୍ମୁଖୀନ ହେବ ପାକ୍ ଅର୍ଥନୀତି

**ନୂଆଦିଲ୍ଲୀ :** ମନି ଲଣ୍ଡରିଂ, ଟେରର୍ ଫାଇନାନ୍ସିଂ ରୋକିବା ଲକ୍ଷ୍ୟରେ ପ୍ୟାରିସ୍ରେ ୧୯୮୯ରୁ କାର୍ଯ୍ୟ କରୁଥିବା ଅନ୍ତର୍ଜାତୀୟ ସଂସ୍ଥା ଫିନାନ୍ସିଆଲ୍ ଆକ୍ସନ୍ ଟାସ୍କ ଫୋର୍ସ ବା ଏଫ୍ଏଟିଏଫ୍ ଗତ ଶୁକ୍ରବାର ଦିନ ପାକିସ୍ତାନକୁ ଧୂସର ତାଲିକାଭୁକ୍ତ ବା 'ଗ୍ରେ' ଲିଷ୍ଟେଡ୍ କରିଛି। ପାକିସ୍ତାନର ବନ୍ଧୁ ରାଷ୍ଟ୍ର ଚୀନ ଓ ସାଉଦୀ ଆରବ ଏଫ୍ଏଟିଏଫ୍ ସଦସ୍ୟ ରାଷ୍ଟ୍ର ହୋଇଥିବା ସତ୍ତ୍ୱେ ପାକିସ୍ତାନକୁ 'ଗ୍ରେ' ଲିଷ୍ଟେଡ୍ କରାଯିବା ପାଇଁ ନିଷ୍ପତ୍ତି ନିଆଯିବା ବେଳେ ଆପତ୍ତି ଉଠାଇନଥିଲେ। 'ଗ୍ରେ' ଲିଷ୍ଟେଡ୍ କରାଯିବା ଅର୍ଥ ହେଉଛି ମନି ଲଣ୍ଡରିଂ ଓ ଟେରର୍ ଫାଇନାନ୍ସିଂ ଭଳି ଅର୍ଥନୀତିକ ଅପରାଧ ରୋକିବାକୁ ଯାହାସବୁ କରାଯିବା କଥା ତାହା ପାକିସ୍ତାନ ସରକାର କରୁନାହାନ୍ତି ବା ଯାହା କରୁଛନ୍ତି ତାହା ଆଦୌ ଯଥେଷ୍ଟ ନୁହେଁ। ଏଫ୍ଏଟିଏଫ୍'ର ଏହି ପଦକ୍ଷେପ ପାକିସ୍ତାନର ଅର୍ଥନୀତିକୁ ପ୍ରଭାବିତ କରିବ ଓ ପାକିସ୍ତାନ ଅର୍ଥନୀତିକ ସଙ୍କଟର ସମ୍ମୁଖୀନ ହେବ। ଏଫ୍ଏଟିଏଫ୍ର 'ଗ୍ରେ' ଲିଷ୍ଟ୍ରେ ଥିବା ଦେଶକୁ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି(ଆଇଏମ୍ଏଫ୍), ବିଶ୍ୱ ବ୍ୟାଙ୍କ, ଏସିଆନ୍ ଡେଭ୍ଲପମେଣ୍ଟ ବ୍ୟାଙ୍କ (ଏଡିବି) ଭଳି ଅନ୍ତର୍ଜାତୀୟ ଆର୍ଥିକ ପ୍ରତିଷ୍ଠାନ ଋଣ ଦେବାକୁ କୁଣ୍ଠିତ ହୋଇଥାନ୍ତି। ପୁଣି ମୁଡିଜ୍, ଷ୍ଟାଣ୍ଡାର୍ଡ ଆଣ୍ଡ ପୁଅର୍, ଫିଚ୍ ଭଳି ଅନ୍ତର୍ଜାତୀୟ ରେଟିଂ ସଂସ୍ଥାଗୁଡ଼ିକ 'ଗ୍ରେ' ଲିଷ୍ଟ୍ରେ ଥିବା ଦେଶର ରିସ୍କ ରେଟିଂ କମାଇଥାନ୍ତି ଅର୍ଥାତ୍ ସେ ଦେଶରେ ନିବେଶ ସୁରକ୍ଷିତ ନୁହେଁ ବା କମ୍ ସୁରକ୍ଷିତ ବୋଲି ଅନ୍ତର୍ଜାତୀୟ ନିବେଶକମାନଙ୍କୁ ସତର୍କ କରଇଥାନ୍ତି। ଆଇଏମ୍ଏଫ୍, ବିଶ୍ୱ ବ୍ୟାଙ୍କ ଓ ଏଡିବି ଭଳି ଅନ୍ତର୍ଜାତୀୟ ଆର୍ଥିକ ପ୍ରତିଷ୍ଠାନରୁ ଋଣ ପାଇବାରେ ଅସୁବିଧା ଦେଖାଦେଲେ ଓ ପାକିସ୍ତାନର ସଭରେନ୍ ତଥା କ୍ରେଡିଟ୍ ରେଟିଂ କମିଲେ ଅର୍ଥାତ୍ ରିସ୍କ ଡାଉନ୍ଗ୍ରେଡ୍ ହେଲେ ବିଦେଶୀ ଆର୍ଥିକ ପ୍ରତିଷ୍ଠାନଗୁଡ଼ିକ ପାକିସ୍ତାନକୁ କୋହଳ ସୁଧରେ ଋଣ ଦେବେନାହିଁ। ଫଳରେ ପାକିସ୍ତାନୀ ଷ୍ଟକ୍ ମାର୍କେଟ୍ ନିମ୍ନାଭିମୁଖୀ ହେବ। ତାହାର ସୁଯୋଗ ନେଇ ପାକିସ୍ତାନରେ ଚୀନ ତାହାର ନିବେଶ ପଦାଙ୍କ(ଫୁଟପ୍ରିଣ୍ଟ) ବଢ଼ାଇଚାଲିବ ଓ ପାକିସ୍ତାନର ଅର୍ଥନୀତିକୁ କବଳିତ କରିବାକୁ ଚାହିଁବ। ପାକିସ୍ତାନ ଏଫ୍ଏଟିଏଫ୍'ର 'ଗ୍ରେ' ଲିଷ୍ଟ୍ରେ ରହିବାରୁ ବିଦେଶୀ ଆର୍ଥିକ ପ୍ରତିଷ୍ଠାନ, ନିବେଶକ ଓ କମ୍ପାନୀଗୁଡ଼ିକ ପାକିସ୍ତାନର ବ୍ୟାଙ୍କ ସହ କାରବାର କରିବାକୁ ଆଗ୍ରହୀ ହେବେନାହିଁ। ତେଣୁ ବିଦେଶୀ ଦେଣନେଣ କମିବ ଓ ବୈଦେଶିକ ମୁଦ୍ରା ପ୍ରବାହ କ୍ଷୀଣ ହେବ। ଫଳରେ ପାକିସ୍ତାନର ଚଳନ୍ତି ଜମା ନିଅଣ୍ଟ (କରେଣ୍ଟ ଆକାଉଣ୍ଟ ଡେଫିସିଟ୍ ବା ସିଏଡି) ଯାହା ଏବେ ବହୁତ ଅଧିକ ରହିଛି ତାହା ଆହୁରି ଅଧିକ ବଢ଼ିବ। ପାକିସ୍ତାନ ଏଫ୍ଏଟିଏଫ୍'ର 'ଗ୍ରେ' ଲିଷ୍ଟ୍ରେ ରହିବାରୁ ଷ୍ଟାଣ୍ଡାର୍ଡ ଚାର୍ଟାର୍ଡ ଓ ସିଟି ବ୍ୟାଙ୍କ ଭଳି ଅନ୍ତର୍ଜାତୀୟ ବ୍ୟାଙ୍କ ପାକିସ୍ତାନରେ ସେମାନଙ୍କ ଶାଖାଗୁଡ଼ିକୁ ବନ୍ଦ କରିଦେବାକୁ ମଧ୍ୟ ନିଷ୍ପତ୍ତି ନେଇପାରନ୍ତି। ଏଫ୍ଏଟିଏଫ୍ 'ଗ୍ରେ' ଓ 'ବ୍ଲାକ୍'- ଦୁଇ ପ୍ରକାର ତାଲିକା ତିଆରି କରିଥାଏ। ପାକିସ୍ତାନ ଯଦି ମନି ଲଣ୍ଡରିଂ ଓ ଟେରର୍ ଫାଇନାନ୍ସିଂ ଭଳି ଅପରାଧ ରୋକିବାକୁ ଯଥୋଚିତ ପଦକ୍ଷେପ ନନିଏ ତେବେ ଏଫ୍ଏଟିଏଫ୍ ପାକିସ୍ତାନକୁ ବ୍ଲାକ୍ ଲିଷ୍ଟରେ ରଖିବ ଓ ପାକିସ୍ତାନ ସେତେବେଳେ ଅର୍ଥନୀତିକ ସଙ୍କଟର ଆବର୍ତ୍ତରେ ପଡ଼ିବ ଯେଉଁଥିରୁ ମୁକୁଳିବା କଷ୍ଟକର ବ୍ୟାପାର।

## ବ୍ୟାଙ୍କ୍ ଠକେଇ ରୋକିବା ପାଇଁ ଆସିବ ନୂଆ ଆଇନ

**ନୂଆଦିଲ୍ଲୀ :** ଦେଶରେ ବ୍ୟାଙ୍କ୍ଗୁଡ଼ିକରୁ କୋଟି କୋଟି ଟଙ୍କା ହଡ଼ପ କରି ବିଦେଶକୁ ପଳାଇ ଯାଉଥିବା ଠକଙ୍କ ସଂଖ୍ୟା ବଢ଼ି ବଢ଼ି ଚାଲିଛି। ଏଥିନେଇ ଦେଶବ୍ୟାପୀ ଅସନ୍ତୋଷ ପ୍ରକାଶ ପାଇବା ପରିପ୍ରେକ୍ଷୀରେ ଏସବୁର ଯେପରି ପୁନରାବୃତ୍ତି ନ ଘଟେ, ସେଥିନେଇ ସରକାର କଡ଼ା ଆଇନ ପ୍ରଣୟନ କରିବାକୁ ଯୋଜନା କରୁଛନ୍ତି। ମାର୍ଚ୍ଚ ୬ରୁ ଆରମ୍ଭ ହେବାକୁ ଯାଉଛି ସଂସଦର ବଜେଟ୍ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ। ଏହି ଅଧିବେଶନରେ ସରକାର ଏଥିପାଇଁ ବିଲ୍ ଆଗତ କରିବାର ସମ୍ଭାବନା ରହିଛି। ଭାରତୀୟ ଆଇନ ଜାଲରୁ ବର୍ତ୍ତିବା ପାଇଁ ବଡ଼ ବଡ଼ ଆର୍ଥିକ ଠକେଇରେ ସମ୍ପୃକ୍ତ ବ୍ୟକ୍ତିମାନେ ବିଦେଶକୁ ପଳାଉଥିବାରୁ ତାକୁ ଯେପରି ରୋକାଯାଇ ପାରିବ, ସେଥିପାଇଁ ଏହି ବିଲ୍ରେ ବ୍ୟବସ୍ଥା ରହିବ। ତେବେ ଏଥିପାଇଁ ପ୍ରସ୍ତୁତ ହୋଇଥିବା ଚିଠା ବିଲ୍ ଅନୁସାରେ ଯେଉଁ ଠକଙ୍କ ବିରୋଧରେ ୱାରେଣ୍ଟ ଜାରି ହୋଇଛି ଏବଂ ଯେଉଁମାନେ ବିଦେଶ ପଳାଉଛନ୍ତି, ସେମାନେ ଫେରାର ଆର୍ଥିକ ଅପରାଧୀ ଭାବେ ବିବେଚିତ ହେବେ। ଏପରି କ୍ଷେତ୍ରରେ କ୍ଷେତ୍ରରେ ଭାରତରେ ଥିବା ସେମାନଙ୍କ ସମ୍ପତ୍ତିକୁ ଚିହ୍ନଟ କରି ବାଜ୍ୟାପ୍ତ କରାଯିବ। ଯେଉଁମାନେ ଦେଶ ଛାଡ଼ି ପଳାଇଯିବାର ସମ୍ଭାବନା ରହିଛି, ସେମାନଙ୍କୁ ଚିହ୍ନଟ କରି ଆଗୁଆ ସେମାନଙ୍କ ପାସ୍ପୋର୍ଟ ରଦ୍ଦ କରାଯିବ। ସରକାରଙ୍କ ଏହି ଯୋଜନା ଅନୁସାରେ ବିଭିନ୍ନ କମ୍ପାନୀର ବିଦେଶୀ କାରବାର ଉପରେ ନଜର ରଖାଯିବ। ରିଜର୍ଭ ବ୍ୟାଙ୍କ୍ ଓ ଫାଇନାନ୍ସିଆଲ୍ ଇଣ୍ଟେଲିଜେନ୍ସ ୟୁନିଟ୍ ଏସବୁ କାରବାର ଉପରେ ନଜର ରଖିବେ ଓ ସନ୍ଦେହ ହେଲେ ସରକାରଙ୍କୁ ସତର୍କ କରାଇଦେବେ। ଅଧିକ ସନ୍ଦେହ ହେଲେ ସେମାନଙ୍କ ପାସ୍ପୋର୍ଟ ରଦ୍ଦ କରାଯିବ।

# ୨୦୩୦ ସୁଦ୍ଧା ଇଲେକ୍ଟ୍ରିକ୍ ଭେଇକିଲ୍ ଟାର୍ଗେଟ୍ ପୂରଣ କରିବ ଭାରତ

**ନୂଆଦିଲ୍ଲୀ :** ଏବେ ଭାରତରେ ଏକ କ୍ଷୁଦ୍ର କାର୍ର ଏକ୍ସ ଶୋ'ରୁମ୍ ଦାମ୍ ୬ହଜାରରୁ ୮ହଜାର ଡଲାର୍ ଭିତରେ ରହୁଛି। ବାସ୍ତବରେ ଏକ କ୍ଷୁଦ୍ର କାର ଏବେ ଦେଶରେ ୧୦ହଜାର ଡଲାର୍ ଭିତରେ ମିଳୁଛି। ଥରକର ଚାର୍ଜରେ ୩୮୦ କିମି ଯାଇପାରୁଥିବା ଏକ ଲଙ୍ଗ୍-ରେଞ୍ଜ୍ ଇଲେକ୍ଟ୍ରିକ୍ କାର୍ର ଦାମ୍ ପ୍ରାୟ ୨୧,୫୦୦ ଡଲାର୍ ରହିବା ଆଶା କରାଯାଉଛି। ୨୦୨୫ ବେଳକୁ ସେହିପରି ଥରେ ଚାର୍ଜରେ ୧୯୦ କିମି ଯାଇପାରୁଥିବା ଏକ ମଧ୍ୟମ-ରେଞ୍ଜ୍ ଇଲେକ୍ଟ୍ରିକ୍ କାର୍ର ଦାମ୍ ପ୍ରାୟ ୧୬ହଜାର ଡଲାର୍ ରହିବ ବୋଲି ଆକଳନ କରାଯାଇଛି। ଅର୍ଥାତ୍ ବ୍ୟାଟେରୀ କଷ୍ଟ ରହିବ କିଲୋୱାଟ୍ ପ୍ରତି ୧୩୦ଡଲାର୍। ବର୍ତ୍ତମାନର ଟଙ୍କା-ଡଲାର ବିନିମୟ ରେଟ୍ରେ ୧୬ହଜାର ଡଲାର୍ ହେଉଛି ପ୍ରାୟ ୧୦ଲକ୍ଷ ୪୦ହଜାର ଟଙ୍କା। ଏବେ ଦେଶରେ ଏଣ୍ଟ୍ରି-ଲେଭେଲ୍ ଏସ୍ୟୁଭି ପ୍ରାୟ ସେତିକି ଦାମ୍ରେ ମିଳୁଛି। ବ୍ୟାଟେରୀ କଷ୍ଟ କମିବାରେ ଲାଗିଥିବା ସତ୍ତ୍ୱେ ବଡ଼ ପରିମାଣର ସରକାରୀ ସବ୍ସିଡି ନମିଳିଲେ ଏକ ଲଙ୍ଗ୍-ରେଞ୍ଜ୍ ଇଲେକ୍ଟ୍ରିକ୍ କାର୍ର ଦାମ୍ ତୁଳନାତ୍ମକ ଭାବେ ବହୁତ ଉଚ୍ଚା ରହିବ। ବ୍ୟାଙ୍କ ଅଫ୍ ଆମେରିକା-ମେରିଲ୍ ଲିଞ୍ଚ୍ ପକ୍ଷରୁ ପ୍ରସ୍ତୁତ ଏକ ରିପୋର୍ଟରେ ଲେଖାଅଛି ଯେ ୨୦୨୫ ବେଳକୁ ବିଶ୍ୱରେ ଲାଇଟ୍ ଭେଇକିଲ୍ ସେଗ୍ମେଣ୍ଟରେ ଇଲେକ୍ଟ୍ରିକ୍ କାର୍ର ଭାଗ ବା ସଂଖ୍ୟା ୧୨% ରହିବ। ୨୦୩୦ ବେଳକୁ ଏହି ଭାଗ ୩୪%କୁ ଓ ୨୦୫୦ ବେଳକୁ ଏହା ୯୦%ରେ ପହଞ୍ଚିବ। ୨୦୩୦ ବେଳକୁ ବିଶ୍ୱରେ ଯେତେ ଇଲେକ୍ଟ୍ରିକ୍ କାର୍ ବିକ୍ରି ହେଉଥିବ ତାହାର ଅଧା ଚୀନରେ ନିର୍ମିତ ହୋଇଥିବ। ଭାରତ ତାହାର ଇଲେକ୍ଟ୍ରିକ୍ ଭେଇକିଲ୍ ଟାର୍ଗେଟ୍ ୨୦୩୦ସୁଦ୍ଧା ପୂରଣ



କରିବାକୁ ଯୋଜନା ରଖିଛି। ମାରୁତିର ମୂଳ କମ୍ପାନୀ ସୁଜୁକି ଏବେ ଟୟୋଟା ମୋଟର୍ସ ସହ ଏକ ରାଜିନାମାରେ ଉପନୀତ ହୋଇଛି। ଯଦି ସବୁ ଠିକ୍ରେ ଯୋଜନା ଅନୁଯାୟୀ ଚାଲେ ତେବେ ଦୁଇ ବର୍ଷରୁ କମ୍ ସମୟରେ ଭାରତରେ ମାରୁତିର ପ୍ରଥମ ଇଲେକ୍ଟ୍ରିକ୍ କାର୍ କିଣିବାକୁ ମିଳିବ। ସୁଜୁକି ଓ ଟୟୋଟା ମିଶି ଉଦ୍ୟମ କଲେ ଭାରତରେ ବିକ୍ରି ହେବା ପାଇଁ ଓ ବିଦେଶକୁ ରପ୍ତାନି ପାଇଁ ଯଥେଷ୍ଟ ସଂଖ୍ୟାରେ ଇଲେକ୍ଟ୍ରିକ୍ କାର୍ ନିର୍ମାଣ କରିପାରିବେ ତେଣୁ କାର୍ ପିଛା ନିର୍ମାଣ ଖର୍ଚ୍ଚ କମ୍ ପଡ଼ିବ। ସୁଜୁକି ଭାରତରେ ସମସ୍ତ ପ୍ରକାରର ଭେଲ୍ୟୁ ଚେନ୍ ନିର୍ମାଣ କରିବ ଓ ସେଥିପାଇଁ ବଡ଼ ପରିମାଣର ନିବେଶ କରିବ। ପୁଣି ତୋଷିବା ସହ ଯୌଥଉଦ୍ୟୋଗ ଗଢ଼ି ସୁଜୁକି ଏକ ଲିଥିୟମ୍-ଆୟନ୍ ବ୍ୟାଟେରୀ ମାନୁଫାକ୍ଚରିଂ ପ୍ଲାଣ୍ଟ ପ୍ରତିଷ୍ଠା କରୁଛି। ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ମଧ୍ୟ ଭାରତୀୟ ଇଲେକ୍ଟ୍ରିକ୍ କାର୍ କମ୍ପାନୀ 'ରେଭା'ରେ ମେଜରିଟି ଷ୍ଟେକ୍ କିଣି 'ମହିନ୍ଦ୍ରା ରେଭା ଇଲେକ୍ଟ୍ରିକ୍ ଭେଇକିଲ୍' ଭାବେ 'ରେଭା'ର ରି-ବ୍ରାଣ୍ଡିଂ କରିଛି। ଭାରତ ଯଦି ଶେୟାର୍ଡ, ଇଲେକ୍ଟ୍ରିକ୍ ଓ କନେକ୍ଟେଡ୍ ମୋବିଲିଟି ସିଷ୍ଟମ୍କୁ ଯାଏ ତେବେ ୨୦୩୦ ସୁଦ୍ଧା ଦେଶରେ ୪କୋଟି ୬୦ଲକ୍ଷ ଇଲେକ୍ଟ୍ରିକ୍ ଯାନ ବିକ୍ରି ହେବ। ଦେଶ ୨୦ଲକ୍ଷ କୋଟି ଟଙ୍କା କେବଳ ୮୭୬ ନିୟୁତ ଟନ୍ର ତୈଳ ବିଲ୍ ବାବଦକୁ ସଞ୍ଚୟ କରିପାରିବ ଓ ୧ ଗିଗାଟନ୍ କାର୍ବନ୍ ଡାଇଅକ୍ସାଇଡ୍ ନିର୍ଗମନ କମାଇ ପାରିବ।

# ବାଇକ୍ ଲୁଟେରାଙ୍କ ଉନ୍ମତ୍ତ କାଣ୍ଡ

**ସୋର :** ବାଲେଶ୍ୱର ଜିଲ୍ଲା ସୋର ନିକଟସ୍ଥ ଖନ୍ତାପଡା ଥାନା ଗୋପାଳପୁର ଅଞ୍ଚଳରେ ଗତ କେଇ ଦିନ ମଧ୍ୟରେ ଦୁର୍ବୃତ୍ତ ମାନେ ବିଳମ୍ବିତ ରାତ୍ରୀରେ ବିଭିନ୍ନ ସ୍ଥାନରେ ୫ଜଣଙ୍କୁ ମାରଣାସ୍ତ୍ରରେ ହାଣି ଟଙ୍କା ମୋବାଇଲ ଲୁଟ କରିଥିବାର ଅଭିଯୋଗ ଆସିଛି । ଆହାତ ସମସ୍ତଙ୍କୁ ଗୋପାଳପୁର ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି । ଖବରରୁ ଜଣା ପଡିଛି ସୋର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ପଣ୍ଡାଶୁଣି ଛକ ନିକଟରେ ରାତ୍ରୀ ପ୍ରାୟ ୧୧ଟା ସମୟରେ ନିକଟସ୍ଥ ଇଟା କାରଖାନାରୁ କାମକରି ଫେରୁଥିବା ସିଲୁ ସିଂ ଙ୍କୁ ଆକ୍ରମଣ କରି ୨ଜଣ ବାଇକ ଆରୋହି ଟଙ୍କା ଓ ମୋବାଇଲ ଛଡାଇ ନେଇଥିଲେ । ଠିକ୍ ସେହିପରି ମୁଗୁରା ଛକ ନିକଟରେ ନିଳକଣ୍ଠପୁର ଦାମୋଦର ମାଝିଙ୍କ ପୁଅ ଭାଗବତଙ୍କୁ ଆକ୍ରମଣ କରି ଗ୍ଲାମର ବାଇକ୍, ଟଙ୍କା ଓ ମୋବାଇଲ ଛଡାଇ ନେଇଥିଲେ । ସେହିଦିନ ବିଳମ୍ବିତ ରାତ୍ରୀରେ ତାଳକୁରୁଣିଆ ପଞ୍ଚାୟତର ରାଢୁଆ ଗ୍ରାମରେ ୩ ଭାଇ ଘରକୁ ଫେରୁଥିବା ସମୟରେ ଏହି ମାନଙ୍କ ଆକ୍ରମଣ ର ଶିକାର ହୋଇଥିଲେ । ତେବେ ଗାଁ ମୁଣ୍ଡରେ ଏହି ଦୁର୍ବୃତ ମାନେ ୨ଟି ବାଇକରେ ୬ଜଣ ୩ଜଣଙ୍କୁ ଆର୍କମଣ କରି ପ୍ରାୟ ୧୦ହଜାର ଟଙ୍କା ମୋବାଇଲ, ଲ୍ୟାପଟପ, ବାଇକ ଇତ୍ୟାଦି ନେଇ ଫେରାର ହୋଇଯାଇଥିଲେ । ଏପରି ସିରିଏଲ ଲୁଟ୍ ବହୁବାର ଘଟୁଥିଲେ ମଧ୍ୟ ପୋଲିସ ଏହାର କୌଣସି ସଠୀକ୍ ଖବର ପାଇବାରେ ଫେଲ ମାରୁଛି । ବାରମ୍ବାର ସିରିଏଲ ଲୁଟ୍, ଛିନ୍ତାଇ କରୁଥିବା କିଛି ଯୁବକ ବିଭିନ୍ନ ଜିମ ରୁ ଟ୍ରେନିଙ୍ଗ୍ ପାଇ ଫିଲ୍ମ ଷ୍ଟାଇଲରେ ଲୁଟ କରି ମଦ ମାଂସ ଖାଇ ମଉଜ କରୁଥିବାର ସ୍ଥାନୀୟ ଅଧିବାସୀଙ୍କ ଅଭିଯୋଗ ଆସୁଛି । ଏପରି ଲୁଟ୍ ଘଟଣାରେ ପୋଲିସ ପ୍ରସାସନ ପାଇଁ ମୁଣ୍ଡ ବିନ୍ଧାର କାରଣ ହୋଇଛି ।

# 'କୃଷକମାନଙ୍କୁ ଦିନରେ ଲଣ୍ଠନ ଦେଖାଇବା ବନ୍ଦ କରୁ କେନ୍ଦ୍ର'

**ଭୁବନେଶ୍ୱର :** ଭୁବନେଶ୍ୱର ଗସ୍ତରେ ଥିବା କେନ୍ଦ୍ର କୃଷିମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ ଏକ ଘରୋଇ ଆଞ୍ଚଳିକ ଟିଭି ଚାନେଲ୍ କାର୍ଯ୍ୟକ୍ରମରେ ଯୋଗଦେଲା ବେଳେ କୃଷକମାନଙ୍କୁ ଯେପରି ଦିନରେ ଲଣ୍ଠନ ଦେଖାଇବାକୁ ଉଦ୍ୟମ କରିଛନ୍ତି, ତାହା ବନ୍ଦ କରନ୍ତୁ ବୋଲି ବିଜେଡି ରାଜ୍ୟ ସଂପାଦକ ବିଜୟ ନାୟକ କହିଛନ୍ତି। ଦୁଇପଟେ ଧାର ଥିବା ଛୁରୀ ଭଳି ସେ ଗୋଟିଏ ପଟେ ଚାଷୀ ଓ ଚାଷର ଉନ୍ନତି ପାଇଁ ସଂଘୀୟ ସହଯୋଗର ଆବଶ୍ୟକତା ରହିଛି ବୋଲି କହିଲା ବେଳେ କେନ୍ଦ୍ର ଏ ଦିଗରେ ଓଡ଼ିଶା ତଥା ସାରା ଦେଶର ଚାଷୀମାନଙ୍କ ଓ ଚାଷର ଉନ୍ନତି ଲାଗି କ'ଣ କରିଛି ତାହା କହିନାହାନ୍ତି। ବରଂ ବଜେଟ୍ ଆଗତ ହେଲା ବେଳେ କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲି କହିଥିଲେ, ଚାଷୀଙ୍କୁ ଫସଲ ଉତ୍ପାଦନ ଖର୍ଚ୍ଚର ଦେଢ଼ଗୁଣା ଏମ୍‌ଏସ୍‌ପି ଦିଆଯିବ। ଅଥଚ ଏହାର ମୂଲ୍ୟ ନିର୍ଦ୍ଧାରଣ କେମିତି ହେବ, ସେ ସଂପର୍କରେ କିଛି ସ୍ପଷ୍ଟ କରିନଥିଲେ। ସେପରି ସ୍ଥଳେ ପୁନର୍ବାର କେନ୍ଦ୍ର କୃଷି ରାଷ୍ଟ୍ରମନ୍ତ୍ରୀ ମଧ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି ଦାବି ଠିକ୍ ନୁହେଁ ବୋଲି ଭୁବନେଶ୍ୱରରେ କହିବା ପରେ କେନ୍ଦ୍ର ନିଷ୍ପତ୍ତି କାର୍ଯ୍ୟକାରୀ ହେବା ନେଇ ସନ୍ଦେହ ସୃଷ୍ଟି ହୋଇଛି। ଶ୍ରୀ ଶେଖାୱତ ମଧ ଯେଉଁ ପ୍ରସଂଗରେ କହୁଥିଲେ, ସେଥିରେ ଚକଡ଼ା ପୋକ କଥା ଜୋର ଜବରଦସ୍ତ ଉଠାଇଛନ୍ତି, ଯାହା ରାଜ୍ୟ ସରକାରଙ୍କୁ ନିନ୍ଦିତ କରିବା ଏହାର ମୂଳ ଲକ୍ଷ୍ୟ। ଶ୍ରୀ ଶେଖାୱତ ଯଦି କହୁଛନ୍ତି ଯେ ସଂଘୀୟ ସହଯୋଗରେ କୃଷି ଓ କୃଷକଙ୍କ ବକାଶ ଘଟିବ, ତେବେ ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ ହୋଇଥିବାରୁ ଏ ରାଜ୍ୟର କୃଷି ଓ କୃଷକଙ୍କ ଉନ୍ନତି ଲାଗି କେନ୍ଦ୍ର ସରକାର କି କି ନିର୍ଦ୍ଦିଷ୍ଟ ଯୋଜନା କରିଛନ୍ତି ? ରାଜ୍ୟର କୃଷି କ୍ଷେତ୍ରରେ ତଦ୍ୱାରା କେତେ ଉନ୍ନତି ଘଟିଛି ଓ ଚାଷୀମାନଙ୍କ ଆୟ କେତେ ବଢ଼ିଛି, ସେ ସଂପର୍କରେ କେନ୍ଦ୍ର ମନ୍ତ୍ରୀ କିଛି କହିଲେନି କାହିଁକି ? ସେ ସ୍ପଷ୍ଟ ଭାବେ ଶୁଣାଇ ଦେଇଛନ୍ତି, କୌଣସି ଗୋଟିଏ ରାଜ୍ୟ ପାଇଁ ଏମ୍‌ଏସ୍‌ପି ବୃଦ୍ଧି କରିହେବ ନାହିଁ। ସେପରି ନହେଲେ ଏହି ସମସ୍ୟାର ସମାଧାନ ପନ୍ଥା କେନ୍ଦ୍ର ସରକାର ଗ୍ରହଣ କରୁନାହାନ୍ତି କାହିଁକି ? ଦୀର୍ଘବର୍ଷ ଧରି ବିଜେଡି ପକ୍ଷରୁ କେନ୍ଦ୍ର ନିକଟରେ ୟୁପିଏ ଓ ଏନ୍‌ଡିଏ ମେଣ୍ଟ କ୍ଷମତାରେ ଥିବାବେଳେ ଏକ ସମାନ ଦାବି କରାଯାଉଛି ଓ ଆଜି ମଧ ସେହି ଦାବିକୁ ଓଡ଼ିଶାବାସୀ, ରାଜ୍ୟ ସରକାର ଓ ବିଜେଡି ବାରମ୍ବାର ଦୋହରାଇ ଆସୁଛନ୍ତି। ତା'ହେଲା ଓଡ଼ିଶା ଏକ ଦରିଦ୍ର ରାଜ୍ୟ ହୋଇଥିବାରୁ ଏହାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ତାଲିକାଭୁକ୍ତ କରାଯାଉ। ଯଦି ମନ୍ତ୍ରୀ କହୁଛନ୍ତି, ଏମ୍‌ଏସ୍‌ପି ବଢ଼ିବା ବିକଳ୍ପ ନୁହେଁ ଓ ଚାଷୀ ଓ ଚାଷର ଉନ୍ନତି ଲାଗି କେନ୍ଦ୍ରର ସହଯୋଗ ଜରୁରୀ, ତେବେ ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଅନ୍ତର୍ଭୁକ୍ତ କଲେ ଏହି ସମସ୍ୟାଗୁଡିକର ସମାଧାନର ପନ୍ଥା ଖୋଲିପାରନ୍ତା। କେନ୍ଦ୍ର ମନ୍ତ୍ରୀ ଏହା କହିବାକୁ ଡରୁଛନ୍ତି କାହିଁକି ?

# ପୁଣି ୫୦୦କୋଟିର ଋଣ ଆଣିଲା ଓଡ଼ିଶା

**ଭୁବନେଶ୍ୱର :** ରାଜ୍ୟ ସରକାର ପୁଣି ୫୦୦ କୋଟି ଟଙ୍କାର ଋଣ ଆଣିବେ। ଚଳିତମାସ ୨୭ତାରିଖରେ ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ଇ-ନିଲାମୀ ମାଧ୍ୟମରେ ନିଜର ଷ୍ଟକ୍ ବିକ୍ରି କରି ରାଜ୍ୟ ସରକାର ଏହି ଅର୍ଥ ସଂଗ୍ରହ କରିବେ। ଉଲ୍ଲେଖଯୋଗ୍ୟ, ୨୦୧୭-୧୮ ଆର୍ଥିକ ବର୍ଷରେ ଏପର୍ଯ୍ୟନ୍ତ ରାଜ୍ୟ ସରକାର ମୋଟ ୮ହଜାର କୋଟି ଟଙ୍କା ଋଣ ଆଣିସାରିଲେଣି। ରାଜ୍ୟ ଅର୍ଥ ବିଭାଗ ପକ୍ଷରୁ ଜାରି ସୂଚନା ଅନୁସାରେ ଫେବୃଆରୀ ୨୭ତାରିଖରେ ରାଜ୍ୟ ସରକାର ନିଜର ଷ୍ଟକ୍ ବିକ୍ରି କରି ୫୦୦କୋଟି ଟଙ୍କାର ଋଣ ଆଣିବେ। ଏହି ଋଣକୁ ୫ବର୍ଷ ମଧ୍ୟରେ ଅର୍ଥାତ୍ ୨୦୨୩ ଫେବୃଆରୀ ମାସ ସୁଦ୍ଧା ପରିଶୋଧ କରାଯିବ। ସୂଚନାଯୋଗ୍ୟ ରାଜ୍ୟ ସରକାର ଗତମାସ ୧୨ତାରିଖରେ ମଧ ୧ହଜାର କୋଟି ଟଙ୍କାର ଋଣ ଆଣିଥିଲେ। ଚଳିତ ଆର୍ଥିକ ବର୍ଷରେ ପ୍ରତି ମାସ ସରକାର ଖୋଲା ବଜାରରୁ ୫୦୦ରୁ ୧୦୦୦ କୋଟି ଟଙ୍କା ଋଣ ଆଣୁଛନ୍ତି। ୨୦୧୭ ଡିସେମ୍ବର ୮ରେ ୫୦୦ କୋଟି ଟଙ୍କା ଓ ନଭେମ୍ବରରେ ୨ଥରରେ ମୋଟ ୧ହଜାର କୋଟି ଟଙ୍କା ଋଣ ଆଣିଥିବା ଜଣାପଡ଼ିଛି। ଚଳିତ ଆର୍ଥିକ ବର୍ଷରେ ୧୬ହଜାର କୋଟି ଟଙ୍କାର ଋଣ ଆଣିବାକୁ ଲକ୍ଷ୍ୟ ରଖାଯାଇଛି।

# ବିଏମ୍‌ସି ବଜେଟ୍‌ରେ ସ୍ୱଚ୍ଛତାକୁ ଗୁରୁତ୍ୱ




**ଭୁବନେଶ୍ୱର :** ଆସନ୍ତା ୨୦୧୮-୧୯ ଆର୍ଥିକ ବର୍ଷ ପାଇଁ ବିଏମ୍‌ସି ପୂର୍ଣ୍ଣାଙ୍ଗ ବଜେଟ୍ ଆଗତ କରିଛି। ୪୩୦ କୋଟି ଟଙ୍କାର ଏହି ବଜେଟ୍‌ରେ ନିଜସ୍ୱ ଆୟ ୧୦୭ କୋଟି ଟଙ୍କା ଥିଲା ବେଳେ କେନ୍ଦ୍ରୀୟ ଅନୁଦାନ ୨୨୮ କୋଟି ଟଙ୍କା ରହିଛି। ବ୍ୟୟ ରହିଛି ୧୭୮ କୋଟି ଟଙ୍କା। କଠିନ ବର୍ଜ୍ୟ ପରିଚାଳନା ପାଇଁ ୬୭ କୋଟି ଟଙ୍କା ବ୍ୟବସ୍ଥା କରାଯାଇଛି। ସେହିପରି ପଛୁଆ ୬ଟି ୱାର୍ଡ ପାଇଁ ଅଧିକ କୋଟିଏ ଟଙ୍କା ଲେଖାଏଁ ବ୍ୟୟ ବରାଦ କରାଯାଇଛି। ଗ୍ରାମାଞ୍ଚଳ ୱାର୍ଡର ବିକାଶ ସମେତ ପରିମଳ, ସ୍ୱାସ୍ଥ୍ୟ ଏବଂ ପୌର ସେବା ଯୋଗାଇ ଦେବାକୁ ବଜେଟ୍‌ରେ ବ୍ୟବସ୍ଥା କରାଯାଇଛି। ଏହି ବଜେଟ୍ ହେଉଛି ଚଳିତ କର୍ପୋରେସନ୍‌ର ଶେଷ ବଜେଟ୍। ଆସନ୍ତା ବଜେଟ୍ ବେଳକୁ ନୂତନ ନିର୍ବାଚିତ କର୍ପୋରେଟରମାନେ ଦାୟିତ୍ୱ ଗ୍ରହଣ କରିସାରିଥିବେ। ଚଳିତ ବର୍ଷ ସମୁଦାୟ ୩୬୪ କୋଟି ୩୧ ଲକ୍ଷ ଟଙ୍କା ଆୟ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଏଥିସହିତ ଗତ ବର୍ଷର ବଳକା ପାଣ୍ଠି ୬୫ କୋଟି ୮୬ ଲକ୍ଷ ଟଙ୍କାକୁ ମିଶାଇ ୪୩୦ କୋଟି ଟଙ୍କା ହେବ ବୋଲି ବଜେଟ୍‌ରେ ଉଲ୍ଲେଖ କରାଯାଇଛି। ଆୟ ମଧ୍ୟରେ ହୋଲ୍ଡିଂ ଟ୍ୟାକ୍ସ ବାବଦରେ ୪୬.୪୯ କୋଟି, ବିଜ୍ଞାପନ ସୂତ୍ରରୁ ୧୮ କୋଟି, ପାର୍କିଂ ରାଜସ୍ୱ ୪.୯୦ କୋଟି ଏବଂ ସୁଧ ବାବଦକୁ ୧୫ କୋଟି ଟଙ୍କା ରହିଛି। ପଛୁଆ ରହିଥିବା ୱାର୍ଡ ଗୁଡ଼ିକୁ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଚଳିତ ବଜେଟ୍‌ରେ ବ୍ୟବସ୍ଥା କରାଯାଇଛି। ବଜେଟ୍‌ରେ ସହରର ସମସ୍ତ ଅଞ୍ଚଳର ବିକାଶକୁ ପ୍ରାଧାନ୍ୟ ଦେବା ସହ ବିଏମ୍‌ସିର ୧୩ଟି ପଛୁଆ ୱାର୍ଡକୁ ନେଇ ସ୍ୱତନ୍ତ୍ର ବିକାଶ ଖସଡ଼ା ପ୍ରସ୍ତୁତ କରାଯାଇଛି। ପ୍ରତ୍ୟେକ ୱାର୍ଡ ପିଛା ଦେଢ଼ କୋଟି ଟଙ୍କାର ୱାର୍ଡ ବଜେଟ୍ କରାଯାଇଥିବା ବେଳେ କର୍ପୋରେଟର୍‌ମାନଙ୍କୁ ଡିସେମ୍ବର ଶେଷ ସୁଦ୍ଧା ଏକ କୋଟି ଏବଂ ଜାନୁଆରି ମାସରେ ୫୦ ଲକ୍ଷ ଟଙ୍କାର ବ୍ୟୟ ଅଟକଳ ଦେବାକୁ ପଡ଼ିବ। ଏଥିପାଇଁ ୧୩ଟି ୱାର୍ଡକୁ ଚିହ୍ନଟ କରାଯାଇଛି। ପ୍ରତି ୱାର୍ଡକୁ ମିଳିଥିବା ଦେଢ଼ କୋଟି ଟଙ୍କା ସହିତ ଅଧିକ ୬ଟି ୱାର୍ଡକୁ ଅଧିକ କୋଟିଏ ଓ ୭ଟି ୱାର୍ଡକୁ ୫୦ ଲକ୍ଷ ଟଙ୍କା ମିଳିବାର ବ୍ୟବସ୍ଥା ରହିଛି। ପ୍ରତ୍ୟେକ ୱାର୍ଡରେ ଏବେ ପାର୍କ ଓ କଲ୍ୟାଣ ମଣ୍ଡପ ନିର୍ମାଣ ହେବ। ରାଜଧାନୀର ପଛୁଆ ୱାର୍ଡଗୁଡ଼ିକ ପାଇଁ ବଜେଟ୍‌ରେ ଦୁଇଟି ଶ୍ରେଣୀ ବିଭାଗ କରାଯାଇଛି। ପ୍ରଥମ ଗ୍ରୁପ୍‌କୁ କ୍ୟାଟେଗୋରି 'ଏ' ଭାବରେ ରଖାଯାଇଛି। ଯେଉଁଥିରେ ୱାର୍ଡ ନମ୍ବର ୪, ୫, ୧୮, ୨୩, ୪୯ ଏବଂ ୬୫ ନମ୍ବର ୱାର୍ଡ ରହିଛି। ଏହି ସବୁ ୱାର୍ଡରେ ବିକାଶମୂଳକ କାର୍ଯ୍ୟ ପାଇଁ କୋଟିଏ ଟଙ୍କା ଲେଖାଏଁ ସ୍ୱତନ୍ତ୍ର ଅନୁଦାନ ଦିଆଯିବ। ସେହିପରି କ୍ୟାଟେଗୋରି 'ବି'ରେ ୩, ୨୨, ୪୪, ୫୯, ୬୪,୬୬ ଏବଂ ୬୭ ନମ୍ବର ୱାର୍ଡ ରହିଛି। ଏହି୭ଟି ୱାର୍ଡଗୁଡ଼ିକୁ ଅଧିକ ୫୦ଲକ୍ଷ ଟଙ୍କା ଲେଖାଏଁ ଦିଆଯିବ। ଚଳିତ ବର୍ଷ କଠିନ ବର୍ଜ୍ୟ ପରିଚାଳନା ପାଇଁ ୬୭ କୋଟି ୭୯ ଲକ୍ଷ ଟଙ୍କା ରଖାଯାଇଛି। ସେହିପରି ଅନ୍ୟାନ୍ୟ ପରିମଳ ଖର୍ଚ୍ଚ ବାବଦକୁ ୭୭. ୮୬ ଟଙ୍କା ବ୍ୟୟବରାଦ କରାଯାଇଛି। ଆହାର, ଓ କୁକୁର ବନ୍ଧ୍ୟାକରଣ ବାବଦକୁ ୨୧ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। କର୍ପୋରେସନ୍ ବୈଠକରେ ଅର୍ଥ କମିଟିର ଅଧ୍ୟକ୍ଷ ସେକ୍ ନିଜାମୁଦ୍ଦିନ୍ ବଜେଟ୍ ଉପସ୍ଥାପନ କରିଥିଲେ। ଆଜି ପୂର୍ଣ୍ଣାଙ୍ଗ ବଜେଟ୍ ଆଗତ ହେବା ପରେ ଏବେ ଏହାର ଅନୁମୋଦନ ପାଇଁ ରାଜ୍ୟ ସରକାରଙ୍କ ନିକଟକୁ ପଠାଯିବ। ସମସ୍ତ ଅଞ୍ଚଳର ବିକାଶ ପାଇଁ ଗୁରୁତ୍ୱ ଦିଆଯିବ ବୋଲି ମେୟର୍ ଅନନ୍ତ ନାରାୟଣ ଜେନା କହିଛନ୍ତି। ସେହିପରି ସହରର ଡ୍ରେନେଜ୍ ବ୍ୟବସ୍ଥାକୁ ସୁପରିଚାଳନା କରିବା ପାଇଁ ସମସ୍ତ ବିଭାଗ ସହ ଯୋଗସୂତ୍ର ରକ୍ଷା କରି ବିଏମ୍‌ସି ଡ୍ରେନେଜ୍ ବିଭାଗ ଏବେଠାରୁ ମୌସୁମୀ ପୂର୍ବରୁ ଏହି କାର୍ଯ୍ୟ ସାରିବାକୁ ମେୟର୍ ଶ୍ରୀ ଜେନା ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସ୍ମାର୍ଟ ସିଟି ନିର୍ଦ୍ଦେଶକ ଆର୍ ଭିନିନ୍ କ୍ରିଷ୍ଣା, ଡେପୁଟି ମେୟର କେ ଶାନ୍ତି, କର୍ପୋରେଟର ଏବଂ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ତାମିଲନାଡୁରେ ଓଡ଼ିଆ ସିଇଓ



**ଭୁବନେଶ୍ୱର :** ଓଡ଼ିଶା ବାହାରେ ଉଚ୍ଚପଦରେ ଅବସ୍ଥାପିତ ହୋଇଛନ୍ତି ଆଉ ଜଣେ ଓଡ଼ିଆ ଆଇଏଏସ୍ ଅଧିକାରୀ। ଓଡ଼ିଆ ଆଇଏଏସ୍ ଅଫିସର୍ ସତ୍ୟବ୍ରତ ସାହୁଙ୍କୁ ତାମିଲନାଡୁର ମୁଖ୍ୟ ନିର୍ବାଚନ ଅଧିକାରୀ ଭାବେ ନିଯୁକ୍ତ ମିଳିଛି। ୧୯୯୭ ବ୍ୟାଚର ଏହି ଭାରତୀୟ ପ୍ରଶାସନିକ ଅଧିକାରୀ ତାମିଲନାଡୁ କ୍ୟାଡର୍‌ର ଜଣେ ଆଇଏଏସ୍ ଭାବେ ନିଯୁକ୍ତି ହୋଇଥିଲେ। ସେ ଜଣେ ଦକ୍ଷ ଓ ସଚ୍ଚୋଟ ଆଇଏଏସ୍ ଅଧିକାରୀ ଭାବେ ତାମିଲନାଡୁ ସରକାରଙ୍କ ବିଭିନ୍ନ ବିଭାଗରେ ସଫଳତାର ସହ କାର୍ଯ୍ୟ ସମ୍ପାଦନ କରିଛନ୍ତି। ସେ ପୂର୍ବରୁ ଚେନ୍ନାଇ ମେଟ୍ରୋପଲିଟାନ୍ ଜଳ ଯୋଗାଣ ଓ ସ୍ୱେରେଜ୍ ବୋର୍ଡର ପରିଚାଳନା ନିର୍ଦ୍ଦେଶକ ଭାବେ ଅବସ୍ଥାପିତ ଥିଲେ। ଶ୍ରୀ ସାହୁ ଫୁଲବାଣୀ ସରକାରୀ କଲେଜରୁ ଗ୍ରାଜୁଏସନ୍ ଡିଗ୍ରୀ ହାସଲ କରି ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ ପୋଷ୍ଟ ଗ୍ରାଜୁଏସନ୍ ଡିଗ୍ରୀ ହାସଲ କରିଥିଲେ। ପୂର୍ବରୁ ତାମିଲନାଡୁ ମୁଖ୍ୟ ନିର୍ବାଚନ ଅଧିକାରୀ ଭାବେ ରାଜେଶ ଲାଖୋନି ଏହି ଦାୟିତ୍ୱରେ ରହିଥିଲେ। ତାଙ୍କ ସ୍ଥାନରେ ଶ୍ରୀ ସାହୁଙ୍କୁ ଏହି ପଦରେ ନିଯୁକ୍ତି ମିଳିଛି।

# 'ଖୋଲିବ ଅବକାରୀ ଥାନା'

**ଭୁବନେଶ୍ୱର :** ରାଜ୍ୟରେ ମଦ କାରବାର ଉପରେ ନଜର ରଖିବା ପାଇଁ ଅବକାରୀ ଥାନା ପ୍ରତିଷ୍ଠା କରାଯିବ ବୋଲି ରାଜ୍ୟ ଅବକାରୀ ମନ୍ତ୍ରୀ ଶଶୀଭୂଷଣ ବେହେରା କହିଛନ୍ତି। ଅବକାରୀ ଥାନା ପ୍ରତିଷ୍ଠା କରିବା ପ୍ରସ୍ତାବ ଏବେ ଚୂଡ଼ାନ୍ତ ପର୍ଯ୍ୟାୟରେ ବୋଲି ସେ ସୂଚନା ଦେଇଛନ୍ତି। ୪୮ତମ ରାଜ୍ୟ ଅବକାରୀ କ୍ରୀଡ଼ା ଉତ୍ସବରେ ଯୋଗ ଦେଇ ମନ୍ତ୍ରୀ ଶ୍ରୀ ବେହେରା କହିଛନ୍ତି ଯେ, ରାଜ୍ୟରେ ଅବକାରୀ ଥାନା ଖୋଲିବା ପାଇଁ ସରକାର ଯୋଜନା କରୁଛନ୍ତି। ଏହି ପ୍ରସ୍ତାବ ଏବେ ଚୂଡ଼ାନ୍ତ ପର୍ଯ୍ୟାୟରେ ରହିଛି। ରାଜ୍ୟର ବିଭିନ୍ନ ଭାଗରେ ଅବକାରୀ ଥାନା ଖୋଲିବା ଦିଗରେ ପଦକ୍ଷେପ ନିଆଯାଉଛି। ଅବକାରୀ ବିଭାଗର ତଦାରଖ ସ୍କ୍ୱାର୍ଡ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକ୍ଷମ ହେବା ପର୍ଯ୍ୟନ୍ତ ମଦ କାରବାର ଉପରେ ନଜର ରଖିବା ପାଇଁ ପୁଲିସ୍‌ର ସହଯୋଗ ଆଶା କରୁଛୁ। ଅନ୍ୟପକ୍ଷରେ ଅବକାରୀ ବିଭାଗର ଜଣେ ବରିଷ୍ଠ ଅଧିକାରୀଙ୍କ କହିବା ଅନୁସାରେ ଅବକାରୀ ଥାନାଗୁଡ଼ିକ ରାଜ୍ୟରେ ବେଆଇନ ମଦ କାରବାର ଓ ମଦ ପ୍ରସ୍ତୁତକାରୀ ୟୁନିଟ୍ ଉପରେ ନଜର ରଖିବାରେ ସକ୍ଷମ ହେବ।

# ଏନ୍‌ଏଫ୍‌ଏସ୍‌ଏ ଯୋଜନାରୁ ବଞ୍ଚିତ ପ୍ରକୃତ ହିତାଧିକାରୀ

**ଭୁବନେଶ୍ୱର :** ଓଡ଼ିଶାରେ ଖାଦ୍ୟ ସୁରକ୍ଷା ଯୋଜନା ଆଇନ(ଏନ୍‌ଏଫ୍‌ଏସ୍‌ଏ) କାର୍ଯ୍ୟକାରୀ ହେବାର ଦୁଇବର୍ଷରୁ ଉର୍ଦ୍ଧ୍ୱ ସମୟ ଅତିବାହିତ ହୋଇଯାଇଥିଲେ ମଧ ଏହା ସୁବ୍ୟବସ୍ଥିତ ହୋଇ ନଥିବାରୁ ଏନ୍‌ଏଫ୍‌ଏସ୍‌ରୁ ବଞ୍ଚିତ ହେଉଛନ୍ତି ବହୁ ଗରିବ ହିତାଧିକାରୀ। ରାଜ୍ୟରେ ଲକ୍ଷ ଲକ୍ଷ ଗରିବ ଲୋକ ଏହି ଯୋଜନାରେ ସାମିଲ ହୋଇନାହାନ୍ତି କିମ୍ବା ନୂଆ ହିତାଧିକାରୀଙ୍କୁ ସାମିଲ କରିବା ଦିଗରେ ସରକାର ଆନ୍ତରିକତା ଦେଖାଉନଥିବା ଜଣାପଡ଼ିଛି। କେନ୍ଦ୍ର ସରକାରଙ୍କ ଦ୍ୱାରା ଧାର୍ଯ୍ୟ ୩.୨୬ କୋଟି ହିତାଧିକାରୀଙ୍କ ସିଲିଂ ସଂଖ୍ୟାରୁ ଅଧିକ ଲୋକଙ୍କୁ ସାମିଲ୍ କରିବା ସମ୍ଭବପର ନୁହେଁ ବୋଲି ରାଜ୍ୟ ସରକାର ଆଳ ଦେଖାଉଥିବା ସୂଚନା ମିଳିଛି। ଫଳରେ ଗରିବ ଲୋକ ସେମାନଙ୍କ ନ୍ୟାର୍ଯ୍ୟ ଅଧିକାରରୁ ବଞ୍ଚିତ ହେଉଛନ୍ତି। ଏପରିକି ସରକାରୀ ଅବହେଳା ଯୋଗୁଁ ପ୍ରାୟ ୩.୩୩ ଲକ୍ଷ ମୃତ ହିତାଧିକାରୀଙ୍କ ନାଁ ରାସନ୍ କାର୍ଡ ଡାଟାବେସ୍‌ରେ ଗଡୁଛି ଓ ସେମାନଙ୍କ ନାଁରେ ପୂର୍ବଭଳି ରାସନ୍ ସାମଗ୍ରୀ ଦିଆଯାଉଛି। ସୂଚନା ଅନୁସାରେ ୨୦୧୭ ଡିସେମ୍ବର ସୁଦ୍ଧା ରାଜ୍ୟରେ ମୋଟ ୪.୬୧ ଲକ୍ଷ ମୃତ ଲୋକଙ୍କ ନାଁ ଏନ୍‌ଏଫ୍‌ଏସ୍‌ଏ ଡାଟାବେସ୍‌ରେ ରହିଥିଲା। ଏହି ମୃତ ବ୍ୟକ୍ତିଙ୍କ ନାଁକୁ ଡାଟାବେସ୍‌ରୁ ବାଦ୍ ଦେବା ପାଇଁ ଜିଲ୍ଲାପାଳମାନଙ୍କୁ ରାଜ୍ୟ ଖାଦ୍ୟ ସୁରକ୍ଷା କମିଶନ ବାରମ୍ବାର ତାଗିଦ୍ କରୁଥିଲେ ମଧ ସେଭଳି କିଛି ସୁଫଳ ମିଳୁନଥିବା ଜଣାପଡିଛି। ଏପରିକି ରାଜ୍ୟ ଖାଦ୍ୟଯୋଗାଣ ବିଭାଗର ସଚିବ ସମସ୍ତ ଜିଲ୍ଲାପାଳ ଓ ଜିଲ୍ଲା ଯୋଗାଣ ଅଧିକାରୀଙ୍କ ସହ ମୃତ ବ୍ୟକ୍ତିଙ୍କୁ ଡାଟାବେସ୍‌ରୁ ବାଦ୍ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଜିଲ୍ଲା ପ୍ରଶାସନଗୁଡ଼ିକର ବେପରୱା ନୀତି ଯୋଗୁ ମୋଟ ୪.୬୧ ଲକ୍ଷ ମୃତ ହିତାଧିକାରୀଙ୍କ ମଧ୍ୟରୁ ମାତ୍ର ୧ଲକ୍ଷ ୨୮ହଜାର ୩୩୯ଜଣଙ୍କ ନାଁ ଡାଟାବେସ୍‌ରୁ ବାଦ୍ ଦିଆଯାଇ ପାରିଛି। ଅର୍ଥାତ୍ ଏବେ ବି ପ୍ରାୟ ୩.୩୩ ଲକ୍ଷ ମୃତ ହିତାଧିକାରୀଙ୍କ ନାଁରେ ରାସନ୍ ସାମଗ୍ରୀ ଆବଣ୍ଟନ ହେଉଛି। ରାଜ୍ୟ ସରକାରଙ୍କ ବାରମ୍ବାର ତାଗିଦ୍ ସତ୍ତ୍ୱେ ମାଲକାନଗିରିରେ ମାତ୍ର ୧୧.୯ ପ୍ରତିଶତ ମୃତ ହିତାଧିକାରୀଙ୍କୁ ଡାଟାବେସ୍‌ରୁ ବାଦ୍ ଦିଆଯାଇଛି। ସେହିପରି ଜିଲ୍ଲାର ମୋଟ୍ ମୃତ ହିତାଧିକାରୀଙ୍କ ମଧ୍ୟରୁ ଗଜପତିରେ ୧୧.୮%, କଟକରେ ୧୧.୮%, କେନ୍ଦୁଝରରେ ୧୧.୯%, ନୟାଗଡ଼ରେ ୧୨.୫%, ଯାଜପୁରରେ ୧୩.୩ %, ବାଲେଶ୍ୱରରେ ୧୪.୮%, ବଲାଙ୍ଗିରରେ ୧୫.୧%, କୋରାପୁଟରେ ୧୫.୮% ଓ ଗଞ୍ଜାମରେ ୧୮.୩ ପ୍ରତିଶତ ମୃତ ହିତାଧିକାରୀଙ୍କୁ ଡାଟାବେସ୍‌ରୁ ବାଦ୍ ଦିଆଯାଇଛି। ମୃତ ହିତାଧିକାରୀଙ୍କୁ ଡାଟାବେସ୍‌ରୁ ବାଦ୍ ଦେବା ପାଇଁ ଜିଲ୍ଲାଗୁଡ଼ିକର ଏଭଳି ମନ୍ଥର ଗତିରେ ସରକାର ଚିନ୍ତା ବ୍ୟକ୍ତ କରିବା ସହ ଏଣିକି ନୂଆ ଆବେଦନକାରୀଙ୍କୁ ଖାଦ୍ୟ ସୁରକ୍ଷା ଯୋଜନାର ହିତାଧିକାରୀ ଭାବେ ସାମିଲ ନିମନ୍ତେ ସମସ୍ତ ଜିଲ୍ଲାପାଳମାନଙ୍କୁ ପରାମର୍ଶ ଦେଇଛନ୍ତି। ଏହା ବ୍ୟତୀତ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ ପାଇ କେନ୍ଦ୍ର ସରକାରଙ୍କ ଧାର୍ଯ୍ୟ ୩.୨୬ କୋଟି ହିତାଧିକାରୀଙ୍କ ସଂଖ୍ୟା ମଧ୍ୟରୁ ପ୍ରାୟ ୩.୨୩ କୋଟି ଲୋକ ସାମିଲ ହୋଇ ସାରିଥିବାରୁ ରାଜ୍ୟ ସରକାର ଏବେ ଅନ୍ତ୍ୟୋଦୟ ଅନ୍ନ ଯୋଜନାରେ ଧାର୍ଯ୍ୟ ୧୨ ଲକ୍ଷ ୬୪ହଜାର ୫୦୦ ପରିବାର ସଂଖ୍ୟା ଟାର୍ଗେଟ୍‌କୁ ପୂରଣ ଉପରେ ଗୁରୁତ୍ୱ ଦେଇଛନ୍ତି। ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ ଥିବା ୩ଜଣରୁ କମ୍ ସଦସ୍ୟ ବିଶିଷ୍ଟ ପରିବାରକୁ ଅନ୍ତ୍ୟୋଦୟ ଅନ୍ନ ଯୋଜନାରେ ସାମିଲ କରିବା ନିମନ୍ତେ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଫେବୃଆରୀ ୫ ତାରିଖ ସୁଦ୍ଧା ୧୧ଲକ୍ଷ ୯୧ହଜାର ୭୮୦ଟି ପରିବାରକୁ ଅନ୍ତ୍ୟୋଦୟ ଅନ୍ନ ଯୋଜନାରେ ସାମିଲ କରାଯାଇଥିବାବେଳେ ଆହୁରି ୭୨ହଜାର ୭୨୦ଟି ପରିବାର ବାକି ରହିଛନ୍ତି। ଚଳିତମାସ ଶେଷ ସୁଦ୍ଧା ଏଭଳି ପରିବାରକୁ ଅନ୍ତ୍ୟୋଦୟ ଅନ୍ନ ଯୋଜନାରେ ସାମିଲ କରି ଖାଦ୍ୟ ସୁରକ୍ଷା ଯୋଜନାର ହିତାଧିକାରୀ ସଂଖ୍ୟା ହ୍ରାସ ପାଇଁ ଜିଲ୍ଲାପାଳମାନଙ୍କୁ କଡ଼ା ନିର୍ଦ୍ଦେଶ ଦିଆଯାଇଥିବା ସୂଚନା ମିଳିଛି। ଏବେବି ଏହି ଯୋଜନାରେ ସାମିଲ ହେବାକୁ ଅନେକ ଗରିବ ହିତାଧିକାରୀଙ୍କ ଦରଖାସ୍ତ ପଡି ରହିଥିବା ଜଣାପଡିଛି।

# ପିଏନ୍ କଲେଜ ଏସ୍‌ସି ଛାତ୍ରୀ ନିବାସର ବାର୍ଷିକ ଉତ୍ସବ




**ଖୋରଧା :** ପ୍ରାଣନାଥ ସ୍ୱଂୟଶାସିତ ମହାବିଦ୍ୟାଳୟ ବାବୁ ଜଗଜ୍ଜୀବନ ରାମ ଏସ୍‌ସି ଛାତ୍ରୀ ନିବାସର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ଡ଼. ହରନାରାୟଣ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବରେ ଖୋରଧାର ଅତିରିକ୍ତ ଜିଲ୍ଲା ଦୌରାଜଜ୍ ଲଳିତ କୁମାର ଦାଶ ଓ ମୁଖ୍ୟ ବକ୍ତା ଭାବରେ ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିଚାଳନା କମିଟିର ସଭାପତି ତଥା ପୂର୍ବତନ ବିଧାୟକ ଜ୍ୟୋତିରିନ୍ଦ୍ରନାଥ ମିତ୍ର ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି ଯୋଗଦେଇ ଛାତ୍ରୀ ନିବାସର ଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ଏହି ଅବସରରେ ଛାତ୍ରୀ ନିବାସର ମୁଖପତ୍ର କୌସ୍ତୁଭ ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ପ୍ରାରମ୍ଭରେ ତତ୍ତ୍ୱାବଧାରିକା ପ୍ରାଧାପିକା ଗୀତା ପଟ୍ଟନାୟକ ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିଲେ। ଛାତ୍ରୀ ନିବାସର ଜେନେରାଲ ପ୍ରିଫେକ୍ଟ ରୀମା ବଳବନ୍ତରାୟ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ସହତତ୍ତ୍ୱାବଧାରିକା ଡଲି ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶଣ କରାଯାଇଥିଲା।

## ପିଏମ୍‌ଜିଏସ୍‌ୱାଇ ରାସ୍ତା ନିର୍ମାଣ ପ୍ରସଙ୍ଗ

# ରାଜ୍ୟର ଅନୁରୋଧ, କେନ୍ଦ୍ରର ନା'

**ଭୁବନେଶ୍ୱର :** ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା(ପିଏମ୍‌ଜିଏସ୍‌ୱାଇ) ଅନ୍ତର୍ଗତ ରାସ୍ତାନିର୍ମାଣ କ୍ଷେତ୍ରରେ ଜଙ୍ଗଲ ଜମି ବ୍ୟବହୃତ ହେଲେ ଏନେଇ ରାଜ୍ୟ ସରକାରଙ୍କୁ କ୍ଷତିପୂରଣ ଦେବାକୁ ପଡ଼ିବ ବୋଲି କେନ୍ଦ୍ର ପକ୍ଷରୁ ସ୍ପଷ୍ଟ କରାଯାଇଛି। କେନ୍ଦ୍ର ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଅନ୍ତର୍ଗତ ଫରେଷ୍ଟ ଆଡ୍‌ଭାଇଜରି କମିଟି(ଏଫ୍‌ଏସି) ଏହି ନିଷ୍ପତ୍ତି ନେଇଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ ଅଣଜଙ୍ଗଲ କାର୍ଯ୍ୟ ପାଇଁ କୌଣସି ବି ଜଙ୍ଗଲ ଜମି ବ୍ୟବହାର କରାଗଲେ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ବ୍ୟବହୃତ ଜମିର ବର୍ତ୍ତମାନ ମୂଲ୍ୟ ସାଙ୍ଗକୁ ଅନୁକମ୍ପାମୂଳକ ବନୀକରଣ ପାଇଁ ଖର୍ଚ୍ଚ ଦେବାକୁ ପଡ଼ିଥାଏ। ପିଏମ୍‌ଜିଏସ୍‌ୱାଇ କ୍ଷେତ୍ରରେ ମଧ ଏହା ଲାଗୁ ହୋଇଥାଏ। ଏ କ୍ଷେତ୍ରରେ ସମ୍ପୃକ୍ତ ଜମିର ମୂଲ୍ୟ ରାଜ୍ୟ ସରକାରଙ୍କୁ ଦେବାକୁ ପଡ଼ିଥାଏ। ଲୋକଙ୍କ ଉଦ୍ଦେଶ୍ୟରେ ଏହି ରାସ୍ତା ନିର୍ମାଣ କରାଯାଉଥିବାରୁ ସମ୍ପୃକ୍ତ ବ୍ୟବସ୍ଥାକୁ ଉଚ୍ଛେଦ କରିବାକୁ ରାଜ୍ୟ ସରକାର ଦାବି କରିଥିଲେ। ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଏନେଇ କେନ୍ଦ୍ର ସରକାରଙ୍କୁ ଚିଠି ଲେଖାଯାଇଥିଲା। ପିଏମ୍‌ଜିଏସ୍‌ୱାଇ ଏକ କେନ୍ଦ୍ରୀୟ ଯୋଜନା ହୋଇଥିବାରୁ କେନ୍ଦ୍ର ସରକାର ଏହି ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଭାବରେ ଉଚ୍ଛେଦ କରିବାକୁ ଅନୁରୋଧ କରାଯାଇଥିଲା। ଏହା ଦ୍ୱାରା ଗ୍ରାମାଞ୍ଚଳରେ ରାସ୍ତା ନିର୍ମାଣ କାର୍ଯ୍ୟ ପ୍ରଭାବିତ ହେବ ବୋଲି କୁହାଯାଇଥିଲା। ଏହା ସହିତ ଏଭଳି ବ୍ୟବସ୍ଥା ଦ୍ୱାରା ରାଜ୍ୟ ରାଜକୋଷ ଉପରେ ଅତିରିକ୍ତ ଆର୍ଥିକ ବୋଝ ପଡ଼ିବ ବୋଲି ଉଲ୍ଲେଖ କରାଯାଇଥିଲା। ତଦନୁସାରେ କେନ୍ଦ୍ର ସରକାର ଓଡ଼ିଶାର ଚିଠିକୁ ପିରବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ ଅନ୍ତର୍ଗତ ଏଫ୍‌ଏସିକୁ ପଠାଇଦେଇଥିଲେ। ନୂଆଦିଲ୍ଲୀରେ ଅନୁଷ୍ଠିତ କମିଟି ବୈଠକରେ ରାଜ୍ୟ ସରକାରଙ୍କ ପ୍ରସ୍ତାବକୁ ଖାରଜ କରିଦିଆଯାଇଛି। ପୂର୍ବରୁ ଏଭଳି ଏହି ମାମଲାକୁ ନେଇ ରାଜ୍ୟ ସରକାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। କୋର୍ଟ ସେତେବେଳେ ଏହି ବିଷୟରେ ବିଚାର କରିବାକୁ କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ ଅଧୀନସ୍ଥ ଫରେଷ୍ଟ ଆଡ୍‌ଭାଇଜରି କମିଟିକୁ ହସ୍ତାନ୍ତର କରିଥିଲେ। ସେତେବେଳେ ଉକ୍ତ କମିଟି ସୁପ୍ରିମକୋର୍ଟଙ୍କ ଏକ ରାୟକୁ ଆଧାର କରି ଉକ୍ତ ଅର୍ଥ ଜମା କରିବା ବାଧ୍ୟତାମୂଳକ ବୋଲି କହିଥିଲେ। ଓଡ଼ିଶା ସମେତ ସାରା ଦେଶରେ ଜଙ୍ଗଲ କମୁଥିବା ବେଳେ ବିଭିନ୍ନ ସାମାଜିକ ବନୀକରଣ ପ୍ରକଳ୍ପ ପାଇଁ କେନ୍ଦ୍ର ସରକାରଙ୍କ ନିକଟରେ ଉକ୍ତ ଅର୍ଥ ଜମା କରିବା ବାଧ୍ୟତାମୂଳକ ବୋଲି କହିଥିଲେ। ସୁପ୍ରିମକୋର୍ଟ ମଧ କମିଟିର ଏହି ନିଷ୍ପତ୍ତିକୁ କାଏମ ରଖିଥିଲେ। ରାଜ୍ୟ ସରକାର ଚାହିଁଲେ ଏନେଇ ପୁଣି ଥରେ ଏଫ୍‌ଏସିଙ୍କ ଦ୍ୱାରସ୍ଥ ହୋଇପାରିବେ ବୋଲି କହିଥିଲେ। ସେହି ଅନୁସାରେ ଗତବର୍ଷ ଏହି ବ୍ୟବସ୍ଥାକୁ ଉଚ୍ଛେଦ କରିବାକୁ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ପୁଣି ଥରେ କେନ୍ଦ୍ର ନିକଟରେ ଅପିଲ୍ କରିଥିଲେ।



ନିଜ ସୁଖ ପାଇଁ କରାଯାଇଥିବା କର୍ମ
ସୀମିତ ସୁଖ ଦେଇଥାଏ; କିନ୍ତୁ
ପରୋପକାର ପାଇଁ କରାଯାଇଥିବା କର୍ମ
ନିତ୍ୟ ନୂତନ ଆନନ୍ଦ ଦିଏ : ଚାଣକ୍ୟ



EKAMATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୦୫ ମାର୍ଚ୍ଚ - ୧୧ ମାର୍ଚ୍ଚ, ୨୦୧୮

# ସମ୍ପର୍କରେ ଫାଟ ନରହୁ

ସଭ୍ୟତାର ବିକାଶ ପରେ ସାରା ବିଶ୍ୱରେ ଶିକ୍ଷିତଙ୍କ ସଂଖ୍ୟା ବୃଦ୍ଧି ପାଇଛି। କେହି କେହି ବୈଜ୍ଞାନିକ ତ ଆଉ କେହି କେହି ନିଜ ନିଜ ଗବେଷଣା ଲବ୍ଧ ତଥ୍ୟକୁ ପ୍ରାଣୀ ଜଗତର ହିତ ପାଇଁ ସଅଁପି ଦେଉଛି। ଆଧ୍ୟାତ୍ମିକ ଗୁରୁମାନେ ମଧ୍ୟ ମଣିଷ ସମାଜକୁ ସଂସ୍କାରଯୁକ୍ତ କରାଇବା ଦିଗରେ ଯଥେଷ୍ଟ ପ୍ରଚେଷ୍ଟା ଜାରି ରଖିଛନ୍ତି। ସମସ୍ତ ଧର୍ମାବଲମ୍ବୀ ନିଜ ନିଜ ଧର୍ମର ଜୟ ଜୟକାର କରିବା ଭିତରେ ଅସଲ ମଣିଷ ପଣିଆ ଓ ସାମାଜିକ ସଂସ୍କାରରେ ସେଭଳି କିଛି ପରିବର୍ତ୍ତନ ଘଟୁଥିବା କିନ୍ତୁ ପରିଲକ୍ଷିତ ହେଉନାହିଁ। ପୂର୍ବାପେକ୍ଷା ସରଳ ମଣିଷ ଅଧିକ ଗରଳଯୁକ୍ତ ହୋଇ ଅନ୍ୟର ବିନାଶ ଚିନ୍ତାକୁ ପ୍ରାଧାନ୍ୟ ଦେଉଥିଲା ବେଳେ ଅସଲ ଚିନ୍ତା ସତେଯେମିତି ହଜିଯିବାକୁ ବସିଛି। ପରସ୍ପରକୁ ସହଯୋଗ କରିବା, ଅପରର ଦୁଃଖରେ ସମଭାଗୀ ହେବା ଏବଂ କାତର ମଣିଷକୁ ସାହାଯ୍ୟ କରିବାର ମନୋବୃତ୍ତି ଚିନ୍ତାଧାରା ଧିରେ ଧିରେ ଅପସରି ଗଲା ଭଳି ମନେ ହେଉଛି। ପ୍ରାଚୁର୍ଯ୍ୟର ପ୍ରାବଲ୍ୟରେ ଉନ୍ମତ୍ତ ମଣିଷ ସଭ୍ୟ ପୋଷାକ ପିନ୍ଧିଥିଲେ ମଧ୍ୟ ନିଜ ଭିତରେ ନିଜେ କେମିତି ଅମଣିଷ ହେବାର ଯେତେସବୁ ଅବଲମ୍ବନକୁ ଗୋଚର ଅବା ଅଗୋଚରରେ ଗ୍ରହଣ କରିଚାଲିଛି ସେଥିପ୍ରତି ଭୃକ୍ଷେପ କରୁନାହିଁ। ଯେଉଁଥିପାଇଁ ସମାଜରେ ହିଂସା ବଢ଼ିଚାଲିବା ସହିତ ଈର୍ଷାପରାୟଣତାର ଖଣ୍ଡିଏ ଖଣ୍ଡିଏ ପାଚେରୀ ସ୍ପଷ୍ଟ ଦୃଶ୍ୟମାନ ହେଉଛି। ସେଥିରେ ଆପଣା ପରର ବିଚାର ଅପେକ୍ଷା କ୍ଷମତାର ଲଢ଼େଇ ପାଇଁ ଭିତ୍ତିଭୂମିର ଦୃଢ଼ତା ହିଁ ଶ୍ରେୟ ବୋଲି ଗଣାଯାଉଛି। ଆଗରୁ ପ୍ରଚଳିତ ଗୁରୁକୁଳ ପରମ୍ପରାରେ ଯେଭଳି ଶିକ୍ଷାଦାନ କରାଯାଉଥିଲା ଓ ଗୁରୁ ଓ ଶିଷ୍ୟଙ୍କ ମଧ୍ୟରେ ଯେଉଁ ସମ୍ପର୍କ ଥିଲା ସାମ୍ପ୍ରତିକ ଶିକ୍ଷା ବ୍ୟବସ୍ଥାରେ ସେଭଳି ଖୋଜି ବସିବା ନିହାତି ବୋକାମୀ। ପ୍ରତ୍ୟେକ କ୍ଷେତ୍ରରେ ଏକ ବ୍ୟବସାୟିକ ବା ଲାଭଖୋର ମନୋବୃତ୍ତି ସମ୍ପର୍କର ଶକ୍ତ ରଜ୍ଜୁକୁ ଦୁର୍ବଳ କରିପକାଇ ଏଥିରେ ନାନାଦି ପେଞ୍ଚ ଖଞ୍ଜି ଚାଲିଛି। ଯେଉଁ ପେଞ୍ଚରେ ନିର୍ଯ୍ୟାତିତ ହେଉଛନ୍ତି ସରଳ ମଣିଷମାନେ। ସମ୍ପର୍କ ଆଧାରରେ ଭବିଷ୍ୟତର ସ୍ୱପ୍ନ ଦେଖୁଥିବା ଜୀବନମାନେ ବେଳେବେଳେ ଅସହାୟଙ୍କ ପରି ବଞ୍ଚିବାର ରାହା ଖୋଜିବା ବାସ୍ତବିକ ସମାଜ ବ୍ୟବସ୍ଥାର ଏକ କଳଙ୍କିତ ରୂପ ବୋଲି ଧରିନେବାକୁ ହେବ। କେତେକ ସ୍ଥଳେ ଭାଇ-ଭାଇ ମଧ୍ୟରେ ଥିବା ରକ୍ତ ସମ୍ପର୍କର ନିବିଡତା ଶତ୍ରୁତାର ଖଡ୍‌ଗ ଧାରରେ ବନ୍ଦୀ ହୋଇଯାଉଛି। ସ୍ୱାର୍ଥ ହାସଲ ପାଇଁ ପରିବାର ସଦସ୍ୟଙ୍କ ମଧ୍ୟରେ ତିକ୍ତତା, ପରିବାର-ପରିବାର ମଧ୍ୟରେ ତିକ୍ତତା ଓ ବନ୍ଧୁବର୍ଗରେ ତିକ୍ତତା ଭବିଷ୍ୟତ ସମାଜ ପାଇଁ ଏକ ପ୍ରଶ୍ନବାଚୀ ହୋଇଯାଉଛି। କେଉଁଠି କୋଠାବାଡି, ପୈତୃକ ସମ୍ପତ୍ତି ଓ ବିପୁଳ ଐଶ୍ୱର୍ଯ୍ୟକୁ ନେଇ କୋର୍ଟ କଚେରୀରେ ମାମଲାଠୁ ଆରମ୍ଭ କରି ହାତ ହତିଆର ବ୍ୟବହାର ପର୍ଯ୍ୟନ୍ତ କଥା ଯାଉଥିବା ଶୁଣିଲେ ମନ ଭିତରେ ଦ୍ୱନ୍ଦ୍ୱ ସୃଷ୍ଟି ହୁଏ। ସତରେ ଆମେ କେତେ ସ୍ୱାର୍ଥପର ହୋଇଯାଉଛେ।

ସମ୍ପର୍କ କଥା

ତାରକ ମହାନ୍ତି



ନଚେତ୍ ସମ୍ପର୍କର ବନ୍ଧନ ତୁଟାଇ ଅଦୃଶ୍ୟ ଭବିଷ୍ୟତର ଇଙ୍ଗିତରେ ନୃତ୍ୟ କରିବା ଇୟେ କେଉଁ ପ୍ରକାର ସଭ୍ୟତା ଓ ସଂସ୍କୃତିକୁ ବୁଝାଏ ତାହା ଅତ୍ୟନ୍ତ କଷ୍ଟଦାୟକ। ସହରକୁ ଆସିବା ଆଗରୁ ଅଭାବୀ ପରିବାରର କଷଣ ଭିତରେ ବଢ଼ିଥିବା ମଣିଷମାନେ ଅତୀତର ଦିନମାନକୁ ଭୁଲିଯାଇ କେମିତି ଏକ ଅଦ୍ଭୁତ ଖିଆଲରେ ଜୀବନ ନିର୍ବାହ କରିବାକୁ ପଥ ବାଛି ନିଅନ୍ତି ତାହା ବିସ୍ମୟ ଲାଗେ। ଗୋଟିଏ ପଖାଳ କଂସାରେ ତିନୋଟି ହାତର ସ୍ପନ୍ଦନ ଧିରେ ଧିରେ ଶୀଥିଳତାର ରୂପ ନେଇ ବିଦ୍ରୋହର ଚରମ ସୀମା ଲଙ୍ଘିବାର ଅନେକ ଦୃଷ୍ଟାନ୍ତ ହୃଦୟ ଥିବା ମଣିଷକୁ ବିଚଳିତ କରିପକାଏ। ବଡଭାଇଟିଏ ନିଜ ଭାଗରୁ ସାନଭାଇର ପେଟ ପୁରାଇବା ଚିନ୍ତା କରିବାର ଚିନ୍ତାଧାରା କ୍ରମେ ଲୋପ ପାଇବାକୁ ବସିଛି। ସେହିଭଳି ସାନଭାଇଟିଏ ବଡଭାଇ ପ୍ରତି ଯେଉଁ ବ୍ୟବହାର ଦେଖାଇ ବା ଯେଉଁ ଶ୍ରଦ୍ଧା ସମ୍ମାନ ଦେଖାଇ ଆଶିଷ ଲାଭ କରିବା କଥା ତାହା ଆଉ ସମ୍ଭବପର ହୋଇପାରୁନି। କେହି କେହି ବିବାହ ପରର ପରିବର୍ତ୍ତନ କଥାକୁ ଗ୍ରହଣ କରୁଥିଲା ବେଳେ ଆଉ କେହି କେହି ଏହାକୁ ସାମାଜିକ ପରିବର୍ତ୍ତନର ସ୍ରୋତ ସହିତ ସାମିଲ କରାଇଥାନ୍ତି। ଏହି ପ୍ରକ୍ରିୟାରେ ଜଣେ ଆରଜଣକୁ ଦୋଷ ଲଦି ଚାଲିଥିଲା ବେଳେ ଆରଜଣକ ମଧ୍ୟ ସମପରିମାଣରେ ମମତାର ମୋହକୁ ଭୁଲି ଶତ୍ରୁପରି ଆଚରଣ କରିବାକୁ ପଛାଉ ନାହିଁ। ଏସବୁରି ମୂଳରେ ସେହି ଗୋଟିଏ କଥା ତାହା ହେଉଛି ସ୍ୱାର୍ଥ। ତେଣୁ ସ୍ୱାର୍ଥ ସର୍ବସ୍ୱ ଦୁନିଆରେ ସହଜ ସରଳ ଭାବେ ବଞ୍ଚି ରହିବା ଆଉ ହୁଏତ ସମ୍ଭବପର ହୋଇନପାରେ। କାରଣ ପ୍ରତି କଥାରେ ଜଣେ ଜଣକୁ ସନ୍ଦେହ ଦୃଷ୍ଟିରେ ଦେଖିବା ଓ ପରେ ଏହାକୁ ନେଇ ବ୍ୟୁହ ରଚନା କରିବା ଭଳି ସ୍ଥିତି ସଙ୍କଟଜନକ ଦିଗରେ ଗତି କରିଚାଲିଛି। ପୂର୍ବଭଳି ଆଉ କେହି କାହାକୁ ସହଜରେ ବିଶ୍ୱାସ କରିବାକୁ ଆଗଭର ହେଉନାହାନ୍ତି। ଗ୍ରାମାଞ୍ଚଳରୁ ସହରାଞ୍ଚଳ ପର୍ଯ୍ୟନ୍ତ ପ୍ରତ୍ୟେକ ବ୍ୟକ୍ତିର ଚିନ୍ତାଧାରା ଭିତରେ ଏଭଳି ଘଟଣାମାନ ସ୍ପଷ୍ଟ ପ୍ରତିଫଳିତ ହେଉଛି। ଯେଉଁଥିପାଇଁ ଯୁଗ୍ମ ପରିବାରର ଚିନ୍ତାଧାରା ଓ ପରସ୍ପର ସହ ନିବିଡ ହୋଇ ବଞ୍ଚିବାର ପରିକଳ୍ପନା ଧୂଳିସାତ ହୋଇଯାଉଛି। ଯେନତେନ ପ୍ରକାରେଣ କ୍ଷମତା ଦଖଲ କରିବା ଓ ଏହାକୁ ଉପଭୋଗ କରିବାର ମାନସିକତା ମଣିଷକୁ ହୃଦୟ ଭିତରେ ଦୁର୍ବଳ ଓ ପରାକ୍ରମହୀନ କରିଦେଉଛି। ହେଲେ ଅହଂକାରବଶତଃ ମଣିଷ ନିଜ ସ୍ୱଭାବରେ ପରିବର୍ତ୍ତନ ଆଣିବା ଅପେକ୍ଷା ଅପରର କାନ୍ଧରେ ଦୋଷ ବୁଜୁଳା ଏଭଳି ଭାବେ ଲଦି ଚାଲିଛି ଯେ, ଆର ଜଣକ ଏଥିରୁ ନିସ୍ତାର ପାଇବାର ବାଟ ପାଉନି। ସେହିଭଳି ସରକାରୀ ଓ ବେସରକାରୀ ସ୍ତରରେ ସାଧାରଣ ଲୋକଙ୍କ ସ୍ୱାର୍ଥ ପାଇଁ ଉଦ୍ଦିଷ୍ଟ ଯୋଜନାରେ ପେଞ୍ଚଭଳି ଚାବିକାଠି ହିତାଧିକାରୀଙ୍କ ଜୀବନ ପଥରେ କଣ୍ଟା ଭଳି ଠିଆ ହୋଇରହୁଛି। ଗଣତାନ୍ତ୍ରିକ ବ୍ୟବସ୍ଥାରେ ସମସ୍ତଙ୍କୁ ସମାନ ଅଧିକାର ମିଳିବା କଥା କୁହାଯାଉଥିଲେ ବି ବାସ୍ତବରେ ଏହାର ଚିତ୍ର ଭିନ୍ନ ବୋଲି ଦେଖିବାକୁ ମିଳେ। ନୀତି ଅନୀତିର ବିଚାର ଅପେକ୍ଷା କେଉଁ କାର୍ଯ୍ୟରେ ନିଜର ଅଧିକ ସ୍ୱାର୍ଥନିହିତ ସେ କଥାକୁ ବିଚାର କରି ହାକିମମାନେ କାର୍ଯ୍ୟ କରିବାକୁ ପଛାଉ ନାହାନ୍ତି। ତେଣୁ ନିଷ୍ପେସିତଟିଏ ସେଇ ପୂର୍ବଭଳି ନିଷ୍ପେସିତ ହୋଇ ରହୁଥିଲା ବେଳେ ତେଲିଆ ମୁଣ୍ଡରେ ତେଲ ଭଳି ପାରିବା ପଣିଆର ଲୋକମାନେ ନିଜର ସ୍ୱାର୍ଥ ହାସଲ କରିଚାଲିଛନ୍ତି। ଏଥିରେ ସମାଜର ଲାଭ ହେଲାକି କ୍ଷତି ହେଲା ସିଏ ସମ୍ପର୍କରେ ଭାବିବାକୁ କାହା ପାଖରେ ସମୟ ନଥିବା ଜଳ ଜଳ ଦିଶୁଛି।

ଏ ସମସ୍ତ ବ୍ୟତିକ୍ରମ ପାଇଁ ଆଜିକାଲି ରାଜନୀତିକୁ ଦାୟୀ କରାଯାଉଥିଲା ବେଳେ ବାସ୍ତବତଃ ଏହା ପୂର୍ବରୁ ମଧ୍ୟ ପ୍ରଚଳିତ ଥିଲା। ଜମିଦାରୀ ପ୍ରଥା ବେଳୁ ନିରୀହ ଲୋକେ ଯେଭଳି ଦୁର୍ଦ୍ଦଶା ଭୋଗ କରୁଥିଲେ ବା କଷ୍ଟ ପାଉଥିଲେ ସେଥିରେ ସାମାନ୍ୟ ପରିବର୍ତ୍ତନ ହୋଇଛି ବୋଲି ଜଣାପଡେ। କିନ୍ତୁ ସାମଗ୍ରୀକ ଭାବେ ଦେଖିଲେ ଏହି ପେଞ୍ଚ ସୃଷ୍ଟିକାରୀଙ୍କ ସଂଖ୍ୟା ସେତେବେଳେ ନଗଣ୍ୟ ଥିଲା ବେଳେ ସମ୍ପ୍ରତି ଏହା ବହୁମାତ୍ରାରେ ବୃଦ୍ଧି ପାଇଛି। ଫଳସ୍ୱରୂପ ପେଞ୍ଚକାରୀଙ୍କ କବଳରେ ପଡି ସୁସ୍ଥ ସମ୍ପର୍କର ଅଧିକାରୀମାନେ ବା ବ୍ୟକ୍ତିବିଶେଷ ଲାଞ୍ଛୁଆ, ମିଛୁଆ ଓ ଭୟଙ୍କର ଭାବେ ସ୍ୱାର୍ଥପର ହୋଇପଡୁଛନ୍ତି। ଏଥିରେ ନେତା, ମନ୍ତ୍ରୀ, ଗାଁ ମୁରବୀ ଓ ପରିବାର ସଦସ୍ୟଙ୍କ ସମଷ୍ଟିଗତ ଭାବଧାରା ଲୁକ୍କାୟିତ ଭାବେ ନଦୀର ସ୍ରୋତ ପରି ପ୍ରବାହିତ ହୋଇଚାଲିଛି। ଯେଉଁ ଧାରାରେ ସ୍ୱଚ୍ଛ-ଅସ୍ୱଚ୍ଛର ମିଳନ ଘଟିବା ଫଳରେ ବ୍ୟବସ୍ଥାରେ ଭୟଙ୍କର ଅଭାବ ଦେଖାଦେଉଛି। ଏଥିରୁ ସ୍ୱାର୍ଥ ହାସଲକାରୀଙ୍କ ସ୍ୱାର୍ଥ ସାଧନ ହେଉଥିଲା ବେଳେ ସାମାଜିକ ବ୍ୟବସ୍ଥା ଓ ପାରିବାରିକ ସମ୍ପର୍କରେ ଫାଟ ବଢ଼ି ବଢ଼ି ଚାଲିଛି। ଏଭଳି ସ୍ଥିତି ଲାଗି ରହିଲେ ମଣିଷ ଆଉ ଆଗପରି ଭଲ ମଣିଷ ହୋଇ ରହିପାରିବ ନାହିଁ।

# ବହୁଦେଶୀୟ ତାପି ପ୍ରକଳ୍ପରେ ଭାରତ



ସୌମେନ୍ଦ୍ର ଜେନା

ବିଶ୍ୱର ଜନସଂଖ୍ୟା ଦିନକୁ ଦିନ ବୃଦ୍ଧିପାଇବାରେ ଲାଗିଥିବାବେଳେ ୨୦୩୫ ବେଳକୁ ଏହା ବଢି ୮୮୦କୋଟିରେ ପହଞ୍ଚିବ ବୋଲି ଆକଳନ କରାଯାଇଛି । ସେମିତି ଆଗାମୀ ୨୦ବର୍ଷରେ ପୃଥିବୀର ଅର୍ଥନୀତି ପ୍ରାୟ ଦୁଇଗୁଣ ଅର୍ଥାତ୍ ବାର୍ଷିକ ପ୍ରାୟ ୩.୪୫ ପ୍ରତିଶତ ହାରରେ ବୃଦ୍ଧିପାଇବ । ଏହି ଦ୍ରୁତ ବିକାଶ ଯୋଗୁ ଶକ୍ତିର ଚାହିଦା ଆଗାମୀ ଦିନରେ ୩୦ପ୍ରତିଶତ ବଢିବ । ବଢୁଥିବା ସହର-ବଜାରର ବିଦ୍ୟୁତ ଚାହିଦା ଏବଂ ଯାନବାହନ ପାଇଁ ଶକ୍ତିର ବିକଳ୍ପ ଉତ୍ସ ଲାଗି ସମସ୍ତେ ଚିନ୍ତିତ ହେଲେଣି । ଇନ୍ଧନର ଚାହିଦା ବାର୍ଷିକ୧.୬ ପ୍ରତିଶତ, ତୈଳର ଚାହିଦା ୦.୭ ପ୍ରତିଶତ ହାରରେ ୨୦୩୫ ଯାଏ ବୃଦ୍ଧି ପାଇବ । ବିକଳ୍ପ ଶକ୍ତି ୭.୧ ପ୍ରତିଶତ ହାରରେ ବଢି ୨୦୩୫ ବେଳକୁ ୧୦ ପ୍ରତିଶତରେ ପହଞ୍ଚିବ । ବିଶ୍ୱ ଅର୍ଥନୀତିର ବିକାଶ ପାଇଁ କୋଇଲା, ପେଟ୍ରୋଲ ଓ ଗ୍ୟାସ ପ୍ରମୁଖ ଉତ୍ସ ହୋଇ ପ୍ରାୟ ମୋଟ ଚାହିଦାର ୭୫ ପ୍ରତିଶତ ପୂରଣ କରିବ । ଆଜି ମଧ୍ୟପ୍ରାଚ୍ୟ ଓ ଆଫ୍ରିକା ମହାଦେଶରେ ମୋଟ ତୈଳ ଭଣ୍ଡାର୫୨ ପ୍ରତିଶତରୁ ଅଧିକ ଥିଲାବେଳେ ବିଶ୍ୱ ଗ୍ୟାସ ଗଚ୍ଛିତ ପରିମାଣ ୫୦ପ୍ରତିଶତ ରହିଛି । କିନ୍ତୁ ଏହି ଅଞ୍ଚଳରେ ଯୁଦ୍ଧର ଘନଘଟା, ବିପରୀତ ପରିସ୍ଥିତି କ୍ଷେତ୍ରରେ ଯୋଗାଣରେ ବ୍ୟାଘାତ ସୃଷ୍ଟିହେଲେ ବିଶ୍ୱ ଅର୍ଥନୀତି ଦୋହଲି ଯିବାପରି ହେଉଛି, ଇନ୍ଧନଦର ଆକସ୍ମିକ ବୃଦ୍ଧିପାଉଛି । ଫଳରେ ଅନ୍ୟାନ୍ୟ ବସ୍ତୁର ଦର ବଢିବାକୁ ବାଧ ହେଉଛି । ବିଗତ ବର୍ଷମାନଙ୍କରେ ଇରାକ-ଇରାନ ଯୁଦ୍ଧ, ଆଫଗାନିସ୍ଥାନରେ ଅସ୍ଥିରତା, ମଧ୍ୟପ୍ରାଚ୍ୟରେ ରାଜନୀତିକ ଦ୍ୱନ୍ଦ୍ୱ, ଆମେରିକାର ଇରାକ ଉପରେ ଆକ୍ରମଣ ଏବଂ ଇରାନ ଉପରେ କଟକଣା ଜାରି ହେବା, ମଧ୍ୟପ୍ରାଚ୍ୟରେ ଆଇଏସ୍ ଏବଂ ଅନ୍ୟାନ୍ୟ ସନ୍ତ୍ରାସବାଦୀ ଗୋଷ୍ଠୀଙ୍କ ସଂଘର୍ଷ ଯୋଗୁ ସ୍ୱାଭାବିକ ଇନ୍ଧନ ପରିବହନ କ୍ଷେତ୍ରରେ ସମସ୍ୟା ସୃଷ୍ଟି ହେବା ଯୋଗୁ ବିଶ୍ୱ ଅର୍ଥନୀତିରେ ଅସ୍ଥିରତା ଆସିଛି । ମେକ୍‌ସିକୋରେ ସାମୁଦ୍ରିକ ଝଡ କାଟ୍ରିନାର ପ୍ରଭାବ, ନରୱେରେ ଶ୍ରମିକମାନଙ୍କ ଆନ୍ଦୋଳନ, ଭେନେଜୁଏଲାର ଅସ୍ଥିରତା ଯୋଗୁ ୨୦୦୩ରେ ଯେଉଁଠି ତେଲ ବ୍ୟାରେଲ ପିଛା ୨୮ ଡଲାର ଥିଲା ତାହା ୨୦୦୮ବେଳକୁ ବଢି ବଢି ୧୪୦ ଡଲାରରେ ପହଞ୍ଚିଲା । ଯାହାଫଳରେ ତେଲ ଆମଦାନୀ କରୁଥିବା ଦେଶଗୁଡିକ ଉପରେ ଇନ୍ଧନର ବୋଝ ବହୁତ ବଢିଗଲା ।

ଚଳିତ ଦଶନ୍ଧିର ଆରମ୍ଭରେ ମଧ୍ୟପ୍ରାଚ୍ୟର ଦେଶଗୁଡିକରେ ରାଜନୀତିକ ଆନ୍ଦୋଳନ ଯୋଗୁ କ୍ଷମତାରେ ପରିବର୍ତ୍ତନଜନିତ ସଂଘର୍ଷ ଏବଂ ଜାପାନର ଫୁକୁସୀମା ଆଣବିକ ଶକ୍ତି କେନ୍ଦ୍ର ସୁନାମୀ ଯୋଗୁ କ୍ଷତିଗ୍ରସ୍ତ ହୋଇ ବନ୍ଦ ହେବାପରେ ଜାପାନ ଓ ଜର୍ମାନୀ କର୍ତ୍ତୃପକ୍ଷ ଅନେକ ଆଣବିକ ଉତ୍ପାଦନ କେନ୍ଦ୍ରକୁ ବନ୍ଦ କରିବା ପାଇଁ ପଦକ୍ଷେପ ନେଲେ । ଫଳରେ ବିଦ୍ୟୁତର ଚାହିଦାପାଇଁ ଗ୍ୟାସ ଆଧାରିତ ବିଦ୍ୟୁତ ଉତ୍ପାଦନ କରାଯିବା ବେଳେ ଗ୍ୟାସର ମୂଲ୍ୟରେ ବୃଦ୍ଧି ଘଟିଲା । ପ୍ୟାରିସର ପରିବେଶ ସୁରକ୍ଷା ପାଇଁ ଘୋଷଣାନାମା ଯୋଗୁ ଆଗାମୀ ଦିନରେ ଶକ୍ତିର ବଜାର ମୁଖ୍ୟହେବ ବୋଲି ଜଣାଗଲା । ପୃଥିବୀରେ ଥିବା ମୋଟ କୋଇଲା ୧୫୩ ବର୍ଷଯାଏ ଆଗାମୀ ଦିନରେ ଇନ୍ଧନ କ୍ଷେତ୍ରରେ ସହାୟତା କରିପାରିବ । ତେଣୁ ଚୀନ, ଜାପାନ ଓ ଭାରତ ପରି ଦେଶଗୁଡିକ ଗ୍ୟାସଉତ୍ସ ଉପରେ ଜୋର ଦେଉଥିବାରୁ ଗ୍ୟାସ ପ୍ରକଳ୍ପ ଏବେ ଏସବୁ ଦେଶର ମୁଖ୍ୟ ଲକ୍ଷ୍ୟ ହୋଇଛି । ସେ ଦୃଷ୍ଟିରୁ ତୁର୍କମେନିସ୍ଥାନ- ଆଫଗାନିସ୍ଥାନ-ପାକିସ୍ଥାନ-ଭାରତ(ତାପି)ର ମିଳିତ ପ୍ରକଳ୍ପ ଦୀର୍ଘଦିନ ଧରି ଆରମ୍ଭ ହେବ ବୋଲି ଶୁଣାଯାଉଥିଲା । ୨୪ ଫେବୃଆରୀ ୨୦୧୮ରେ ଏହି ବହୁ ପ୍ରତୀକ୍ଷିତ ପ୍ରକଳ୍ପ ଆଫଗାନ-ତୁର୍କମେନିସ୍ଥାନର ସୀମାରେ ଆରମ୍ଭ ହୋଇଛି । ଏହି ଅବସରରେ ଭାରତର ବିଦେଶ ରାଷ୍ଟ୍ରମନ୍ତ୍ରୀ ଏମ.ଜେ. ଆକବର, ଆଫଗାନ ରାଷ୍ଟ୍ରପତି, ପାକ୍‌ର ପ୍ରଧାନମନ୍ତ୍ରୀଙ୍କ ସମେତ ତୁର୍କମେନିସ୍ଥାନ ରାଷ୍ଟ୍ରପତି ପ୍ରମୁଖ ଉପସ୍ଥିତ ଥିଲେ ।

ଏହି ପ୍ରକଳ୍ପ ସଂପର୍କରେ ୧୯୯୪ରେ ଆର୍ଜେଣ୍ଟିନାର କମ୍ପାନୀ ବ୍ରିଡାସ କର୍ପୋରେସନ ପ୍ରଥମେ ଚିନ୍ତା କରିଥିଲା । ୨୭ ଅକ୍ଟୋବର ୧୯୯୧ରେ ରୁଷିଆଠାରୁ ଅଲଗା ହୋଇ ସ୍ୱାଧୀନ ଦେଶର ମର୍ଯ୍ୟାଦା ପାଇଥିବା ସ୍ଥଳପଥ ଘେରା ରାଷ୍ଟ୍ର ତୁର୍କମେନିସ୍ଥାନ ପାଇଁ ଅର୍ଥନୀତିକୁ ସମ୍ଭାଳିବା ବଡ ଆହ୍ୱାନ ହୋଇଥିଲା । ତେଣୁ ୧୫ ମାର୍ଚ୍ଚ ୧୯୯୫ରେ ତୁର୍କମେନିସ୍ଥାନ-ପାକିସ୍ଥାନ ମଧ୍ୟରେ ପ୍ରାଥମିକ ବୁଝାମଣା ହୋଇଥିଲା । ୨୧ ଅକ୍ଟୋବର ୧୯୯୫ରେ ଆମେରିକାର ୟୁନିକଲ ଓ ସାଉଦି ଆରବର ଡେଲଟା ତୈଳ କମ୍ପାନୀ ଅନ୍ୟ ଏକ ପ୍ରକଳ୍ପ ପାଇଁ ବୁଝାମଣା କଲେ । ୨୭ ଅକ୍ଟୋବର ୧୯୯୭ରେ ସେଣ୍ଟ୍ରାଲ ଏସିଆ ଗ୍ୟାସ ପାଇପ ଲାଇନ ଲିମିଟେଡ୍ ଜନ୍ମ ନେଲା । ତୁର୍କମେନିସ୍ଥାନର ରାଜଧାନୀ ଅସ୍‌ଗାବାଟଠାରେ ଏନେଇ ଅନେକ କମ୍ପାନୀ ସହ ତୁର୍କମେନ ସରକାର ବୁଝାମଣା କଲେ । ୨୦୦୨ରେ ଗ୍ୟାସ ପରିବହନ ପାଇଁ ତୁର୍କମେନିସ୍ଥାନ,ଆଫଗାନିସ୍ଥାନ ଓ ପାକିସ୍ଥାନ ମଧ୍ୟରେ ବୁଝାମଣା ଇସଲାମାବାଦଠାରେ ହୋଇଥିଲା । ୨୦୦୬ରେ ଭାରତ ଏହି ପ୍ରକଳ୍ପରେ ଯୋଗଦେଲା । ୨୦୦୮ରେ ଏହି ୪ଟି ଯାକ ଦେଶ ଗ୍ୟାସ ପାଇପ ଲାଇନ୍‌ର ଢାଞ୍ଚାଗତ ନିର୍ମାଣ ପାଇଁ ବୁଝାମଣା କରି ୨୦୧୦ରେ ଏହାର କାର୍ଯ୍ୟାରମ୍ଭ କରି ୨୦୧୫ସୁଦ୍ଧା ଗ୍ୟାସ ଯୋଗାଣ ପାଇଁ ନିଷ୍ପତ୍ତି ନେଲେ । ଡିସେମ୍ବର ୨୦୧୦ରେ ଅସଗାବାଟଠାରେ ଶିଖର ବୈଠକ ଆରମ୍ଭ ହେଲା । ୨୦୧୧ରେ ପାକ୍-ତୁର୍କମେନିସ୍ଥାନ ମଧ୍ୟରେ ଗ୍ୟାସର କିଣାବିକା ନେଇ ୫ଟି ବୁଝାମଣାପତ୍ର ହେଲା । କିନ୍ତୁ ମାର୍ଚ୍ଚ ୨୦୧୨ରେ ଆଫଗାନ ସରକାର ଏହି ବୁଝାମଣାରୁ ଓହରିଯାଇ କେବଳ ପରିବହନ ଶୁଳ୍କ ପାଇଁ ରାଜିଅଛନ୍ତି ବୋଲି କହିବା ଯୋଗୁ ଭାରତ ଓ ପାକ୍‌ର ପେଟ୍ରୋଲ ସଚିବ ଆଫଗାନିସ୍ଥାନକୁ ଗ୍ୟାସ ନିଜନିଜ ଅଂଶରୁ ଦେବାପାଇଁ କହିଲେ । ତେଣୁ ୧୩ ନଭେମ୍ବର ୨୦୧୪ରେ ୪ଟି ଦେଶ ମିଳିତ ଭାବେ ତାପି ପାଇପ୍ ଲାଇନ କମ୍ପାନୀ ଗଠନ କରି ଅଗଷ୍ଟ ୨୦୧୭ସୁଦ୍ଧା ପ୍ରକଳ୍ପ କାର୍ଯ୍ୟାରମ୍ଭ କରିବା ଲକ୍ଷ୍ୟ ରଖିଲେ । ୧୮-୧୯ନଭେମ୍ବର ୨୦୧୪ରେ ତାପି ବୈଷୟିକ କାର୍ଯ୍ୟକାରୀଗୋଷ୍ଠୀର ବୈଠକ ଅନୁଷ୍ଠିତ ହେଲା । ୧୯ତମ କାର୍ଯ୍ୟକାରୀ ଗୋଷ୍ଠୀ ବୈଠକ ୨୦ ନଭେମ୍ବର ୨୦୧୪ରେ ଭାରତର ତୈଳ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଲେ । ଏହାର ୨୦ତମ ବୈଠକ ୧୧ ଫେବୃଆରୀ ୨୦୧୫ରେ ଇସଲାମାବାଦ, ୨୧ତମ ବୈଠକ ୧୮ମାର୍ଚ୍ଚ ୨୦୧୫ରେ କାବୁଲଠାରେ ଅନୁଷ୍ଠିତ ହେଲା । ପ୍ରକଳ୍ପର ନିର୍ମାଣକାର୍ଯ୍ୟ ଡିସେମ୍ବର ୨୦୧୫ରେ ଆରମ୍ଭ କରିବାକୁ ନିଷ୍ପତ୍ତି ହୋଇଥିଲେ ମଧ୍ୟ ଆଫଗାନିସ୍ଥାନରେ ସୁରକ୍ଷା ଓ ତୁର୍କମେନିସ୍ଥାନରେ ଆଇନଗତ ଅସୁବିଧା ଯୋଗୁ ଜମି ଅଧିଗ୍ରହଣରେ ସମସ୍ୟା ଦେଖାଦେଲା । ଫଳରେ ଦେଢବର୍ଷ ବିଳମ୍ବରେ ଅଗଷ୍ଟ ୨୦୧୭ରେ ତୁର୍କମେନିସ୍ଥାନ ମଧ୍ୟରେ ଏହି ପ୍ରକଳ୍ପ ପାଇଁ ନିର୍ମାଣ କାର୍ଯ୍ୟ ଆରମ୍ଭ ହେଲା । ୨୦୧୯ସୁଦ୍ଧା ପ୍ରକଳ୍ପକୁ ଚାଲୁ କରିବାକୁ ୧୦ବିଲିଅନ ଡଲାର ଖର୍ଚ୍ଚ ହେବ ବୋଲି ଲକ୍ଷ୍ୟ ରଖାଯାଇଥିଲା । ପ୍ରଥମାବସ୍ଥାରେ ଏହି ପ୍ରକଳ୍ପ ପାଇଁ ଦୁଇଟି କମ୍ପାନୀ ଚେଭନ ଏବଂ ଟୋଟାଲ ଅର୍ଥ ଯୋଗାଇବାକୁ ରାଜି ହୋଇଥିଲେ । କିନ୍ତୁ ଗ୍ୟାସଭଣ୍ଡାରରେ ଅଂଶଦେବାକୁ ତୁର୍କମେନ ସରକାର କମ୍ପାନୀ ସର୍ତ୍ତରେ ଏକମତ ନହେବାରୁ ଦୁଇଟି ଯାକ କମ୍ପାନୀ ପଛାଇଥିଲେ । ଏପରିକି କ୍ଷେତ୍ରୀୟ ଅସ୍ଥିରତା ଯୋଗୁ ଏସୀୟ ବିକାଶ ବ୍ୟାଙ୍କ ମଧ୍ୟ ପ୍ରକଳ୍ପକୁ ଋଣଦେବାଲାଗି ମନା କରିଦେଲା ।

ଏହାଛଡା କ୍ଷେତ୍ରଗତ ରାଜନୀତି ବଡ ସମସ୍ୟା ହୋଇ ଛିଡାହେଲା । ତାପି ପ୍ରକଳ୍ପ ପଛରେ ଆମେରିକାର ସମର୍ଥନ ରହିବାବେଳେ ତୁର୍କମେନିସ୍ଥାନର ବଡ ଗ୍ୟାସ ଗ୍ରାହକ ରୁଷିଆ ପ୍ରକଳ୍ପକୁ ବିରୋଧ କଲା । କାରଣ ପୂର୍ବରୁ ଇରାନ-ପାକିସ୍ଥାନ-ଭାରତ ଗ୍ୟାସ ପ୍ରକଳ୍ପକୁ ରୁଷିଆ ସମର୍ଥନ କରୁଥିଲା । ରୁଷିଆର କମ୍ପାନୀ ଗାଜ୍‌ପ୍ରୋମ ତୁର୍କମେନିସ୍ଥାନରୁ ସବୁଠୁ ଅଧିକ ଗ୍ୟାସ କିଣି ଇଉରୋପକୁ ବିକ୍ରି କରି ଭଲ ଲାଭ କରୁଥିଲା । ସେମିତି ଇରାନ ଓ ଚୀନ ପାଇପଲାଇନ ମାଧ୍ୟମରେ ତୁର୍କମେନିସ୍ଥାନରୁ ଗ୍ୟାସ ନେଉଥିଲେ । କିନ୍ତୁ ୨୦୧୫ରେ ରୁଷିଆ ନିଜଗ୍ୟାସ ଉତ୍ପାଦନ ବଢାଇଲା ଏବଂ ଇରାନ ତୁର୍କମେନିସ୍ଥାନରୁ ଗ୍ୟାସ କ୍ରୟ ହ୍ରାସ କଲା । ଫଳରେ କେବଳ ଚୀନକୁ ଗ୍ୟାସ ଯୋଗାଇ ସବୁଦିନ ଚଳାଇବା କଷ୍ଟହେବା ଜାଣି ତାପି ପ୍ରକଳ୍ପକୁ ତୁର୍କମେନ ସରକାର ବିକଳ୍ପ ବାଟ ମନେକରି ଜୋର ଦେଲେ । ଦ୍ୱିତୀୟରେ ତାପି ପ୍ରକଳ୍ପ ମାଧ୍ୟମରେ ଗ୍ୟାସ ଯୋଗାଇଲେ କାଳେ ରୁଷିଆକୁ ଯୋଗାଣରେ ଅସୁବିଧା ହେବ ସେହି ଆଶଙ୍କାରେ ରୁଷିଆ ସରକାର ତାପି ପ୍ରକଳ୍ପକୁ ବିରୋଧ କରିବା ସହ ତୁର୍କମେନ ସରକାରଙ୍କ ଉପରେ ଚାପ ପ୍ରୟୋଗ କରୁଥିଲେ । କିନ୍ତୁ ଦକ୍ଷିଣ ୟୋଲୋଟାନ ଗ୍ୟାସ ଭଣ୍ଡାର ମିଳିବା ପରେ ରୁଷିଆକୁ ଯୋଗାଣରେ ଅସୁବିଧା ହେବ ନାହିଁ ବୋଲି ତୁର୍କମେନ ସରକାର ବୁଝାଇବାରେ ସକ୍ଷମ ହେଲେ ।

ଏହି ପ୍ରକଳ୍ପ ଦକ୍ଷିଣ ଏସିଆର ଅର୍ଥନୀତିକୁ ବିଶେଷ କରି ଆଫଗାନ, ପାକ୍ ଓ ଭାରତକୁ ସହାୟକ ହେବ । ତୁର୍କମେନିସ୍ଥାନରୁ ପୂର୍ବରୁ ରୁଷିଆ, ଇରାନ ଓ ଚୀନକୁ ଗ୍ୟାସ ପାଇପ୍ ଲାଇନ୍ ଅଛି । ଚୀନକୁ ଉଜ୍‌ବେକିସ୍ଥାନ ଓ କାଜାଖସ୍ଥାନ ଦେଇ ଏବଂ ଇରାନକୁ ୧୪୭ କି.ମି ଦୀର୍ଘ ପାଇପ ଲାଇନ ଯୋଗେ ଗ୍ୟାସ ଯୋଗାଣ ହେଉଛି । ରୁଷିଆ, ଇରାନ ଓ କାତାର ପରେ ତୁର୍କମେନିସ୍ଥାନ ବିଶ୍ୱର ୪ର୍ଥ ଗ୍ୟାସ ଉତ୍ପାଦନକାରୀ ଦେଶ । ପ୍ରାୟ ୮.୧ ଟ୍ରିଲିଅନ୍ ଘନମିଟର ଗ୍ୟାସ ଭଣ୍ଡାର ଏଠାରେ ଅଛି । ତାପି ପ୍ରକଳ୍ପ ଚାଲୁ ହେଲେ ୪୦ବର୍ଷ ଧରି ଧ୍ୱସ୍ତବିଧ୍ୱସ୍ତ ଆଫଗାନିସ୍ଥାନର ଅଧିକ ଲାଭ ହେବ । କାରଣ ବାର୍ଷିକ ୪୦୦ ମିଲିଅନ ଡଲାର ଆଫଗାନିସ୍ଥାନ ଓ ୨୦୦ରୁ ୨୫୦ ମିଲିଅନ ଡଲାର ପାକିସ୍ଥାନ ଗ୍ୟାସ ପରିବହନ ଶୁଳ୍କ ବାବଦକୁ ପାଇବେ । ଏହାଛଡା ଆଫଗାନିସ୍ଥାନର ହେଲମଣ୍ଡ, ହେରାଟ, କାନ୍ଦାହାର, ନିମରୁଜ, ରୁଜଗାନ୍, ଫାରାହ ଆଦି ଅଞ୍ଚଳରେ ଗ୍ୟାସଚାଳିତ ବିଦ୍ୟୁତ ଉତ୍ପାଦନ ସମ୍ଭବ ହେବ । ପ୍ରାୟ ୨୫୦୦୦ ଆଫଗାନିସ୍ଥାନ ଲୋକେ ଏଥିରେ ନିଯୁକ୍ତି ସୁଯୋଗ ପାଇବେ ।

ତୁର୍କମେନିସ୍ଥାନର ଗ୍ୟାସ ଭଣ୍ଡାର ଦେଉଲତାବାଦରୁ ୨୦୦୨ରେ ଦୈନିକ ୫୩.୫ ବିଲିଅନ୍ ଘନମିଟର ଗ୍ୟାସ ଉତ୍ପାଦିତ ହେଉଥିଲା । ଏଥିରୁ ୧୦ ବିଲିଅନ ଘନମିଟର ଗ୍ୟାସ ନିଜର ଉପଯୋଗ ପାଇଁ ରଖିବା ପରେ ଅବଶିଷ୍ଟ ବାହାର ଦେଶକୁ ବିକ୍ରି ହେଉଥିଲା । ରୁଷିଆକୁ ୧୦ ବିଲିଅନ, ଇରାନକୁ ୧୦ ବିଲିଅନ ଓ ଚୀନକୁ ୧୪ ବିଲିଅନ ଘନମିଟର ଗ୍ୟାସ ଦୈନିକ ୨୦୧୧ ବେଳକୁ ରପ୍ତାନୀ ହେଉଥିଲା । ୨୦୧୨ବେଳକୁ ୬୯ ବିଲିଅନ ଗ୍ୟାସ ଉତ୍ପାଦିତ ହେଲା । ୨୦୩୦ ବେଳକୁ ଦୈନିକ ୨୫୦ ବିଲିଅନ ଗ୍ୟାସ ଉତ୍ପାଦନ ପାଇଁ ତୁର୍କମେନିସ୍ଥାନ ଲକ୍ଷ୍ୟ ରଖିଛି । ତେଣୁ ତାପି ପ୍ରକଳ୍ପ ହେଲେ ଆଗାମୀ ୩୦ବର୍ଷ ପାଇଁ ଦୈନିକ ୩୩ ବିଲିଅନ ଘନମିଟର ଗ୍ୟାସ ସହଯୋଗୀ ତିନିରାଷ୍ଟ୍ରକୁ ଯୋଗାଯାଇହେବ । ଏଥିରୁ ଦୈନିକ ୩୮ ମିଲିଅନ ଘନମିଟର ଲେଖାଏଁ ଗ୍ୟାସ ଉଭୟ ଭାରତ ଓ ପାକିସ୍ଥାନ ପାଇବେ ଏବଂ ୧୪ ମିଲିଅନ ଘନମିଟର ଆଫଗାନିସ୍ଥାନ ପାଇବ । ପାଇପଲାଇନ୍‌ଟି ତୁର୍କମେନିସ୍ଥାନରେ ୨୧୪ କି.ମି, ଆଫଗାନିସ୍ଥାନରେ ୭୭୪ କି.ମି, ପାକିସ୍ଥାନରେ ୮୨୬ କି.ମି. ଗତିକରି ମୋଟ ୧୮୧୪କି.ମି ପରେ ଭାରତର ଫଜଲିକାଠାରେ ଶେଷହେବ । ଏହି ପ୍ରକଳ୍ପରୁ ଭାରତ ୧୫ ପ୍ରତିଶତ, ପାକିସ୍ଥାନ ୨୫ପ୍ରତିଶତ ଆବଶ୍ୟକ ଶକ୍ତି ଉତ୍ସ ପାଇବେ । ଏବେ ଭାରତ ଦୈନିକ ୮୦୦୦ ମେଗାୱାଟ ଓ ପାକିସ୍ଥାନ ୮୫୦୦ ମେଗାୱାଟ ବିଦ୍ୟୁତ ଅଭାବ ସ୍ଥିତିରେ ରହିଛନ୍ତି । ୨୦୧୨-୧୩ରେ ଭାରତ ୪୧ ପ୍ରତିଶତ ଗ୍ୟାସ ଅଭାବ ସ୍ଥିତିରେ ରହିଥିଲା । ୨୦୧୨-୧୩ରେ ଭାରତ ୪୧ ପ୍ରତିଶତ ଗ୍ୟାସ ଅଭାବସ୍ଥିତିରେ ରହିଥିଲା । ଏ ପର୍ଯ୍ୟନ୍ତ ଭାରତକୁ କୌଣସି ବହୁଦେଶୀୟ ଗ୍ୟାସ ପାଇପଲାଇନ ସଂଯୋଗ ନାହିଁ । ୨୦୨୯-୩୦ ବେଳକୁ ଭାରତର ଦୈନିକ ଗ୍ୟାସ ଆବଶ୍ୟକତା ୭୪୬ ମିଲିଅନ ଘନମିଟର ହୋଇଯିବ । ଭାରତର ନିଜସ୍ୱ ଗ୍ୟାସ କ୍ଷେତ୍ର କେ.ଜି. ଡି- ୬ରୁ ଏବେ ଉତ୍ପାଦନ ହ୍ରାସ ପାଇଲାଣି । ସେମିତି ପାକିସ୍ଥାନ ମଧ୍ୟ ୧୨୦୦ ମିଲିଅନ ଘନମିଟର ଗ୍ୟାସ ଅଭାବ ସ୍ଥିତିରେ ରହିଛି । ୨୦୧୫ରୁ ରୁଷିଆ ଓ ଇରାନର ଗ୍ୟାସ ଆମଦାନୀ ହ୍ରାସ ପାଇଥିବା ଦୃଷ୍ଟିରୁ ତୁର୍କମେନିସ୍ଥାନ ପାଇଁ ଦକ୍ଷିଣ ଏସିଆର ବଜାର ସବୁଠୁ ବଡ ବଜାର ହେବ । କାରଣ ଲକ୍ଷ ଲକ୍ଷ ଯାନ ପ୍ରତିବର୍ଷ ଭାରତରେ ରାସ୍ତାକୁ ଓହ୍ଲାଇବାରେ ଲାଗିଛନ୍ତି । ୧୦୦ସ୍ମାର୍ଟ ସିଟି ନିର୍ମାଣ, ମେକଇନ୍ ଇଣ୍ଡିଆ ଯୋଜନାରେ ଶିଳ୍ପ ସଂଖ୍ୟାବୃଦ୍ଧି, ଦେଶରେ ସାମରିକ ଉତ୍ପାଦନ ବୃଦ୍ଧି ପାଇଁ ଆବଶ୍ୟକ ଶିଳ୍ପ କ୍ଷେତ୍ରରେ ବିଦ୍ୟୁତ ଉପଯୋଗ ଲାଗି ତାପି ଗ୍ୟାସ ପ୍ରକଳ୍ପ ଭାରତ ପାଇଁ ସହାୟକ ହେବ ।

ତାପି ପ୍ରକଳ୍ପର ସୁରକ୍ଷା ପାଇଁ ଆଫଗାନ ସରକାର ୭୦୦୦ ସୁରକ୍ଷାକର୍ମୀ ଯୋଗାଇବାକୁ ରାଜି ହୋଇଛନ୍ତି । ସେହିପରି ପାକ୍‌ର ମୁଲତାନ ଓ କ୍ୱେଟା ଦେଇ ଆସୁଥିବା ଏହି ପାଇପ ଲାଇନକୁ ପାକ୍ ସରକାର ସୁରକ୍ଷାଦେବାର ବନ୍ଦୋବସ୍ତ କରିବା ଦରକାର । କାରଣ ପାଇପ ଲାଇନ ଯିବାରାସ୍ତାରେ ଅନେକ ଶିଳ୍ପ ଗଢି ଉଠିବାର ସମ୍ଭାବନା ରହିଛି । ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେବାପରେ ଆଫଗାନିସ୍ଥାନ ପାଇଁ ଏହା ସବୁଠୁ ବଡ ପ୍ରକଳ୍ପ ହେବ ।

ମଧ୍ୟ-ଏସିଆ ସହ ଭାରତର ସ୍ଥଳସୀମା ଯୋଗାଯୋଗ ନଥିବାରୁ ରୁଷିଆ ଓ ଚୀନପରି ସୁବିଧା ବାଣିଜ୍ୟିକ ସଡକ ଭାରତ ପାଇପାରୁନାହିଁ । ତେଣୁ ବହୁଦେଶୀୟ ତାପି ପ୍ରକଳ୍ପକୁ ସମୟସୀମା ମଧ୍ୟରେ ଶେଷ କରାଇପାରିଲେ ଏହି ପ୍ରକଳ୍ପ ୪ଟି ଯାକ ଦେଶ ପାଇଁ କଲ୍ୟାଣକାରୀ ହେବ । କିନ୍ତୁ ଏବେ ପାକ୍‌ର ଗଣମାଧ୍ୟମରେ ଏହି ପ୍ରକଳ୍ପକୁ ନେଇ ଅନେକ ରୁଚିହୀନ, ବିଭ୍ରାନ୍ତିକର ଆଲୋଚନା ଚାଲିଛି । ସେମିତି ଆଫଗାନିସ୍ଥାନର ଲୋକେ ମନେ କରୁଛନ୍ତି ଯେ ପ୍ରକଳ୍ପରୁ ଅଧିକଲାଭ ଭାରତ ଓ ପାକିସ୍ଥାନ ପାଇବେ । ଏସବୁ ସନ୍ଦେହ ତିନିଦେଶର ନେତୃବୃନ୍ଦ ଦୂର କରିବା ଆବଶ୍ୟକ । ବଢୁଥିବା ଜନସଂଖ୍ୟା, ଯାନବାହନ, ରୋଜଗାର ପାଇଁ ଏହି ପ୍ରକଳ୍ପ ବିବିଧ ଲକ୍ଷ୍ୟସାଧନରେ ସହାୟକ ହେବ, ଏଥିରେ ସନ୍ଦେହ ନାହିଁ ।

*ଭାରତୀୟ ସମ୍ବାଦ ସେବା (ଭାସ୍)*
*ଭୁବନେଶ୍ୱର-୭୫୧୦୦୩*

# ଶାଶ୍ୱତ ଆନନ୍ଦକୁ ଖୋଜିବାର ପର୍ବ



ସତ୍ୟବାଦୀ ବଳିଆରସିଂହ

ଆମ ଦେଶରେ ବିଭିନ୍ନ ପର୍ବପର୍ବାଣି, ଯାନିଯାତ୍ରା, ପ୍ରଚଳିତ ପରମ୍ପରା, ଚାଲିଚଳନ କିଛି ନା କିଛି ନୂତନ ବାର୍ତ୍ତା ନେଇ ଆସିଥାଏ। ପବିତ୍ର ଫାଲଗୁନ, ଚୈତ୍ରମାସ ଆମକୁ ପହଁଚାଇ ଦିଏ ବିଭୁ ପ୍ରେମର ଅଫୁରନ୍ତ ଆନନ୍ଦ ଉଲ୍ଲାସ ମଧ୍ୟରେ । ଋତୁରାଜ ବସନ୍ତର ଆଗମନର ବାର୍ତ୍ତାକୁ ସୂଚାଇ ଦିଏ କୋଇଲିର କୁହୁ କୁହୁ ତାନ ଓ ଆମ୍ରବୃକ୍ଷର ଗହଳିଆ ପତ୍ର ଫାଙ୍କରୁ ପେନ୍ଥା ପେନ୍ଥା ବଉଳ। ଦକ୍ଷିଣା ମଳୟ ଆମ ତନୁ ମନରେ ଭରିଦିଏ ଶାଶ୍ୱତ ଆନନ୍ଦ। ଆଧ୍ୟାତ୍ମିକ ଓ ଶାଶ୍ୱତ ପରିବେଶ ମଧ୍ୟରେ ଦୋଳଯାତ୍ରା ମଧ୍ୟରେ ପ୍ରଭୁ ଶ୍ରୀକୃଷ୍ଣ ଧରାବତରଣ କରନ୍ତି । ଫାଲଗୁନ ଶୁକ୍ଳ ଚତୁର୍ଦ୍ଦଶୀ ଦିନ ଆରମ୍ଭ ହୁଏ ଦୋଳଯାତ୍ରା। ମହାପ୍ରଭୁ ଶ୍ରୀକୃଷ୍ଣ ଓ ପ୍ରେମମୟୀ ରାଧାଙ୍କଠାରେ ସମର୍ପିତ ହୁଏ ଭକ୍ତି ନୈବିଦ୍ୟ। ତା'ସାଙ୍ଗକୁ ଅର୍ପଣ ହୁଏ ଲାଲ ଅବିର ରଙ୍ଗ ଓ ରାସର ପର୍ବ ହୋଲି । ନିତ୍ୟ ପ୍ରେମ ଓ ଶାଶ୍ୱତ ଆନନ୍ଦର ପର୍ବ ହେଉଛି ହୋଲି ।

ଏହି ଦୋଳ ଉତ୍ସବ ହିନ୍ଦୁ ଜଗତରେ ଏକ ଋତୁଭିକ ପର୍ବ । ଅତି ପ୍ରାଚୀନ କାଳରୁ ଏହା ବସନ୍ତୋତ୍ସବ ନାମରେ ପ୍ରସିଦ୍ଧି ଲାଭ କରି ଆସିଛି । ଓଡ଼ିଶାରେ ଏହା ହୋଲି ଉତ୍ସବ ନାମରେ ପ୍ରସିଦ୍ଧ । ଫାଲଗୁନ ପୂର୍ଣ୍ଣମୀକୁ ଦୋଳ ପୂର୍ଣ୍ଣମୀ କୁହାଯାଏ । ତା'ପରଦିନ ଅର୍ଥାତ ଚୈତ୍ର ଶୁକ୍ଳ ପ୍ରତିପଦା ତିଥିରେ ହୋଲି ଉତ୍ସବ ପାଳିତ ହୁଏ । ଶ୍ରୀମନ୍ଦିରରେ ହୋଲି ଉତ୍ସବ ଫାଲଗୁନ ଶୁକ୍ଳ ଦଶମୀ ଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ଅନୁଷ୍ଠିତ ହୁଏ । ପୂର୍ଣ୍ଣିମା ପରଠାରୁ ବିଭିନ୍ନ ସ୍ଥାନରେ ତିନିଦୋଳ, ପଂଚୁଦୋଳ, ନଅଦୋଳ, ଦଶଦୋଳ, ପନ୍ଦରଦୋଳ ମଧ୍ୟ ପାଳିତ ହୁଏ । ୧୨୩୦ ଖ୍ରୀଷ୍ଟାବ୍ଦରେ ଅନଙ୍ଗଭୀମ ଦେବ ଶ୍ରୀମନ୍ଦିରରେ ଦୋଳ ଉତ୍ସବ ଆରମ୍ଭ କରିଥିଲେ ବୋଲି ମାଦଳା ପାଞ୍ଜିରେ ଉଲ୍ଲେଖ ଅଛି । ୧୫୧୦ ଖ୍ରୀଷ୍ଟାବ୍ଦରେ ଶ୍ରୀ ଚୈତନ୍ୟଙ୍କର ଉତ୍କଳ ଆଗମନ ଫଳରେ ବୈଷ୍ଣବ ଧର୍ମର ବ୍ୟାପକ ପ୍ରଚାର ପ୍ରସାର ଘଟିଥିଲା । ତାଙ୍କରି ପ୍ରାଧାନ୍ୟ ଯୋଗୁଁ ଉତ୍କଳରେ ଦୋଳ ଉତ୍ସବ ସହିତ ଠାକୁର ମେଳଣର ଏକ ପରମ୍ପରା ସୃଷ୍ଟି ହୋଇଛି । ଫଳରେ ଏହା ଉତ୍କଳର ଏକ ପ୍ରଧାନ ପର୍ବ ଭାବେ ଉଭା ହୋଇଛି । ପ୍ରତି ଗ୍ରାମରେ ଠାକୁରଙ୍କ ଫଗୁଖେଳ ଓ ଚଉରୀ ଭୋଗଖିଆର ମହକ ଅନନ୍ୟ ପରମ୍ପରା ସୃଷ୍ଟି କରିଛି । "ଚଉରୀ ଗହଳ ସଖି ଗୋବିନ୍ଦଙ୍କ ଦୋଳ ସର୍ବସୁଖ ଘେନିଗଲେ ମଦନ ଗୋପାଳ।" ଏହି ଶବ୍ଦ ଗୁଡ଼ିକ ମଧ୍ୟରେ ଅପୂର୍ବ ପୁଲକର ଅନୁଭବ ଆସେ । ଏହା ମଧ୍ୟ ବାର୍ତ୍ତା ଦିଏ, ଅମୃତ ପ୍ରାପ୍ତି, ଈଶ୍ୱର ପ୍ରାପ୍ତି ମନୁଷ୍ୟ ଜୀବନର ସର୍ବଶ୍ରେଷ୍ଠ ଲକ୍ଷ୍ୟ ଅଟେ । ପରମ ବୈଷ୍ଣବ ଅଚ୍ୟୁତାନନ୍ଦ ତାଙ୍କ ଲିଖିତ ଗୋପାଳଙ୍କ ଓଗାଳରେ ଲେଖିଛନ୍ତି - "ଏଣୁ ଫଗୁଣର ଦୋଳ ଗୋବିନ୍ଦ ବୋଲାଇ ଫଗୁ ଖେଳୁଥିବା ଆମେ ଚଉଦୋଳେ ରହି।"

ଦୋଳ ଉତ୍ସବକୁ ସଂସ୍କୃତରେ 'ଚର୍ଚ୍ଚରୀ' ବା ଚଉରୀ କୁହାଯାଉଥିବା ବେଳେ ଦେବତାଙ୍କୁ ଅର୍ପଣ କରିଥିବା ଭୋଗକୁ ଚଉରୀ ଭୋଗ କୁହାଯାଏ । ଦୋଳ ଓ ହୋଲିକୁ ନେଇ ପୁରାଣ ଓ ଇତିହାସରେ ଅନେକ ଅବତାରଣା ରହିଛି । ପୌରାଣିକ ମତରେ ହିରଣ୍ୟକଶିପୁ ନାମରେ ଏକ ଦୁର୍ଦ୍ଦାନ୍ତ ରାକ୍ଷସ ରାଜା ଥିଲା। ସେ ବ୍ରହ୍ମାଙ୍କ ବଳରେ ବଳୀୟାନ ହୋଇ ନିଜକୁ ବିଷ୍ଣୁଙ୍କ ଠାରୁ ଶକ୍ତିଶାଳୀ ମନେ କରୁଥିଲା। କିନ୍ତୁ ତା'ର ପୁତ୍ର ପ୍ରହ୍ଲାଦ ଥିଲା ପରମ ବିଷ୍ଣୁ ଭକ୍ତ । ଏଥିରେ ହିରଣ୍ୟକଶିପୁ ରୁଷ୍ଟ ହୋଇ ପ୍ରହ୍ଲାଦକୁ ବିଷ ଦେଇ ମାରିବାକୁ ଚେଷ୍ଟା କଲା । ସେଥିରେ ଅସଫଳ ହେବାରୁ ହାତୀର ପାଦତଳେ ଚାପିଲା । ବିଷଧର ସର୍ପଙ୍କ ମେଳରେ ଛାଡ଼ିଲା । ପ୍ରତ୍ୟେକଥର ବିଷ୍ଣୁ ତାକୁ ରକ୍ଷା କରୁଥିଲେ । ଶେଷରେ ପ୍ରହ୍ଲାଦକୁ ମାରିବା ପାଇଁ ଦାନବୀ ଭଉଣୀ ହୋଲିକାର ଆଶ୍ରା ନେଲା । ରାକ୍ଷସୀ ହୋଲିକା ଶିବଙ୍କ ଠାରୁ ବର ପାଇଥିଲା ଯେ ସେ ନିଆଁରେ ପୋଡ଼ିବ ନାହିଁ । ତେଣୁ ହୋଲିକା ପ୍ରହ୍ଲାଦକୁ ମାରିବା ପାଇଁ ତାକୁ କୋଳରେ ଧରି ଅଗ୍ନିରେ ପ୍ରବେଶ କଲା । ଅଗ୍ନିର ଲେଲିହାନ ଶିଖାରେ ନିଜେ ପୋଡ଼ି ପାଉଁଶ ହୋଇଗଲା । ଏଣେ ବିଷ୍ଣୁଙ୍କ ଦୟାରୁ ପ୍ରହ୍ଲାଦ ଅକ୍ଷତ ଅବସ୍ଥାରେ ଅଗ୍ନିରୁ ବାହାରିଥିଲା । ଏହାଥିଲା ଆସୁରିକ ଶକ୍ତି ଉପରେ ସତ୍ୟ ଓ ଧର୍ମର ଜୟ । ସେହି ସ୍ମୃତିକୁ ବହନ କରି ହୋଲି ଉତ୍ସବ ପାଳନ ହେଉଛି । ଅନ୍ୟ ଏକ ପୌରାଣିକ ମତରେ ହୋଲିକା ଆସୁରିକ ମାୟା ବିସ୍ତାର କରି ମୁନି ଋଷି ଓ ଦେବଗଣଙ୍କ ଶରୀରରେ ବିଷାକ୍ତ ବିସ୍ଫୋରଣ ସୃଷ୍ଟି କରୁଥିଲା । ଭଗବାନ ଶ୍ରୀକୃଷ୍ଣ ତାକୁ ବଧ କରିବାରୁ ତା' ଦେହରୁ ପିଚକାରୀ ପରି ରକ୍ତ ବହି ଚାଲିଲା । ହୋଲିର ଅବିର ଓ ରଙ୍ଗ ଏହି ସ୍ମୃତିକୁ ବହନ କରେ । ପିଚକାରୀ, ଫଗୁ ବୋଳାରେ ଚତୁର୍ଦ୍ଦିଗ ରଙ୍ଗୀନ ହୋଇଉଠେ । ହୋଲି ପର୍ବ ମଣିଷ ମନରେ ଆନନ୍ଦ ପ୍ରେମର ସୁଦୃଢ଼ ବନ୍ଧନ ସୃଷ୍ଟି କରିବାରେ କ୍ଷମ ହୋଇଥାଏ ।

ଦୋଳ ପର୍ବ ସମୟରେ ଗ୍ରାମର ଦେବଦେବୀ କିମ୍ବା ପଡ଼ୋଶୀ ଗ୍ରାମର ଦେବଦେବୀ ଦୋଳ ବିମାନରେ ଚଢ଼ି ଘରେ ଘରେ ବୁଲି ନୈବେଦ୍ୟ ଗ୍ରହଣ କରିଥାନ୍ତି । ଏହା ଲୋକମାନଙ୍କୁ ଅପୂର୍ବ ଆନନ୍ଦ ଉଲ୍ଲାସରେ ବିଭୋର କରିଥାଏ । ଦୋଳବିମାନ ଘର ଘର ବୁଲି ଚଉରୀ ଭୋଗ ଖାଇଲାବେଳେ ସଂକୀର୍ତ୍ତନ ମଣ୍ଡଳୀ ବା ଭଜନ ମଣ୍ଡଳୀ ଦ୍ୱାରା ଠାକୁରଙ୍କ ଗୁଣକୀର୍ତ୍ତନ ଭକ୍ତମାନଙ୍କୁ ବିଭୋର କରିଦିଏ । ଏହି ପର୍ବ ଜାତି, ଧର୍ମ, ବର୍ଣ୍ଣ, ସମ୍ପ୍ରଦାୟ ନିର୍ବିଶେଷରେ ସ୍ନେହ, ପ୍ରେମ, ମୈତ୍ରୀ, ଏକତା ଓ ବନ୍ଧୁତ୍ୱ ସୃଷ୍ଟିକରେ । ଏହା ଆତ୍ମା ସହିତ ପରମାତ୍ମାର ମିଳନ, ଅସୀମ ଭିତରେ ସସୀମର ବିଲୀନ ଓ ନୈସର୍ଗିକ ସୃଷ୍ଟିରେ ଶାଶ୍ୱତ ଆନନ୍ଦକୁ ଖୋଜି ପାଇବାର ପର୍ବ ହେଉଛି ହୋଲି ।

*ସଭାପତି, ବିଷୁବ ମିଳନ ସମିତି, ଖୋର୍ଦ୍ଧା*

ସମ୍ପାଦନା କାର୍ଯ୍ୟାଳୟ
ଏକମାତ୍ର
ପ୍ଲଟ୍-୧୮୬ ,ଲେନ୍-୨
ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୨୦
ଦୂରଭାଷ
୦୯୩୩୮୨୨୫୯୩୦
୦୭୦୦୮୫୬୭୯୮୯
୯୪୩୭୧୩୩୭୭୭

## ଗଳ୍ପ ଆମ ସମାଜର



# ଆମେ ବଣ ମଣିଷ ହୋଇଯିବା

**ଶିବାଶୀଷ ମହାପାତ୍ର**

ଯାହାକୁ ଦେଖିବ ସମସ୍ତେ ବ୍ୟସ୍ତ। କାହାରି ପାଖରେ ଟିକିଏ ସମୟ ନାହିଁ। ହେଇ ଦେଖନ୍ତୁ ଦିନ ଥିଲା ଫୋନ୍‌ଟେ କରିବାକୁ ଆମେ ଟେଲିଫୋନ୍ ବୁଥ୍‌ରେ ଘଣ୍ଟା ଘଣ୍ଟା ଅପେକ୍ଷା କରି ବସୁଥିଲେ। ଏବେ ସମସ୍ତ ହାତରେ ଗୋଟେ ଗୋଟେ ମୋବାଇଲ ଫୋନ୍। ହେଲେ ଫୁରସତ୍ ନାହିଁ ଟିକେ ଆରାମରେ କଥା ଦି'ପଦ ହବାକୁ। ଗାଡି ଚଳେଇଲା ବେଳେ କି ରାସ୍ତାରେ ଚାଲି ଚାଲି ଗଲାବେଳେ ଯାହା ଟିକିଏ ସମୟ ପାଉଁ। କଥା ହେଇଯାଉ। ଅଟୋରେ ଓହଲିଥିବୁ କାନରେ କିନ୍ତୁ ଫୋନ୍ ଲାଗିଥିବ। କିଛି ତ ପରିସ୍ରା କରୁଥିବା ବେଳେ ବି ଫୋନ୍‌କୁ କାନରୁ ତଳକୁ ଖସାଉ ନାହାନ୍ତି। ଆମ ପିଲେ ତ' ଆଜିକାଲି ଆଗେ କାନରେ ଇୟରଫୋନ୍‌ଟେ ଗେଞ୍ଜିବେ। ତା'ପରେ ଘରୁ ବାହାରିବେ। ଦିନ ଆସିବ ଭାରତବର୍ଷର ଅଧିକାଂଶ ଲୋକେ ବଧିର ହେଇ ଡାକ୍ତରଖାନା ବାରଣ୍ଡାରେ ବୁଲୁଥିବେ। ଯେ କି ଫେସନ ? କିଏ ନେଇଗଲା ଆମ ସମୟକୁ। ସମୟ କିଆଁ ନିଅଣ୍ଟ ପଡିଲା ? ଖାଲି ସମୟ କ'ଣ ! ଆମକୁ ତ ସବୁ ନିଅଣ୍ଟ ପଡିଲାଣି। ଆସନ୍ତୁ ଆମେ ଏବେ ମୂଳ ବିଷୟବସ୍ତୁକୁ ଯିବା।

ଦିନେ କଳ୍ପନା ଛକରେ ଠିଆହୋଇଥାଏ। ଛକରେ ବହୁତ ଭିଡ। କିଏ ଇଆଡେ ଗଳି ଯାଉଛି ତ କିଏ ସିଆଡେ। ବାଁ ଡାଁ ଯିଏ ଯୁଆଡେ ପାରୁଛି ଖାଲି ଗଳି ଯାଉଛି। କାହାରି ମୁହଁରେ ଟିକିଏ ହସ ନାହିଁ। ଯାହା ମୁହଁକୁ ଦେଖିବ କେମିତିକିଆ କରିକି ଧାଇଁ ଚାଲିଛନ୍ତି। କାହାରି ମୁହଁରେ ଟିକିଏ ହସ ନାହିଁ। କେହି କାହାକୁ ଅନଉନାହାନ୍ତି। ଅନ୍ଧଲୋକଟେ ବଡ କଷ୍ଟରେ ରାସ୍ତା ପାରି ହେଉଥିବ। ବେଳେବେଳେ ତା'ପଛରେ ବି ପିଟି ହେଇଯାଉଛନ୍ତି। ଗାଈ ଷଣ୍ଢଙ୍କ କଥା ଛାଡ। ସମସ୍ତଙ୍କର ସେହି ଗୋଟିଏ କଥା ସମୟ ନାହିଁ। ମରିବା ଆଗରୁ ସବୁତକ କାମ ସାରିଦବାର ଅଛି। କିଏ ଜାଣେ କାହାର କେତେବେଳେ କେମିତି ମରଣ ଆସିବ। ଗାଧୁଆଘର କୁଣ୍ଡରେ ବି ତ ଲୋକେ ବୁଡି ମଲେଣି। ତେଣୁ ଶୀଘ୍ର ଶୀଘ୍ର କାମ ସାରିଦେବାର ଅଛି। ଇଆଡେ ଯେତେ ରୋଜଗାର କଲେ ବି କିଛି ଅଣ୍ଟୁନି। କିରେ କ'ଣ ଅଣ୍ଟୁନି ! ହଁ ଆଜ୍ଞା। ସତକଥା। ପୋଲିସ କହୁଛି ଅଣ୍ଟୁନି। ହାକିମ କହୁଛି ଅଣ୍ଟୁନି। ଡାକ୍ତର କହୁଛି ଅଣ୍ଟୁନି। ଇଂଜିନିୟର ବି କହୁଛି ଅଣ୍ଟୁନି। କାହାକୁ କିଛି ଅଣ୍ଟୁନି।

ଆଜିକାଲି ତ ଥାନାକୁ ପଶିଯାଇ ଯଦି ପଚାରିବେ ଆଜ୍ଞା ମେଡିକାଲଟା କଉଠି। ଉତ୍ତର ମିଳିବ କିଛି ଦିଅ। ମୁହଁ ଖୋଲିବେ। ନ ହେଲେ ଯାଅ। ଅବଶ୍ୟ ସେଠି କ୍ୟାମେରା ଲାଗିଲା ପରେ ଦିଆ ନିଆ ଆଉ ଡାଇରେକ୍ଟ ହେଉନି। ସାମନା ଦୋକାନରେ ଚା'କପେ ପିଇ ଦି' ହଜାରକିଆ ନୋଟଟେ ବଢ଼େଇଦେଲେ କାମ ହେଇଗଲା ଜାଣ। ବିରଜା ମନ୍ଦିର ନାଭିଗୟା ଭଳିଆ ସଞ୍ଜବେଳକୁ ଯାଇକି ଠିକଣା ଜାଗାରେ ପହଞ୍ଚିଯିବ। ଦିନେ ମୋର ବନ୍ଧୁଙ୍କୁ ପଚାରିଲି ହଇଏ ଆପଣ ତ ଇନ୍‌ସପେକ୍ଟରର ଚାକିରୀ କରିଛନ୍ତି। ଭଲ ଗଣ୍ଡେ ଦରମା ପାଉଛନ୍ତି। ପୁଣି ଯେ ସବୁ କ'ଣ। ଉପୁରିରେ କାହିଁକି ମନ ! ମୋ କଥା ଶୁଣି ସିଏ ଟିକିଏ ହସିଦେଲେ। କହିଲେ ଭାଇ ଆମେ ଖାଲି ନୁହେଁ। ଦୁନିଆରେ ଯେ ଯେତେ ନିରୀକ୍ଷକ ଚାକିରି ଦେଖୁଛ ଡ୍ରଗ୍ସ ଇନ୍‌ସପେକ୍ଟର ହଉ କି ସପ୍ଲାଏ ଇନ୍‌ସପେକ୍ଟର ହଉ କି ନହେଲେ ହେଲ୍‌ଥ ଇନ୍‌ସପେକ୍ଟର କି ଇନ୍‌କମ ଟ୍ୟାକ୍ସ ଇନ୍‌ସପେକ୍ଟର ହଉ ସମସ୍ତଙ୍କର ଉପୁରି ଦରକାର। ଇନସ୍‌ପେକସନ କରିବେ ମାନେ ମାଲ ନେବେ। ନହେଲେ ସବୁ ଗୁମର ଖୋଲିକି ରଖିଦେବେ। କ'ଣ କରିବା ଭାଇ ? ଯେତେ ରୋଜଗାର କଲେ ବି କିଛି ଅଣ୍ଟୁନି।

ତାଙ୍କ କଥା ମନେ ଥାଏ। ଦିନେ ଗୋଟେ ବଡ ଇଂଜିନିୟରଙ୍କୁ ପଚାରିଲି। ସାର ଆପଣ ତ ଏତେ ବଡ ପୋଷ୍ଟରେ ଅଛନ୍ତି। ସରକାର ତ ଗାଡିଘୋଡା ସବୁ ଖଞ୍ଜି ଦେଇଛନ୍ତି। ବିଲ୍ ପାଶ୍ କଲାବେଳେ କାଲକୁଲେଟର କିଆଁ ମାରୁଛନ୍ତି। ୨୬୩୨୫ ମାନେ ୨୬୩୨୫। ସତେଇଶ ହଜାର ଦେଲେ ଆହୁରି ଭଲ। ହେଲେ ଛବିଶ ହଜାର ଚଳିବନି। ଟିକିଏ ହସିଦେଲେ। କହିଲେ କ'ଣ କରିବା ଆଜ୍ଞା। ଡାକ୍ତର ପା ମଲା ଲୋକର ବ୍ୟବଚ୍ଛେଦ ହିସାବ ବି ରଖୁଛନ୍ତି। କିଏ କଉଠି ଛାଡୁଛନ୍ତି ? ଦେଖିବ ଗଲ ଡାକ୍ତରଖାନାରେ କ'ଣ ସବୁ ଚାଲିଛି। ସାମ୍ପୁଲ ମେଡିସିନ ବି ଛାଡୁନାହାନ୍ତି। ସେସବୁ ନିଜର ଚିହ୍ନା ପରିଚୟଙ୍କୁ ଦେବାକଥା। ଦେଖିବେ କାମ କରୁଛି କି ନାହିଁ। ଠିକ୍ ଲାଗିଲେ ରୋଗୀଙ୍କୁ କିଣିବାକୁ ଲେଖିବେ। କମ୍ପାନୀବାଲା ଫାଟକ ନ ଡେଉଁଣୁ ତ ସେମାନେ ପା ଦଲାଲଙ୍କୁ ବିକି ଦେଉଛନ୍ତି। କ'ଣ କରିବା ? ସତରେ ଯେତେ ରୋଜଗାର କଲେ ବି କିଛି ଅଣ୍ଟୁନି। ଓକିଲିଆଙ୍କ କଥା ତ ନକହିଲେ ଭଲ। ନିଜେ ତ ଦେଖୁଛି। ସମସ୍ତେ ନ ହେଲେ ବି ଅଧିକାଂଶ ଭାଇମାନେ ମୋର କେମିତି ହାକିମ ନବ, ପେସ୍କାର ନବ, ପିଅନ ନବ ନ ହେଲେ କ'ଣ ନାହିଁ କ'ଣ ସବୁ ହେଇଯିବ କହି ଗରିବ ଗୁରୁବାଙ୍କୁ ଲୁଟୁଛନ୍ତି। ଏମିତି କହିବେ ସତେ ଯେମିତି ସରଗରୁ ଚାନ୍ଦ ଟାଣିଆଣି ଦେଇଦେବେ ! ପଇସାଟେ ପକେଟରେ ପଶିଗଲା ପରେ ଦିନ ପରେ ଦିନ ଗଡେଇ ଚାଲିବେ। ତାଙ୍କୁ ବି କିଛି ଅଣ୍ଟୁନି।

ଘର ପାଖ କିରାନା ସନା ସାହୁ। ଦିନେ ସକାଳୁ ସକାଳୁ ଡାଲି ବସ୍ତାରେ ଗୋଡି କି କ'ଣ ପୁଳେ ମିଶାଉଥିଲା। ମୋ ଆଖିରେ ପଡିଗଲା। ପଚାରିଲି। ତା'ର ବି ସେହି କଥା। କ'ଣ କରିବି ଆଜ୍ଞା ? ପୁଅଟା ପ୍ରାଇଭେଟ କଲେଜରେ ଇଂଜିନିୟରିଂ ପଢୁଛି। ତା'ର ଏକା ଜିଦ୍ ଦୋକାନ ସମ୍ଭାଳିବ ହେଲେ ଆଗେ ବି.ଟେକ୍. ଡିଗ୍ରୀଟା ମିଳିବା ଦରକାର। କିରେ ଦୋକାନରେ ବସିବାକୁ ପୁଣି ଯେ ଡିଗ୍ରୀଟା କ'ଣ ଦରକାର ? ସିଏ ବୁଝୁଛି ନା ତା ମମି ! ଖାଲି ମିଛୁଟାରେ ଆଠଦଶ ଲକ୍ଷ ମୋତେ ଖର୍ଚ୍ଚ କରାଉଛି। ଯେତେ ରୋଜଗାର କଲେ ବି ଆଜ୍ଞା କିଛି ଅଣ୍ଟୁନି। କେହି କହୁନାହାଁନ୍ତି ମୁଁ ଭଲରେ ଅଛି। ଆଜିକାଲି ରାସ୍ତାଘାଟରେ ସ୍ତ୍ରୀ ଲୋକଗୁଡାକ କ'ଣ ଏମିତି ଉପରେ ଖଣ୍ଡେ ତଳେ ଖଣ୍ଡେ ପିନ୍ଧିକି ବୁଲିଲେଣି। ତାଙ୍କୁ କିଛି ପଚାରିବା ଦରକାର ନାହିଁ। ଦେଖିଲେ ହିଁ ଲାଗିବ ସତରେ ତାଙ୍କୁ କିଛି ଅଣ୍ଟୁନି। କି ତାଙ୍କର କିଛି ପିନ୍ଧିବାକୁ ଆଉ ଇଚ୍ଛା ନାହିଁ। ତାଙ୍କ ଚାରିପଟେ ଥରେ ବୁଲିଆଇଲେ ଲାଗିବ ସତରେ ଯେମିତି ବାଧରେ କ'ଣ ଗୋଟେ ପିନ୍ଧି ପକେଇଛନ୍ତି। ହେଲେ ଦେଖିବ ଝିଅ ପିଲାଙ୍କୁ। ମୁହଁରେ କପଡା ଖଣ୍ଡେ ଖଣ୍ଡେ ଏମିତି ଗୁଡେଇଥିବେ ଯେ ଚୋର ଡକେଇତ ବି ତାଙ୍କଠୁ ମାସେ ଟ୍ରେନିଂ ନେବେ। ଭାବିଲି ଏହିମାନେ ହିଁ ଗୋଟେ ଜାତି। ଯାଙ୍କର ଯାହା କିଛି ବଳୁଛି। ନିଅଁଣ୍ଟିଆ କିଛି ନାହିଁ। ଦିନେ ଜଣଙ୍କୁ ପଚାରିଦେଲି। ତା'ଠୁ ଯାହା ଜାଣିଲି ସବୁଠୁ ବେଶୀ ନିଅଣ୍ଟିଆରେ ଏହି ଦଳଟା ଅଛନ୍ତି। କହିଲା ଖରାରେ ମେକ୍‌ଅପ ଖରାପ ହେଇଯାଉଛି। ପଚାରିଲି କାହିଁ ଆଗରୁ ଏମିତି ତ ସବୁ ଗୁଡଉ ନଥିଲ। ମୁହଁକୁ କେମିତିକିଆ ଗୋଟେ କରିକି କାନ୍ଧ ଦି'ଟାକୁ ଉପରକୁ ଟିକେ ଟେକି ଦେଇକି କହିଲା ଆଗରୁ ଆମେ ମେକ୍‌ଅପ ହେଇ ଘରୁ ବାହାରୁଥିଲୁ। ପର୍ସରେ ବି କିଛି ସ୍ନୋ ପାଉଡର ରଖୁଥିଲୁ। ଅଫିସରେ ପହଞ୍ଚୁ ପହଞ୍ଚୁ ଆଉ ଥରେ ମେକ୍‌ଅପ ନେଇଯାଉଥିଲୁ। ବସ୍ ଖୁସ୍ ଆମେ ବି ଖୁସ୍। ପ୍ରାଇଭେଟ ଚାକିରୀ। ଦୁଆର ମୁହଁରେ ବସି ସମସ୍ତଙ୍କୁ ଖୁସି କରେଇବାର ଅଛି। ଏବେ ସେହି ଗୋଟିଏ ମେକ୍‌ଅପରେ କାମ ଚଳେଇବାକୁ ପଡୁଛି। ଦି'ଥର ମେକ୍‌ଅପ ନବାକୁ ପଇସା କାହିଁ ? ଯେତେ ରୋଜଗାର କଲେ ବି କିଛି ଅଣ୍ଟୁନି।

ଭିକାରୀ ଭିକାରୁଣୀ ସେଥିରୁ ବା କେମିତି ବାଦ ପଡିବେ ! ଭୁବନେଶ୍ୱର ବଲାଙ୍ଗିର ଇଣ୍ଟରସିଟ୍ ଟ୍ରେନ୍। ସବୁ ଦିନ ସକାଳେ ବୁଢ଼ୀଟିଏ ବାଡି ଖଣ୍ଡେ ଧରି ଚଢ଼େ। ମୁହଁରେ ଥାଏ :- ହରେ ରାମ ହରେ ରାମ ରାମ ରାମ ହରେ ହରେ...

ଅନ୍ଧୁଣିଟିଏ ପରି ଢ଼ଳି ଢ଼ଳି ଚାଲେ। ଅବଶ୍ୟ ରାତିର ନିଶାଟା ବେଳେବେଳେ ଥାଏ। ଲୋକ ଦି'ଟଙ୍କା ପାଞ୍ଚ ଟଙ୍କା କିଏ କିଏ ଦଶ ଟଙ୍କା ବି ଦିଅନ୍ତି। ଠିକ୍ ଢେଙ୍କାନାଳ ହେଇଗଲେ ଓହ୍ଲାଇପଡେ। ସେତିକିରେ ତା'ର ରୋଜଗାର ଅତି କମରେ ଚାରିଶହ କି ପାଞ୍ଚଶହ। ଓହ୍ଲାଇଲା ପରେ ତା'ର ଅସଲ ଚେହେରା ଦେଖିବାକୁ ପାଇବେ। ତାକୁ ଦିନେ ପଚାରିଲି ଯେ ବୁଢ଼ୀ ବୟସରେ ଏତେ ଲୋଭ କ'ଣ ପାଇଁ ? ଖାଇବାକୁ ତ ଗଣ୍ଡେ ଦରକାର। ଆଖି ଥାଉ ଥାଉ ଅନ୍ଧୁଣୀ ଅଭିନୟ କାହିଁକି କରୁଛ ? ସିଏ ପାନ ଛେପକୁ ପକେଇଦେଇ କହିଲା ଯେ ସବୁ କ'ଣ ମୁଁ ଏକା ନିଏ ? ଆମର ଗୋଟେ ସର୍ଦ୍ଦାର ଅଛି ଭୁବନେଶ୍ୱରରେ। ତା'ଭଣଜା ରୁହେ ଢେଙ୍କାନାଳରେ। ଗାଡି ଷ୍ଟାଫ୍‌ଙ୍କର ବି ପାଉଣା ଅଛି। ଠିକ୍ ସେମିତି ଆପଣ ଦେଖିବେ କଳିଙ୍ଗ ହସ୍ପିଟାଲ ଛକରେ ବୁଢ଼ୀଟିଏ। ବଡ ବେଗ୍‌ଟେ କାନ୍ଧରେ ଝୁଲେଇ ସକାଳ ନ'ରୁ ଦିନ ବାରଟା ଯାଏ ଖରାରେ ଭିକ ମାଗୁଥିବ। ତାକୁ ଥରେ ପଚାରିଲି ତୁମେ ଯେ ଖରାରେ ଏତେ ବଡ ବେଗ୍‌ଟେ କାନ୍ଧରେ ଝୁଲେଇ କାହିଁକି କଷ୍ଟ କରୁଛ ? ସେ ବେଗ୍‌ରେ କ'ଣ ସବୁ ଏତେ ଜିନିଷ ରଖିଛ ? ତାକୁ ସେ ଗଛରେ ଝୁଲେଇ ଦଉନ କି ସେ ଦୋକାନରେ ଥୋଇଦେଉନ ? କ'ଣ ରଖିଛ ଯେ ଚୋରି ହେଇଯାଉଛି ତୁମର ! ତା'ପରେ ତୁମର ତ ଚାରିପାଞ୍ଚ ଦିନ ମାଗିଦେଲେ ମାସକର ଖାଇବା ହେଇଯିବ। କାହିଁକି ଏତେ କଷ୍ଟ କରୁଛ ? ବୁଢ଼ୀଟି କହିଲା ନାହିଁରେ ପୁଅ ଯେ ବେଗ୍‌ଟା ଜମା ଓଜନିଆ ନୁହଁରେ। ମୋ ପୁଅ ନାତି ଭାରି ବୁଦ୍ଧିଆ। ଏମିତି ବେଗ୍ ଭିତରେ ତୁଳା ଖଞ୍ଜି ଦେଇଛନ୍ତି ଯେ କିଛି ଜଣାପଡୁନି। ସେମାନଙ୍କ କହିବା କଥା ବଡ ବେଗ୍‌ଟେ କାନ୍ଧରେ ଝୁଲେଇ ନଇଁକରି ଚାଲିଲେ ଭଲ ଦି'ପଇସା ମିଳିବ। ମୋର ତ ଆଉ ବଅସ ନାହିଁ ଛୁଆଟେ କାଖେଇ ପାରିବି। ଏହି ବେଗ୍‌ଟା ହିଁ ସବୁ କିଛି। ଯେକୁ ନ ଝୁଲେଇଲେ କ'ଣ ହବ ! ତା'ପରେ ଯାହା ରୋଜଗାର ହୁଏ ମୁଁ କ'ଣ ସବୁ ଏକା ଖାଏ ! ଭେଣ୍ଡିଆ ନାତିର ତ ଖାଲି ପେଟ୍ରୋଲ ଫୁନ୍ ଖର୍ଚ୍ଚ ମାସକୁ ତିନି ଚାରି ହଜାର। ପୁଅ ବୋହୂଙ୍କ ଖର୍ଚ୍ଚ ବି ଏଇଥିରୁ। ଯେତେ ରୋଜଗାର କଲେ ବି କିଛି ଅଣ୍ଟୁନି।

ସତରେ କି ଅଜବ ଦୁନିଆ। କାହାକୁ କିଛି ବି ଅଣ୍ଟୁନି। ସମୟ ଅଣ୍ଟୁନି। ପଇସା ଅଣ୍ଟୁନି। ଏବେ ତ ଆମ ଲୋକପ୍ରିୟ ସରକାର କେତେ କ'ଣ ମାଗଣା ଖଞ୍ଜି ଦେଇଛନ୍ତି ଆମ କରମକୋଡ଼ିଆଙ୍କୁ। ଛୁଆ ଜନମ କଲା ବେଳକୁ ଜନନୀ ସୁରକ୍ଷା ଯୋଜନାରେ ୧୪୦୦ ଟଙ୍କା। ଝିଅଟେ ହେଲେ ପାଞ୍ଚ ହଜାର। ଛୁଆ ପାଠ ପଢୁ କି ନ ପଢୁ ଖାଲି ସ୍କୁଲ ଟିକିଏ ମଝିରେ ମଝିରେ ବୁଲିଆସିଲେ ମାଗଣା ଡ୍ରେସ, ବହି ପତ୍ର ତା'ସାଙ୍ଗକୁ ମାଗଣା ଖାଇବା। ଖଣ୍ଡେ ଖଣ୍ଡେ ସାଇକେଲ ବି। ଜଣ ଜଣଙ୍କୁ ଲାପ୍‌ଟପ। ଟଙ୍କିକିଆ ଚାଉଳ ସାଙ୍ଗକୁ ପାଇଖାନା ପାଇଁ ପଇସା। ଗୁହାଳ ପାଇଁ ପଇସା। ପୋଖରି ପାଇଁ ପଇସା। ଇନ୍ଦିରା ଆବାସ। ବିଜୁ ଆବାସ। ବୁଢ଼ା ହେଇଗଲେ ବାର୍ଦ୍ଧକ୍ୟ ଭତ୍ତା। ଧରମ କରିବାକୁ ତୀର୍ଥ ଯାତ୍ରା। ମଲାପରେ ବି ହରିଶ୍ଚନ୍ଦ୍ର ଯୋଜନା। ତା ସାଙ୍ଗକୁ ଟର୍ଚ୍ଚ ଛତା ଜୋତା କମ୍ବଳ ନେପ୍‌କିନ୍ କେତେ କ'ଣ ମାଗଣା। ଗାଁରେ ଏତିକି। ଯଦି ସହରକୁ ଆସିପାଇଲ ଆହୁରି କେତେ କ'ଣ ! ବାଣୀବିହାର ଛକ କି ଜୟଦେବ ବିହାର ଛକରେ ଖଣ୍ଡେ ଖଣ୍ଡେ ସରକାରୀ ଜାଗା ମାଡିବସ। କର୍ପୋରେଟରଙ୍କୁ ଧରାଧରି କରି ଭୋଟର ଲିଷ୍ଟରେ ନାଁ ଟା ଚଢ଼େଇଦେଲେ କଥା ସଇଲା। ତା'ପରେ ତ ସବୁ ସୁବିଧା ହିଁ ସୁବିଧା ହାତେଇଚାଲ। ବିଜୁଳି ମାଗଣା। ପାଣି ଲାଇନରେ ଟିକିଏ ବାଗେଇକି କଣାଟେ କରିଦେଲେ ଚବିଶ ଘଣ୍ଟା ପାଣି ମାଗଣା। ପାଇଖାନା ପାଇଁ ତ ସାମ୍ନା ଫୁଟ୍‌ପାଥ ସରକାର କରିଦେଇଛନ୍ତି। ସହରରେ ବସ୍ତି ଯେତେ ବଢ଼ିବ ନେତାଙ୍କର ସେତେ ଲାଭ। ଭୋଟ ଖଣ୍ଡେ ପାଇଁ ପାଠୁଆଙ୍କ ଦୁଆରକୁ ଯିବା ଦରକାର ନାହିଁ। ବସ୍ତି ଅଛି ତ ସବୁ ଅଛି। ଯେତେ ଯାହା ମାରି ଖାଇଲେ ସବୁ ଚଳିବ। ଖାଲି ଭୋଟବେଳେ କ'ଣ ଟିକିଏ ଫୋପାଡିଦେଲେ ପୁଣି ପାଞ୍ଚବର୍ଷ ବସିକି ଖାଅ। ତଥାପି ଚିଟ୍‌ଫଣ୍ଡ ଜାଲ ବସେଇକି ଲୋକଙ୍କୁ ଲୁଟନ୍ତି। ତାଙ୍କର ବି ସେହି ଅଜବ ଯୁକ୍ତି। ଯେତେ ରୋଜଗାର କଲେ ବି କିଛି ଅଣ୍ଟୁନି।

ଯେ ସବୁ ବାଦେ ଆଉଦଳେ ଭିକାରୀ ବି ଅଛନ୍ତି ଆମ ଭିତରେ। ସେମାନଙ୍କୁ ମାଗଣା ଖିଆ କହିଲେ ଠିକ୍ ହେବ। ଗାଁ କୁ ଗଲେ କି ଶଶୁରଘରକୁ ଗଲେ ଏମିତି ବାଗ କାଢ଼ିବେ ଯେ ତିନି ତିଅଣ ନ ହେଲେ ଭାତ ଥାଳି ପାଖରେ ବସିବେନି। କ'ଣ ନା ଆମେ ଭୁବନେଶ୍ୱରରେ ଆଇଁଷ ଟିକେ ନ ହେଲେ ଜମା ଖାଇବସୁନା। ହଁ ବାର ଅବାର ଥିଲେ ଆଇଁଷ ହୁଏନି। ବଡ କଷ୍ଟରେ ପନିର ମସ୍‌ରୁମରେ କାମ ଚଳେଇଦେଉ। ଆପଣ ଭାବୁଥିବେ ସବୁ ତ ଗଲେ। ଯେ ପୁଣି କୁଆଡୁ ଆଇଲେ ! ସେମାନଙ୍କୁ ଆପଣ ଦେଖିବାକୁ ପାଇବେ ମାଗଣା ଆହାର କେନ୍ଦ୍ର ସାମ୍ନାରେ ଲାଇନ୍ ଲଗେଇଥିବେ। ସତରେ କେଡେ ଅଲାଜୁକିଆ ଲୋକ ଏମାନେ ! ପାଞ୍ଚ ଟଙ୍କାଟେ ଦେଇ ଖାଲି ପାଣିଚିଆ ଡାଲମା ଲଗେଇ ଭାତ ଏମିତି ଖାଉଥିବେ ଯେମିତି କେତେ ଦିନ ହେଲା ଖାଇନାହାଁନ୍ତି। ଆଉ ଖାଇବେନି। ଜୀବନର ଶେଷ ଖାଇବା ଖାଉଛନ୍ତି। ସରକାର ଯୋଜନା ତିଆରି କଲେ ଗରିବଗୁରୁବାଙ୍କ ପାଇଁ। ଯା'ର ଘର ଖଣ୍ଡେ ନାହିଁ। ଫୁଟ୍‌ପାଥରେ କି ବସ୍‌ଷ୍ଟାଣ୍ଡରେ ଶୋଉଛି। ମୁଲିଆ ମଜୁରିଆ ଲୋକ କି କଉ ଗରିବଗୁରୁବା କିଛି କାମରେ ଗାଁରୁ ଭୁବନେଶ୍ୱରକୁ ଆସିଛି। ହୋଟେଲରେ ଖାଇବାକୁ ପଇସା ନାହିଁ। ପାଞ୍ଚଟଙ୍କାଟେ ଦେଇ ଗଣ୍ଡେ ଖାଇବ। ସେଠି ଦେଖିବ ଗରିବଗୁରୁବା କମ୍ ଥିବେ। ବେଶୀ ଥିବେ ବାବୁମାନେ। ଗାଡି ଚଳେଇକି ଆସିଥିବେ। ସୁଟ୍‌ବୁଟ୍ ପିନ୍ଧିଥିବେ। ହାତରେ ଦାମୀ ମୋବାଇଲ ଫୋନ୍‌ଟେ ଧରିଥିବେ। ନିଜେ ଖାଇବେ। ସବୁ ପାଇଲେ ଦି'ଚାରି ପକେଟ ଘର ପାଇଁ ବି ନେଇଯିବେ। ଲାଜ ଲାଗେନି ତାଙ୍କୁ ! କେଡେ ଅଲାଜୁକ ସେମାନେ ! ଗରିବଙ୍କ ଖାଦ୍ୟ ବି ହଜମ କରିଦିଅନ୍ତି। ସରକାରଙ୍କ ଯେ 'ଆହାର' ଯୋଜନାଟି ଏତେ ବଢ଼ିଆ ଯେ ଏଠି ସମସ୍ତେ ମାଲାମାଲ। ସମସ୍ତେ ଖୁସ। ବାବୁମାନେ ତ ପାଞ୍ଚଟଙ୍କିଆ ମିଲରେ ଖୁସ୍। ତା'ସାଙ୍ଗକୁ ଆହାର କେନ୍ଦ୍ରବାଲା ବି ଖୁସ୍। ଶହେ ଜଣଙ୍କୁ ଦେଇ ଦେଢ଼ଶହ ବିଲ୍ କଲେ କେହି କିଛି କହିବାର ନାହିଁ। ସେଠି କଉ କ୍ୟାମେରା ଲାଗିଛି ଯେ କିଏ ଜାଣିବ ! ସତରେ କେତେ ଖାଇଲେ ଆଉ କଉମାନେ ଖାଇଲେ ସେସବୁର ହିସାବ କାହାରି ଦରକାର ବି ନାହିଁ। କମ୍ପାନୀବାଲା ଭଲ ସିଏସ୍‌ଆର ଲିଭାଉଛନ୍ତି। ମାସକୁ ମାସ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରୁଛନ୍ତି। ଟଙ୍କା କେଇଟାରେ କ'ଣ କେମେରାଟେ ଲଗେଇ ପାରନ୍ତେନି ? ନା ସେମାନଙ୍କର ବୁଦ୍ଧି ନାହିଁ କେମେରା ଲଗେଇବାକୁ ! ଏଥିରେ ତାଙ୍କର ବି ଲାଭ ଅଛି। ଦଶ ଖଟେଇକି କୋଡିଏର ଡିଡକ୍‌ସନ ନେବେ। ଟ୍ୟାକ୍ସ ବଞ୍ଚିବ। ଭଲ ହରିଲୁଟ ଯୋଜନାଟେ। ସମସ୍ତେ ମାଲାମାଲ। ଦିନେ ପଟିଆ ଆଡେ ଯାଉଥାଏ ବାଟରେ ଗୋଟେ ଜାଗାରେ ଦେଖିଲି ବହୁତ ଭିଡ। ଦି'ଚକିଆ ଚାରି ଚକିଆ ମିଶିକି ପଚାଶ ଷାଠିଏଟା। ରାସ୍ତା ପୁରା ଜାମ। କଥା କ'ଣ ନା ସେଠି ଗୋଟେ ଆହାର କେନ୍ଦ୍ର ଖୋଲିଛି। ଲମ୍ବା ଲାଇନ୍‌ଟେ ଲାଗିଛି। ସତୁରି ଭାଗ ଲୋକ ଲାଇନ୍‌ରେ ଠିଆ ଠିଆ ସ୍ମାର୍ଟ ଫୋନରେ ଚାଟିଂରେ ବ୍ୟସ୍ତ। ସେଠି କିଛି ସମୟ ଠିଆ ହେଇ ରହିଲି। ମାଗଣାଖିଆ ଲୋକ ଗୁଡାକ କେମିତି ଗରିବଗୁରୁବାଙ୍କ ଦାନାପାଣି ମାରୁଛନ୍ତି ଦେଖୁଥାଏ। ଜଣେ ବାବୁ ମଟର ସାଇକେଲ ଷ୍ଟାର୍ଟ ମାରିବା ଆଗରୁ ଗୁଟୁକାଟେ ପାଟିରେ ପକେଇଲେ। ତାଙ୍କ ପାଖକୁ ଗଲି। ପଚାରିଲି ଆଜ୍ଞା ଆପଣ ପାଞ୍ଚଟଙ୍କା ଗୁଟୁକାରେ ଉଡେଇ ଦେଉଛନ୍ତି। ଗରିବଙ୍କ ମିଲ୍ କାହିଁକି ଖାଉଛନ୍ତି। ଆପଣଙ୍କୁ ଖରାପ ଲାଗୁନି ! ଗୁଟୁକା ଛେପ ଟିକିଏ ଢୋକି ଦେଇ ସିଏ ତାଙ୍କ ଯୁକ୍ତି ଆରମ୍ଭ କଲେ। କହିଲେ ମିଲ୍ ହଉ କି ଗୁଟୁକା ହଉ ସବୁ ସେହି ପାତ୍ର ଆଜ୍ଞାଙ୍କର। ଖାଇବାରେ ଦି'ପଇସା ବଞ୍ଚେଇଲେ ସିନା ଆମେ ଗାଡିରେ ତେଲ ପକେଇପାରିବୁ କି ସ୍ମାର୍ଟ ଫୋନ୍‌ଟେ ଧରିବୁ। ଆମର ଖାଲି ଗୁଟୁକାରେ ଦିନକୁ ପଚାଶ ଟଙ୍କା ଦରକାର। ଯଦି ସବୁ ପଇସା ଖାଇବାରେ ଲଗେଇଦେବୁ ଭୁବନେଶ୍ୱରରେ କେମିତି ଚଳିବୁ ? ଯେତେ ରୋଜଗାର କଲେ ବି କିଛି ଅଣ୍ଟୁନି।

ସତରେ ଆମେ ଦିନକୁ ଦିନ ମଣିଷପଣିଆ ହଜେଇ ଦେଉଛେ। ବେଶଭୁଶା ଆଚାର ବ୍ୟବହାର ସବୁ ଭୁଲିଗଲେଣି। ଅଛି ଭାଇଚାରା ନା ଅଛି ଆମ ଭିତରେ ଶିଷ୍ଟାଚାର। ଯଦି ମଣିଷ ହେଇ ରହିବାକୁ ଆମର ଆଉ ଇଚ୍ଛା ନାହିଁ ତେବେ ଚାଲନ୍ତୁ ଆଜିଠୁ ଆମେ ପୁଣି ବଣ ମଣିଷ ହେଇଯିବା। ଲଙ୍ଗଳା ହେଇ ବୁଲିବା। ଖାଇବା ପିଇବା। ଭୂଇଁରେ ଗଡିବା। ଘର ଦରକାର ପଡିବନି କି ଗାଡି ଦରକାର ପଡିବନି। ନା ଦରକାର ପଡିବ ଏସିରୁମ୍ ନା ଦରକାର ପଡିବ ସୁନାଗହଣା। ଚାଲନ୍ତୁ ଆମେ ସମସ୍ତେ ମିଶି ସରକାରଙ୍କୁ କହିବା ଆମର ରାସ୍ତା ଘାଟ କୋର୍ଟ କଚେରୀ ଥାନା ଫାଣ୍ଡି ଜନନୀ ମମତା ହରିଶ୍ଚନ୍ଦ୍ର ଯୋଜନା କିଛି ଦରକାର ନାହିଁ। ସବୁ ନେଇଯାଅ। କିଛି ମାଗଣା ଦରକାର ନାହିଁ। ଖାଲି ଗୋଟେ ନୂଆ ଯୋଜନା ଘୋଷଣା କରିଦିଅ। ପଇସା ଖର୍ଚ୍ଚ ହବାର ନାହିଁ। ବଜେଟ୍ ଚିନ୍ତା କରିବାର ନାହିଁ। ଖାଲି ଘୋଷଣାଟେ ଦରକାର ଆଜିଠୁ ସମସ୍ତେ ବଣ ମଣିଷ। ବାସ୍ ସବୁ ଝାମେଲା ଖତମ୍।

*ଆଡ୍‌ଭୋକେଟ୍, ଓଡ଼ିଶା ହାଇକୋର୍ଟ*
*ଫୋନ୍ : ୭୮୦୯୨୫୮୮୨୦*

## ବିଶେଷ କବିତା

# ପଳାତକ



**ଲିପିକା ଦାସ**



ତମ ଛାତି ତଳ ଡରଟା
ଆଖିରେ ହରିଣ ଛୁଆ ପରି
ଡେଇଁଛି ବୋଲି ତ
ସେମାନେ ଶିକାର କରନ୍ତି
ତମ ସ୍ୱପ୍ନ ସମୁଦାୟକୁ।

ତମ ଆୟୁଷ୍କାଳର ପ୍ରମାଣପତ୍ର
ଯେକୌଣସି କଫି ସପ୍
କିମ୍ବା ଚା' ଖଟିରେ
ମିଳିଯାଏ ବୋଲି
ସେମାନେ ତୟାର କରିପାରନ୍ତି
ତମ କୋକେଇ, କଫିନ୍‌ର ସାଇଜ୍।

ତମେ ମୂଷା ହେଇ ଦୌଡ
ସେମାନେ ମୁହୂର୍ତ୍ତକୁ
ବିରାଡି କରି ଲଗେଇ ଦିଅନ୍ତି ପଛରେ।
ତମେ ଅତର୍ଚ୍ଛା
ଖୁବ୍ ବିକଳ ବିକଳ
ଦୁଃଖଙ୍କ ଛିଣ୍ଡା ଦଦରା
ଷ୍ଟୋର୍ ରୁମ୍‌ରେ।
ସେମାନେ ସୌଖୀନ୍ ଚୌକିରେ
ଗୋଡ଼ହାତ ହଲେଇ
ରାଜାଙ୍କ ନିଶ ପରି ସ୍ପର୍ଦ୍ଧାରେ।



ହୁଜୁରମାନଙ୍କ ଆଗରେ
ହାଜିରା ପକେଇବାଟା
କିଛି ବଡ଼କଥା ନୁହଁ।
କେବେ ଭାବିଛ
ତମ ଚୁଲୀ ଝିଙ୍କାରେ ବସିଥିବା
ଦରସିଝା ସ୍ୱପ୍ନ
ଓ ବିସ୍ଥାପିତ ହେବାର ବୋଝ
ଲଦିଦେଇଯିବ କାହାପିଠିରେ ?
ତମ ଉତ୍ତର ଦାୟାଦଙ୍କ
ଅପୃଷ୍ଟ ପଞ୍ଜରାହାଡ଼ରେ ?

ମନେରଖ ସେମାନେ
ଅନ୍ଧାରର ନାଡ଼ିଚିପି
ମାଛଧରା ଜାଲ ବୁଣାବୁଣିର
ଖେଳ ଖେଳୁଛନ୍ତି
ତମ ଝରକା ଦାଢ଼ରେ।

ସେଠି ପରାଜୟ ନର୍କ ହେଇ
ଅପେକ୍ଷା କରିଛି କୋଉକାଳୁ।

*ପ୍ରଫୁଲ୍ଲ ନଗର, ବାରିପଦା*



**ଅକ୍ଷୟ ସ୍ୱାଇଁ**

# ଜଙ୍ଗଲ

କେବେ କେବେ ଆଖିକୁ ଧୋକା ଦିଏ
ଲାଗେ କେତେ ସୁନ୍ଦର ଏ ଜଙ୍ଗଲ,
ତେବେ ଥରେ କାନଡେରି ଶୁଣ
ଏଠି କେବଳ
ସୈତାନ ଗାଆନ୍ତି ଗଜଲ।

ଏବେ ଯେଉଁଠି ବି ଦେଖ
କାହାର ନା କାହାର ନିଶ୍ଚେ ପାଦ ଖସିଥିବ,
ଯେଉଁଠି ବି ଦେଖ ଲୋଭଟିଏ ଦେଖାଇ
ଲାଭଖୋର ଲାଭ ମାଗୁଥିବ।
ଯେଉଁଠି ବି ଦେଖ ଭୋକର ଅଜଗର
ପୁଣ୍ୟକୁ ଗିଳି ଖାଉଥିବ,
ଏ ଜଙ୍ଗଲ ସାରା ନାଚୁଥିବେ
କେତେ କେତେ ଭୟଙ୍କର ଜୀବ।

ଏ ଜଙ୍ଗଲରେ ତ ମୁଁ ଗଛଟିଏ ନୁହଁ
କାହିଁକି ଠିଆହୋଇ ବୋର୍ ହେଉଥିବି,
ମଣିଷଟିଏ ମୁଁ
ଯେବେ ବି ଚାହିବି
ଏ ଜଙ୍ଗଲ ବାହାରକୁ ବାଟ ଖୋଜିନେବି।



*ଇଟିପୁର, ନୂଆଗାଁ, ଭୁବନେଶ୍ୱର*



ଉପନ୍ୟାସ

**ଡ. ମୌସୁମୀ ପରିଡ଼ା**

# ଅମୁହାଁ ହେଉଳ

ଭାଗ-୨୨

ଏକା ତୁହିନାଂଶୁ ସାର୍‌ଙ୍କୁ ଛାଡିଦେଲେ ଏ ସାରା ସଂସାରରେ ସେମିତି କେହି ନାହାନ୍ତି। ଆଶିଷ ଭାଇ ବି ଓଡିଶା ଫେରିଗଲେଣି। ପାରିବାରିକ ସମସ୍ୟା ପାଇଁ ସେ ଏଠୁ କିଛି ବର୍ଷ ପରେ ଚାଲିଗଲେ। ମନକଥା କହିବାକୁ ବି ସାହାରା କେହି ନାହିଁ। ଯୁଆଡେ ଚାହିଁଲେ ଅଜଣା ଲୋକରୁ ମେଂଚାଏ। ସବୁଦିନ କିଛି ନା କିଛି ଲୋକଙ୍କ ପାଇଁ ସେମାନେ ଏଠିକୁ ଯା'ଆସ କରନ୍ତି ! ପୁଣି ଉଡିଯାଆନ୍ତି ନିଜ ନିଜ ଠିକଣାକୁ।

ଲାଗେ ଏଠି କାହାର ଲଗାମ୍ ନାହିଁ। କୌଣସି ସଂଯୋଗ ନାହିଁ। ମେସିନ୍ ମଣିଷ ପାଲଟିଯାଇଛନ୍ତି ସମସ୍ତେ। ଠିକ୍ ସମୟରେ ନର୍ସ ଆସୁଛନ୍ତି, ବଦଳା ବଦଳି କରି ଯାଉଛନ୍ତି। ସ୍ୱିପର୍ ବି ତା କାମ ସାରି ଚାଲିଯାଉଛି। ଡାକ୍ତର ମେଡିସିନ୍ କଥା ବୁଝିଦେଇ ..ତାଙ୍କ ଜଂଜାଳରେ ବୁଡିଯାଉଛନ୍ତି। ସବୁଠି ଏକା କଥା। ସମସ୍ତେ ସଂପର୍କହୀନ ମେସିନ୍ ମଣିଷ ପାଲଟିଯାଇଛନ୍ତି। ନା ଅଛି ଆନ୍ତରିକତା ନା ଅଛି ସହୃଦୟତା। ଅଛି ତ କେବଳ ଦାୟିତ୍ୱବୋଧ ଓ ଘୋଡାଦୌଡ। ସେହିଥିରେ ସମସ୍ତେ ଅଣନିଶ୍ୱାସୀ ଆଜି ! ଜୀବନଟା ହଠାତ୍ ତାକୁ ବେକାର ମନେହେଉଛି ! ମନଟା ଖୁବ୍ ଫାଙ୍କା ଲାଗୁଛି ! ସତେଯେପରି ଶୂନ୍ୟସ୍ଥାନରେ ଭର୍ତି ହୋଇଯାଇଛି ସେ ସ୍ଥାନ। ଆଜି ତାକୁ ଗୋଟେ ସଂପର୍କର ଆବଶ୍ୟକତା ପଡିଛି ! ପୁରା ରଞ୍ଜା ଦିଆ ସଂପର୍କ। ନ କାଟିଲେ କଟିବନି। କିନ୍ତୁ କିଏ ବା କାହିଁକି ତା ଆଡେ ନଜର ଦେବ ! ଏଠି ବହୁ ମାନୀ ଗୁଣୀ ଧନୀ ବ୍ୟକ୍ତିଙ୍କ ପିଲାମାନେ ପଢନ୍ତି। କମ୍ପ୍ୟୁଟରରେ ଅଗାଧ ଜ୍ଞାନ ସମସ୍ତଙ୍କର। ହଁ ସେ ଓ ରେଣୁକା ହିଁ କ୍ଲାସରେ ଫାଷ୍ଟ୍ ସେକେଣ୍ଡ୍ ହୁଅନ୍ତି ସତ୍ୟ। ସ୍କଲାର୍ ହିସାବରେ ତାକୁ ସମସ୍ତେ ପସନ୍ଦ ବି କରନ୍ତି।

ହଠାତ୍ ମନ ଭିତରକୁ ଧସେଇ ପଶୁଛି ଗୋଟେ ବାସ୍ନା ! ସେ କଣ କାହା ଦେହର ? କାହା ମନର ନା ତା ଭିତରର ମୃଗନାଭି କସ୍ତୁରି ଯାହାକୁ ଖୋଜିବୁଲୁଛି ସାରା ଜଗତ। ହେଲେ ସେ ତା ଭିତରେ ! କୌଣସି ସୁନ୍ଦରୀ ଝିଅକୁ ଦେଖିଦେଲେ ମନରେ ହଲଚଲ କାଇଁ ଏତେ ? ସେମାନଙ୍କ ଆଖି,ଓଠ,ନାକ..ତା ଦେହକୁ ସୌନ୍ଦର୍ଯ୍ୟରେ ପୂର୍ଣ୍ଣ କରୁଥିବା ଅନ୍ୟସବୁ ଅଙ୍ଗସୌଷ୍ଠବରେ କାହିଁକି ଆଜିକାଲି ଖୁବ୍ ମାୟା। ଏ ବୟସରେ କଣ ଏଇଆ ହୁଏ ? ସବୁଠୁ ବେଶୀ ମିଶୁଥିବା ସାଙ୍ଗ ଅଖିଳେଶ୍‌କୁ ପଚାରିଥିଲା ଯେ ସେ ହସିହସି କହିଥିଲା– ଡେରି କରିଦେଲୁ ରେ.. ! ଆମେ ତ ଏସବୁ ସ୍କୁଲରୁ ଅନୁଭବ କରିଆସୁଛୁ। ଏମିତି ପ୍ରାକ୍ଟିକାଲ୍ ଏକ୍ସପେରିଏନ୍ସ ବି ଅଛି ଅନେକ ବାର। ଆଉ ସେ ହିସାବରେ ତୁ ଟା ପୁରା ଅନାଡି। ସେତେବେଳେ ତା ମନତଳେ ଯେମିତି କେହି ତତଲା ତେଲ ଫୁଟାଇ ଢାଳିଦିଏ। ଚେଁ ଚାଁ ହୋଇ ଫୋଟକା ହୋଇଯାଏ ହୃଦୟ !

ମନଭିତରୁ ପୋଡା ବାସ୍ନା ଆସି ତାକୁ ଅଥୟ କରାନ୍ତି। ଓଃ..ତାକୁ କାଇଁ କେହି ବି ତ ସେମିତି ନଜରରେ ଦେଖିନାହାନ୍ତି କେବେ। ସେ ବି କୋଉ ଆଗରୁ କାହା ମନକୁ ଅନୁଧ୍ୟାନ କରିଛି ଯେ ! ସ୍କୁଲରେ ସେମିତି ମନ ହିଁ ନଥିଲା। ଓଲଟା ତାକୁ ଦେଖି ଝିଅମାନେ ଛିଟିକନ୍ତି ! ଯେମିତି ସେ ପୁଳେ ଆଲକାତରା ବୋଲି ହୋଇଛି ! ମନେପକାଇଲା ଭଲ କରି ! ନା..ସେ ତ ପୁରା ମାର୍ଜିତ ଥିଲା ସ୍କୁଲ୍ ବେଳେ। କୌଣସି ଅସ୍ୱାଭାବିକତା ତାକୁ ଛୁଇଁନଥିଲା। କ୍ଲାସ୍‌ରେ ଭଲ ମାର୍କ ରଖୁଥିଲା। ହଁ ଟିକେ ବଦମାସୀ କରୁଥିଲା। ଗୁଡେ ଅଭିଯୋଗ ବି ତା ନାଁରେ ଆସୁଥିଲା ସେତେବେଳେ। ମାଆ ଅକଟ କରୁଥିଲେ ବି ସେମାନେ ଯିବା ପରେ କୋଳକୁ ଆଉଜେଇ ନେଇ କହୁଥିଲା "ଏବେଳରେ ଦୁଷ୍ଟାମୀ କରିବନି ତ କରିବ କେତେବେଳେ" ! ମାଆ ଥିଲାବେଳେ ସବୁ ଠିକ୍ ଥିଲା। କିନ୍ତୁ ସେ ଯିବାର ଏତେ ବର୍ଷ ପରେ ଆଜିକାଲି କାହିଁକି ହଠାତ୍ ତାକୁ କେହି ଝିଅର ଭଲପାଇବା ବ୍ୟାକୁଳ କରିଛି ! ଏଠି ବି ତ କେହି ଝିଅ ତାକୁ କେବେ ସୌହାର୍ଦ୍ଦ୍ୟପୂର୍ଣ୍ଣ କଥା କହିନାହିଁ ! ଭିନ୍ନ ଦୃଷ୍ଟିରେ ଦେଖି ନାହିଁ ! ତାକୁ ଚାହିଁ ଲାଜେଇ କି ଟିକେ ହସିନାହିଁ ! କାଇଁ ତାର କଣ ସେ ଯୋଗ୍ୟତା ନାହିଁ ? ତା ସାଙ୍ଗର ପିଲାମାନେ କେତେକଣ କରିଯାଉଛନ୍ତି ନିଜ କାମନାକୁ ଚରିତାର୍ଥ କରିବାକୁ।

ଅଥଚ ସେ ମୂଳରୁ ହୀନିକପାଳିଆ.. ! ଏଯାଏଁ ମନଲାଖି ଝିଅଟିଏ ଯୋଗାଡ କରିପାରିଲାନି। ତା ମାନେ ତା ଭିତରେ କଣ ପାଠ ଛଡା ଆଉ କିଛି ନାହିଁ ? ତା ରୂପ କି ଗୁଣ କାହାକୁ ଆକୃଷ୍ଟ କରି ନାହିଁ ? ସେଥିପାଇଁ ତ ଝିଅମାନେ ତାକୁ ଚମ୍ପୁ ବୋଲି ଡାକୁଥିଲେ। ଭାରି କଷ୍ଟ ଲାଗୁଥିଲା। ହେଲେ ମନକୁ ବୁଝାଇ ଦେଉଥିଲା ଶାଗ ପଖାଳ ଖାଇ ଜଣେ ଚମ୍ପୁ ହେବନି ତ କଣ ରାଜାପୁଅ ହେବ ? ଆଜିକାଲିର ଷ୍ଟାଇଲିସ୍ ଯୁଗକୁ ତାଳ ଦେଇ ସେ କଣ ରାଜକୀୟ ବେଶଭୂଷା ହୋଇପାରିବ ! ହେଲେ ଆଜି କାଇଁ ମନଟା ପୁରା ଶୁଷ୍କ ଜୀବନଶୈଳୀରେ ଚଡକି ଯାଉଛି ! ତା ଭିତରୁ ଇଚ୍ଛା ଓ କାମନା ମାନଙ୍କ ଧୂଆଁ ଉଠୁଛି ? ଲାଗୁଛି ଆଗ୍ନେୟଗିରି ଟେଇଁ ଉଠିବ କାଳେ କେତେବେଳେ !

ଦୋକାନ ଓ ପାର୍ଟ ଟାଇମ୍ ଜବ୍‌ରୁ ଯାହା ମିଳୁଛି ସେତିକି ତ ଅଂଟିବା କଷ୍ଟ ! ତୁହିନାଂଶୁ ସାର୍ ପୁଅ ପରି ତାକୁ ଦେଖନ୍ତି ବୋଲି ଚଳିଯାଉଛି। ନହେଲେ ସେ କିଏ ଆଉ ଏ ଇଷ୍ଟିଚ୍ୟୁସନ୍ କିଏ ! ଖାଲି ଭଲ ପର୍ସେଂଟେଜ୍ ରଖି ବାହାରକୁ ବାହାରି ଜବ୍ ଖୋଜିବା କଥା। କ୍ୟାମ୍ପସ୍ ସିଲେକ୍ସନ୍ ହୋଇଗଲେ ଭଲ। ନହେଲେ ଟିକେ କଷ୍ଟ କରି ପ୍ରାଇଭେଟ୍ କମ୍ପାନୀରେ ରହିଯିବ ପ୍ରଥମେ। ମନକୁ ମୂଷା ଖାଇଯାଉଥିଲା କୁଟ୍‌କୁଟ୍ କରି। ଚେଷ୍ଟା କରି ବି ସେ ଆକାଂକ୍ଷାର ମୂଷାକୁ ତଡି ପାରୁନଥିଲା। ମନଟା ଛଟପଟ ହେଉଥିଲା ଆଜି। ଏକାକୀ ସାଥୀ ବିହୀନ ଚଢେଇଟେ ଯେମିତି ତା ମନଲାଖି ସାଥୀ ଖୋଜୁଥାଏ..ଆଜି ସେ ବି ଖୋଜୁଛି ! (କ୍ରମଶଃ...)

**KENDRAPARA MUNICIPALITY, KENDRAPARA**

**କେନ୍ଦ୍ରାପଡ଼ା ପୌର ପରିଷଦ, କେନ୍ଦ୍ରାପଡ଼ା**

**ପବିତ୍ର ପଞ୍ଚୁଦୋଳ ଉପଲକ୍ଷେ ଓଡ଼ିଶାର ସର୍ବପୁରାତନ ତଥା ଐତିହାସିକ ପୌରାଞ୍ଚଳ ଆପଣମାନଙ୍କୁ ଅଭିନନ୍ଦନ ଜଣାଉଛି**

କେନ୍ଦ୍ରାପଡ଼ା ସହରକୁ ଏକ ଆଦର୍ଶ ସହରରେ ପରିଣତ କରିବା ପାଇଁ ପୌର ସଂସ୍ଥା ତରଫରୁ ନିମ୍ନଲିଖିତ କାର୍ଯ୍ୟଗୁଡିକର ଉନ୍ନତି ନିମନ୍ତେ ଆପଣଙ୍କ ସହଯୋଗ କାମନା କରୁଅଛୁ।

୧. ପୌରପାଳିକାର ଗୃହ ଓ ଆଲୁଅ ଟିକସ ତଥା ବ୍ୟବସାୟିକ ଟିକସ ପ୍ରତ୍ୟେକ ବର୍ଷ ଠିକ୍ ସମୟରେ ପଇଠ କରନ୍ତୁ।
୨. ରାସ୍ତା କଡରେ ଇଟା, ବାଲି, ଗୋଡି ଇତ୍ୟାଦି ଜମା କରି ଜନସାଧାରଣଙ୍କ ଯାତାୟତରେ ବାଧା ସୃଷ୍ଟି କରନ୍ତୁ ନାହିଁ ଓ ପରିବେଶ ଦୂଷିତ କରନ୍ତୁ ନାହିଁ।
୩. ଗାଈ-ଗୋରୁ ଓ ଗୃହପାଳିତ ଜୀବଜନ୍ତୁଙ୍କୁ ରାସ୍ତା ଉପରକୁ ଛାଡ଼ନ୍ତୁ ନାହିଁ।
୪. ପୌରାଞ୍ଚଳ ମଧ୍ୟରେ ନୂତନ ଗୃହ ନିର୍ମାଣ କରିବା ପୂର୍ବରୁ ଗୃହ ନିର୍ମାଣର ନକ୍ସା ମଞ୍ଜୁର କରାଇ ନିଅନ୍ତୁ।
୫. ପୌରସଂସ୍ଥା ଦ୍ୱାରା ନିର୍ମିତ ଦୋକାନ ଗୃହ ଗୁଡ଼ିକର ମାସିକ ଦେୟ ଠିକ୍ ସମୟରେ ପଇଠ କରନ୍ତୁ।
୬. ପୌର ପରିଷଦର ବିନା ଅନୁମତିରେ ଗୃହ, ଦୋକାନକୁ ପାଣି ସଂଯୋଗ ନିମନ୍ତେ ପରିଷଦ ଅଧିନସ୍ଥ ରାସ୍ତାକୁ ଖୋଳନ୍ତୁ ନାହିଁ।
୭. ପୌର ପରିଷଦର ପାଣି ଟାଙ୍କି, ସେସ୍‌ପୋଲ ନିର୍ଦ୍ଧାରିତ ପାଉଣା ପୈଠ କରି ଏହାର ଉପଯୋଗ କରନ୍ତୁ।
୮. ପୌର ପରିଷଦ ଦ୍ୱାରା ନିର୍ମିତ ଟାଉନ ହଲରେ ସଭା କିମ୍ବା ଆନୁଷ୍ଠାନିକ କାର୍ଯ୍ୟ ନିମନ୍ତେ ବ୍ୟବହାର କରିବାର ସୁଯୋଗ ନିଅନ୍ତୁ।
୯. ଉଦୟନଗର ଠାରେ ନିର୍ମିତ ନୂତନ କଲ୍ୟାଣ ମଣ୍ଡପର ବ୍ୟବହାର କରିବାର ସୁଯୋଗ ନିଅନ୍ତୁ।
୧୦.ସାଇକେଲ, ରିକ୍ସା, ଟ୍ରଲି ରିକ୍ସା ଓ ଶଗଡ ଗାଡ଼ି ମାନଙ୍କର ପ୍ରତ୍ୟେକ ବର୍ଷ ଲାଇସେନ୍ସ କରାଇ ନିଅନ୍ତୁ।
୧୧.ସ୍ୱଚ୍ଛ ଭାରତ ମିଶନ ସହାୟତାରେ କେନ୍ଦ୍ରାପଡ଼ା ପୌରାଞ୍ଚଳ ଅଧିବାସୀଙ୍କୁ ଗୃହ ଠାରୁ ଚିକିତ୍ସାଳୟ ପର୍ଯ୍ୟନ୍ତ ସଫାସୁତୁରା ରଖିବା ପାଇଁ ଡାକବାଜି ଯନ୍ତ୍ର ଓ ପ୍ରଚାର ପତ୍ରିକା ମାଧ୍ୟମରେ ସଚେତନ କରାଇ ଦିଆଯାଇଅଛି ଏବଂ ପୌରାଞ୍ଚଳର ପ୍ରତ୍ୟେକ ୱାର୍ଡରେ ଅଳିଆ, ଆବର୍ଜନା, ବର୍ଜ୍ୟବସ୍ତୁ ସଫେଇ କାର୍ଯ୍ୟ କରାଯାଉଅଛି।

**ଶ୍ରୀଯୁକ୍ତ ଦେବ ପ୍ରସାଦ ବଳ**
**ନିର୍ବାହୀ ଅଧିକାରୀ**

**ଡ଼ଃ. କାହ୍ନୁଚରଣ ଧାର** (ଓ.ପ୍ର.ସେ.-୧)
**ଅଧ୍ୟକ୍ଷ**
**ଉପ-ଜିଲ୍ଲାପାଳ, କେନ୍ଦ୍ରାପଡ଼ା**

# ନିରଞ୍ଜନ 'ଶ୍ରମଭୂଷଣ ସମ୍ମାନ'ରେ ସମ୍ମାନିତ



**ସୋର :** ଓଡିଶାର ରାଉରକେଲା ଷ୍ଟିଲ ପ୍ଲାଣ୍ଟରେ କାର୍ଯ୍ୟରତ ସୋର ନିକଟସ୍ଥ ଖଇରା ବ୍ଲକ ରାଇକୁଳା ଗ୍ରାମ ନିବାସୀ ବିରଞ୍ଜନ ମାଝୀ ଭାରତର ଉପରାଷ୍ଟ୍ରପତି ଭେଙ୍କିଆ ନାଇଡୁଙ୍କ ଦ୍ୱାରା ଶ୍ରମ ଭୂଷଣ ସମ୍ମାନରେ ସମ୍ମାନିତ ହୋଇଛନ୍ତି । ତାଙ୍କର ଏହି ସମ୍ମାନ ବାଲେଶ୍ୱର ଜିଲ୍ଲା ପାଇଁ ଗୌରବ ଆଣି ଦେଇଛି । ପ୍ଲାଣ୍ଟରେ କୋକ୍‌ଓଭାନ ବିଭାଗରେ କାର୍ଯ୍ୟରତ ନିରଞ୍ଜନ ଗତ ୨୬ ତାରିଖ ନୂଆ ଦିଲ୍ଲିସ୍ଥିତ ବିଜ୍ଞାନ ଭବନରେ ଆୟୋଜିତ ସମାରୋହରେ ଶ୍ରମ ଓ ନିଯୁକ୍ତି ରାଷ୍ଟ୍ର ମନ୍ତ୍ରୀ ସନ୍ତୋଷ ଗଙ୍ଗୁଆଙ୍କ ଉପସ୍ଥିତିରେ ଉପରାଷ୍ଟ୍ରପତିଙ୍କ ନିକଟରୁ ମାନପତ୍ର ସହ ୧ଲକ୍ଷ ଟଙ୍କାର ପୁରସ୍କାର ରାଶି ଗ୍ରହଣ କରି ସମଗ୍ର ଅଞ୍ଚଳରେ ଆନନ୍ଦର ବାତାବରଣ ସୃଷ୍ଟି କରି ନିଜକୁ ଗୌରବାନ୍ୱିତ କରିଛନ୍ତି ।

# ଯାଞ୍ଚ ହେଉନାହିଁ ନକଲି ବିଇଡ଼ି ପ୍ରମାଣପତ୍ର

**ଖୋରଧା :** ଜିଲ୍ଲା ସର୍ବଶିକ୍ଷା ଅଧିନରେ ବହୁ ସଂଖ୍ୟକ ଯୁବକ ଯୁବତୀ ବାହାର ରାଜ୍ୟର ନକଲି ବି.ଇ.ଡ଼ି ପ୍ରମାଣ ପତ୍ର ହାତେଇ ବର୍ଷ ବର୍ଷ ଧରି ଚାକିରି କରି ଆସୁଥିବା ବେଳେ ଉକ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କର ଶିକ୍ଷାଗତ ପ୍ରମାଣ ପତ୍ର ଗୁଡ଼ିକ ଯାଞ୍ଚ କରାଯାଉ ନାହିଁ। ଫଳରେ ବହୁ ସଂଖ୍ୟକ ନକଲି ବି.ଇ.ଡ଼ି ପ୍ରମାଣପତ୍ର ଦାଖଲ କରି ଚାକିରୀ କରିଥିବା ଶିକ୍ଷକ ଶିକ୍ଷୟିତ୍ରୀ ହଜାର ହଜାର ଟଙ୍କା ରାଜକୋଷରୁ ହରିଲୁଟ୍ କରି ଚାଲିଛନ୍ତି। ରାଜ୍ୟ ବାହାରୁ ଜାମ୍ମୁକାଶ୍ମୀର, ଆନ୍ଧ୍ର, ପଣ୍ଡିଚେରୀ, ହିମାଚଳପ୍ରଦେଶ, ଅରୁଣାଚଳ ପ୍ରଦେଶ, କୁରୁକ୍ଷେତ୍ର, ପଶ୍ଚିମବଙ୍ଗ ପ୍ରଭୃତି ବିଶ୍ୱ ବିଦ୍ୟାଳୟ ଗୁଡ଼ିକରୁ ନକଲି ବି.ଇ.ଡ଼ି ପ୍ରମାଣ ପତ୍ର ହାତେଇ ସର୍ବଶିକ୍ଷା ଅଭିଯାନରେ ଶିକ୍ଷା ସହାୟକ ଭାବରେ ଶତାଧିକ ଯୁବକ ଯୁବତୀ ଚାକିରୀ କରିଛନ୍ତି। ସେମାନଙ୍କ ଦ୍ୱାରା ଦାଖଲ କରାଯାଇଥିବା ବି.ଇ.ଡ଼ି ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ର ନକଲି ବୋଲି ଅଭିଯୋଗ ହେବା ସତ୍ତ୍ୱେ ତାହାର ସଠିକତା ଯାଞ୍ଚ ଦିଗରେ ଜିଲ୍ଲା ସର୍ବଶିକ୍ଷା ଅଭିଯାନ ପକ୍ଷରୁ କୋହଳ ମନୋଭାବ ପୋଷଣ କରାଯାଉଛି। ବାହାର ରାଜ୍ୟର ବି.ଇ.ଡ଼ି ପ୍ରମାଣପତ୍ରର ସଠିକତା ଯାଞ୍ଚ କରାନଯାଇ ଚାକିରୀ ଦିଆଯାଉଥିବାରୁ ଅଧିକାଂଶସ୍ଥଳେ ଆମ ରାଜ୍ୟର ଯୋଗ୍ୟ ବି.ଇ.ଡ଼ି ତାଲିମଧାରୀମାନେ ଚାକିରୀ ପାଇବାରୁ ବଞ୍ଚିତ ହେଉଛନ୍ତି। ସବୁଠାରୁ ଗୁରୁତ୍ୱ ପୂର୍ଣ୍ଣ କଥା ହେଲା ବି.ଇ.ଡ଼ି ପ୍ରମାଣପତ୍ର ଯାଞ୍ଚ ନିମନ୍ତେ କେତେକ ବିଶ୍ୱ ବିଦ୍ୟାଳୟ ପକ୍ଷରୁ ଆବଶ୍ୟକୀୟ ଅର୍ଥ ପୈଠ ନିମନ୍ତେ ସର୍ବଶିକ୍ଷା ଅଭିଯାନ ଓ ଜିଲ୍ଲା ଶିକ୍ଷାଧିକାରୀଙ୍କ ନିକଟକୁ ପତ୍ର ଆସିଥିଲେ ମଧ୍ୟ ତାହାକୁ ବର୍ଷାଧିକ କାଳ କାର୍ଯ୍ୟକାରୀ କରାଯାଉ ନାହିଁ। ଦୀର୍ଘ ଦିନ ଧରି ନକଲି ବି.ଇ.ଡ଼ି ପ୍ରମାଣପତ୍ର ଯାଞ୍ଚ ନେଇ ସାରା ରାଜ୍ୟରେ ହଇଚଇ ସୃଷ୍ଟି ହେଉଥିବା ବେଳେ ଖୋରଧା ଜିଲ୍ଲାରେ ଅଧିକାରୀମାନେ ଏହାକୁ ଅଣଦେଖା କରିବା ପଛରେ ସେମାନଙ୍କର କାର୍ଯ୍ୟଦକ୍ଷତା ପ୍ରତି ବିରାଟ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଏ ସମ୍ପର୍କରେ ରାଜ୍ୟ ଦୁର୍ନୀତି ନିବାରଣ ବିଭାଗ ଦ୍ୱାରା ତଦନ୍ତ କରାଗଲେ ପ୍ରକୃତ ସତ୍ୟ ଲୋକ ଲୋଚନକୁ ଆସିପାରିବ ବୋଲି ସାଧାରଣରେ ଆଲୋଚନା ହେଉଛି।

# ଏମ୍‌ସିଏଲ୍‌ର ୭ ଖଣି ବନ୍ଦ: ୨୭ କୋଟି ରାଜସ୍ୱହାନୀ



**ସମ୍ବଲପୁର :** ଠିକା ଶ୍ରମିକଙ୍କ ମୃତ୍ୟୁକୁ ନେଇ ଗତ ୨ ଦିନ ହେଲା ଦେଶର ସର୍ବବୃହତ୍ କୋଇଲା ଉତ୍ପାଦନକାରୀ ସଂସ୍ଥା ମହାନଦୀ କୋଲ୍ ଫିଲ୍‌ଡସ୍ ଲିମିଟେଡ୍ (ଏମ୍‌ସିଏଲ୍)ର ୭ଟି ଖଣିରେ ଅଚଳାବସ୍ଥା ଦେଖାଦେଇଛି। ଠିକାଶ୍ରମିକଙ୍କ ପରିବାର ଲୋକ ଏବଂ ରାଜନୀତିକ ଦଳ ସମର୍ଥିତ ଠିକାଶ୍ରମିକ ସଂଗଠନ ଦ୍ୱାରା ଏହି ସବୁ ଖଣି ବନ୍ଦ କରାଯିବା ଯୋଗୁ ରାଜ୍ୟ ସରକାରଙ୍କ ୧୫ କୋଟି ଟଙ୍କାର ରାଜସ୍ୱହାନୀ ଘଟିବା ସହିତ ଏମ୍‌ସିଏଲ୍‌ର କୋଇଲା ଉତ୍ପାଦନ କ୍ଷେତ୍ରରେ ୨୭ କୋଟି ଟଙ୍କାର କ୍ଷତି ହୋଇଛି। ସେହିପରି ଖଣି ବନ୍ଦ ହେବା ଫଳରେ ଏମ୍‌ସିଏଲ୍‌ର କୋଇଲା ଉତ୍ପାଦନରେ ୩.୨ ଲକ୍ଷ ଟନ୍ ହ୍ରାସ ହୋଇଛି ବୋଲି ଏମ୍‌ସିଏଲ୍‌ର ଜନସମ୍ପର୍କ ବିଭାଗ ପକ୍ଷରୁ କୁହାଯାଇଛି। ଗତ ୨୩ ତାରିଖରୁ ତାଳଚେରର ଭୁବନେଶ୍ୱରୀ, ଜଗନ୍ନାଥ, ଲିଙ୍ଗରାଜ, ଭରତପୁର, ବଳରାମ ଓ ହିଙ୍ଗୁଳା କୋଇଲା ଖଣି ବନ୍ଦ ହେବା ଦ୍ୱାରା ଏମ୍‌ସିଏଲ୍‌ର କୋଇଲା ଉତ୍ପାଦନ ବାଧାପ୍ରାପ୍ତ ହେବା ସହିତ ରାଜ୍ୟ ରାଜକୋଷର ପ୍ରାୟ ୧୫ କୋଟି ଟଙ୍କାର ରାଜସ୍ୱହାନୀ ହୋଇଛି ବୋଲି ଏମ୍‌ସିଏଲ୍ କର୍ପୋରେଟ୍ ଅଫିସ ଜନସମ୍ପର୍କ ଅଧିକାରୀ କହିଛନ୍ତି।

# ରାଇଡ୍ ପକ୍ଷରୁ ମହିଳାଙ୍କ ପାଇଁ ଆର୍ଥିକ ସଚେତନତା କାର୍ଯ୍ୟକ୍ରମ



**କେନ୍ଦ୍ରାପଡ଼ା :** ଜିଲ୍ଲାର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ରାଇଡ୍ ପକ୍ଷରୁ ମହିଳା ମାନଙ୍କ ନିମନ୍ତେ ଆର୍ଥିକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗରଦପୁର ବ୍ଲକ ସ୍ଥିତ କରିଲୋପାଟଣା ଅନ୍ତର୍ଗତ ତଳଗାଁ ଗ୍ରାମରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍ କେନ୍ଦ୍ରାପଡା ଶାଖାର ମୂଖ୍ୟ ପରିଚାଳକ ସୁନିଲ କୁମାର ପୁରୋହିତ୍ ଓ ଆର୍ଥିକ ସଚେତନ ପରାମର୍ଶଦାତା ଶ୍ରୀକାନ୍ତ ସାମଲ ପ୍ରମୁଖ ଯୋଗଦେଇ ନଗଦ ବିହୀନ ବ୍ୟବସ୍ଥା, ଅଟଳ ପେନ୍‌ସନ ଯୋଜନା ପ୍ରଧାନ ମନ୍ତ୍ରୀ ଯୋଜନା, ଗ୍ରାହକଙ୍କ ନିମନ୍ତେ ବ୍ୟାଙ୍କର ବିଭିନ୍ନ ସେବା ବ୍ୟବସ୍ଥା ଇତ୍ୟାଦି ସଂପର୍କରେ ଆଲୋକପାତ କରିଥିଲେ। ଅନୁଷ୍ଠାନର ସଂପାଦକ କିଶୋର କୁମାର ସାହୁଙ୍କ ଦ୍ୱାରା ଆୟୋଜିତ ଉକ୍ତ ଶିବିରରେ ଶତାଧିକ ମହିଳା ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଉକ୍ତ ଅନୁଷ୍ଠାନ ବିଭିନ୍ନ ସ୍କୁଲ୍ ଓ ବୈଷୟୀକ ଶିକ୍ଷାକେନ୍ଦ୍ରର ଛାତ୍ରଛାତ୍ରୀ ଏବଂ ଅନେକ ମହିଳା ଗୋଷ୍ଠୀଙ୍କୁ ନେଇ ଏଯାବତ୍ ୧୫୦ରୁ ଉର୍ଦ୍ଧ ଏହି ଏକଦିନିଆ ଶିବିର ଆୟୋଜନ କରିସାରିଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### 'ଆମ ଟାର୍ଗେଟ୍‌ରେ ...

ଉତ୍ତର-ପୂର୍ବାଞ୍ଚଳରେ ପ୍ରମାଣିତ ହୋଇଗଲା ଯେ ବାମ ଆଦର୍ଶ ଦେଶର କୌଣସି ଅଞ୍ଚଳ ପାଇଁ ଗ୍ରହଣୀୟ ହୋଇ ରହିନାହିଁ। ତ୍ରିପୁରା ଓ ନାଗାଲ୍ୟାଣ୍ଡରେ କଂଗ୍ରେସ ଖାତା ଖୋଲିପାରିନାହିଁ। ମେଘାଳୟରେ ଝୁଲା ବିଧାନସଭା ସ୍ଥିତି ଉତ୍ପନ୍ନ ହୋଇଛି। ପ୍ରଧାନମନ୍ତ୍ରୀ ମୋଦିଙ୍କ ଉତ୍ତରପୂର୍ବାଞ୍ଚଳ ବିକାଶ ନୀତି ଜନାଦୃତ ହୋଇଛି। କଂଗ୍ରେସ କ୍ଷମତାରେ ଥିବା ବେଳେ ଉତ୍ତର-ପୂର୍ବାଞ୍ଚଳର ଆଦିବାସୀଙ୍କୁ ସମ୍ପୂର୍ଣ୍ଣ ଭୁଲିଯାଇଥିଲା ବୋଲି ମତ ଦେଇ ଶାହ କହିଛନ୍ତି, ଏବେ ବିଜେପି ଉତ୍ତର-ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକର ସର୍ବାଙ୍ଗୀନ ବିକାଶ ପାଇଁ ଅଧିକ ଧ୍ୟାନ ଦେଇ ଦେଶ ବିକାଶର ଧାରାକୁ ଆଗେଇ ନେବ।

ତ୍ରିପୁରା ଓ ନାଗାଲାଣ୍ଡ ବିଧାନସଭା ନିର୍ବାଚନ ଫଳାଫଳକୁ ନେଇ ଉତ୍ସାହିତ ବିଜେପି ୨୦୧୯ ମସିହାରେ ଓଡ଼ିଶାରେ ସରକାର ଗଢ଼ିବ ବୋଲି ବିଜେପି ଅଧ୍ୟକ୍ଷ ଅମିତ ଶାହ ଦେଇଥିବା ମନ୍ତବ୍ୟକୁ କଡା ସମାଲୋଚନା କରିଛି ବିଜେଡି। ଏହା 'ଗାଲୁଆଙ୍କ ବାରବାଟୀ ଚାଷ' ବ୍ୟତୀତ ଆଉ କିଛି ନୁହେଁ ବୋଲି ବିଜେଡି କହିବା ସହିତ ଦଳ ଉପସଭାପତି ସୂର୍ଯ୍ୟନାରାୟଣ ପାତ୍ର କହିଛନ୍ତି ଯେ, ଉତ୍ତର-ପୂର୍ବାଞ୍ଚଳରେ ମୋଦିଙ୍କ ମ୍ୟାଜିକ୍ ଯେଉଁଭଳି କାମ ଦେଲା ତାହା ଓଡ଼ିଶାରେ ଦେଖିବାକୁ ମିଳିବ ନାହିଁ। ସେହିପରି ପଞ୍ଚାୟତିରାଜ ମନ୍ତ୍ରୀ ପ୍ରଦୀପ ମହାରଥୀ କହିଛନ୍ତି ଯେ, ଓଡ଼ିଶାରେ ଅତିବେଶୀରେ ବିଜେପି ୧୨ କିମ୍ବା ୨୦ଟି ଆସନ ହାତେଇବାକୁ ସକ୍ଷମ ହେବ। ତାହାଠୁ ଗୋଟିଏ ବି ଅଧିକ ଆସନ ପାଇବ ନାହିଁ। ବିଜେପିର ଓଡ଼ିଶାରେ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ କିଏ ଅଛି ତାହା କହୁ ବିଜେପି। ସେହିପରି ଦଳର ସମ୍ପାଦକ ବିଜୟ ନାୟକ କହିଛନ୍ତି, ଉପରୋକ୍ତ ରାଜ୍ୟରେ ଜନସାଧାରଣ ପ୍ରଧାନମନ୍ତ୍ରୀଙ୍କ ବିକାଶ ବାର୍ତ୍ତାକୁ ମୋହର ଦେଇଛନ୍ତି ଓ ଏହା ଯଦି ସତ୍ୟ, ତେବେ ଓଡ଼ିଶା ବିଧାନସଭାର ବିଜେପୁର ଉପ-ନିର୍ବାଚନରେ ପ୍ରଧାନମନ୍ତ୍ରୀଙ୍କ ବିକାଶ ବାର୍ତ୍ତାକୁ ଭୋଟର୍‌ମାନେ ମୋହର ନଲଗାଇଲେ କାହିଁକି ବୋଲି ପ୍ରଶ୍ନ କରିଛି ବିଜେଡି। ଅମିତ ଶାହ ଭୁଲିଯାଉଛନ୍ତି ଯେ ନବୀନ ପଟ୍ଟନାୟକଙ୍କ ନେତୃତ୍ୱ ଯୋଗୁଁ ପଞ୍ଚମ ଥର ପାଇଁ ମଧ୍ୟ ଇତିହାସ ଯାହା ଥିଲା, ସେଇଆ ରହିବ। ୨୦୧୯ ନିର୍ବାଚନର ଏହା ଏକ ଟ୍ରେଲର୍ ବୋଲି ଶାହ କହିବା ଓଡ଼ିଶା ଦୃଷ୍ଟିକୋଣରୁ ଏଥିପାଇଁ ଠିକ୍ ଯେ ବିଜେପୁର ଉପ-ନିର୍ବାଚନ ଜଣାଇ ଦେଇଛି, ବର୍ଷକ ପରେ ଆସୁଥିବା ସାଧାରଣ ନିର୍ବାଚନରେ ବିଜେଡି ଇତିହାସର ପୁନରାବୃତ୍ତି କରିବ। ଓଡ଼ିଶାବାସୀଙ୍କ ଉପରେ ତ୍ରିପୁରା ଓ ନାଗାଲ୍ୟାଣ୍ଡ ନିର୍ବାଚନ ଫଳାଫଳର କୌଣସି ପ୍ରଭାବ ପଡିବ ନାହିଁ। ଅମିତ ଶାହଙ୍କ ସ୍ୱପ୍ନ ଦିବାସ୍ୱପ୍ନ ଭଳି। ତେବେ ଏଭଳି ସ୍ୱପ୍ନ ଦେଖିବାରେ ମନା ନାହିଁ କିମ୍ବା 'ମୁଙ୍ଗେରଲାଲ୍' ହେବାରେ ଅସୁବିଧା ନାହିଁ।

### ବିଜେଡିର ...

ବିଜେପି ଓ ଏହାର ନେତୃତ୍ୱ ନେଉଥିବା ନେତାଙ୍କ ଉପରକୁ ଯାଇଥିଲା। ଏହି ଘଟଣା ବିଜେପିକୁ ଅଧିକ କ୍ଷତି ପହଞ୍ଚାଇଥିବା ବର୍ତ୍ତମାନ ଆଲୋଚନା ହେଉଛି। କାରଣ ବିଜେପି ନିର୍ବାଚନ ଜିତିବା ପାଇଁ ହିଂସାର ଆଶ୍ରୟ ନେଉଛି ବୋଲି ଏକପ୍ରକାର ଜନରବ ସୃଷ୍ଟି ହେଲା ଏବଂ ସେଥିରୁ ଫାଇଦା ନେଲା ବିଜେଡି। ଏଥିପୂର୍ବରୁ ରାଜ୍ୟ ସରକାରଙ୍କ ଜଣେ ବିଶ୍ୱସ୍ତ ପ୍ରଶାସନିକ ଅଧିକାରୀଙ୍କ ବାସଭବନ ଫାଟକ ଉପରକୁ ଗୋବର ଫିଙ୍ଗିବା ଘଟଣାରେ ବିଜେପି କର୍ମୀ ସଂଶ୍ଳିଷ୍ଟ ଥିବା ଖବର ମଧ୍ୟ ବିଜେପୁର ଉପନିର୍ବାଚନରେ ଏକ ନକାରାତ୍ମକ ଧାରଣା ସୃଷ୍ଟି କରିଥିଲା। ସେହିଭଳି ବିଜେପୁର ପ୍ରଚାର ମଇଦାନରେ ତାଳସାରିରେ ମୁଖ୍ୟମନ୍ତ୍ରୀଙ୍କ ସଭାକୁ ଅଣ୍ଡା ଫିଙ୍ଗିଥିବା ମହିଳାଙ୍କୁ ସାମିଲ କରାଇବା ମଧ୍ୟ ବିଜେପି ପାଇଁ ମହଙ୍ଗା ସାବ୍ୟସ୍ତ ହେଲା। ଏତଦ୍‌ବ୍ୟତୀତ ଧର୍ମେନ୍ଦ୍ରଙ୍କ ଭଳି ଜଣେ ଟାଣୁଆ କେନ୍ଦ୍ରମନ୍ତ୍ରୀ ନିର୍ବାଚନ ପ୍ରଚାର ବେଳେ ବିରୋଧୀ ନେତାଙ୍କୁ ଟାର୍ଗେଟ କରିବା ବଦଳରେ ଜଣେ ପ୍ରଶାସନିକ ଅଧିକାରୀଙ୍କୁ ଟାର୍ଗେଟ କରିବା ମଧ୍ୟ ଦଳ ପାଇଁ କ୍ଷତି ପହଞ୍ଚାଇଲା। କଂଗ୍ରେସ ଏଠାରେ ସମ୍ପୂର୍ଣ୍ଣ ଆତ୍ମସମର୍ପଣ କରିବା ଭଳି ପରିସ୍ଥିତି ସୃଷ୍ଟି କରିଥିଲା।

ରୀତାଙ୍କ ବିପୁଳ ବିଜୟ ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଜେପୁର ନିର୍ବାଚନ ମଣ୍ଡଳୀର ସମସ୍ତ ଭୋଟରଙ୍କୁ ଏହାର ଶ୍ରେୟ ଦେଇଥିଲା ବେଳେ ଜନାଦେଶକୁ ବିଜେପି ନମ୍ରତାର ସହ ସ୍ୱୀକାର କରୁଛି ବୋଲି କହିଥିଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ବିରୋଧୀ ଦଳ ନେତା ନରସିଂହ ମିଶ୍ର ନିଜ ପ୍ରତିକ୍ରିୟାରେ କଂଗ୍ରେସ ପରାଜୟକୁ ମାନି ନେଇଥିବା ବେଳେ ଏହା ଦଳ ପାଇଁ ଅପମାନ ମନେ କରି ପିସିସି ସଭାପତି ପଦରୁ ଇସ୍ତଫା ଦେଇଛନ୍ତି ପ୍ରସାଦ ହରିଚନ୍ଦନ। ତେଣୁ ଆଗାମୀ ସାଧାରଣ ନିର୍ବାଚନ ପୂର୍ବରୁ ଏହି ଉପନିର୍ବାଚନ ଫଳାଫଳ ବିଜେପି ପାଇଁ ଆତ୍ମସମୀକ୍ଷାର ସନ୍ଦେଶ ଦେଇଥିବା ବେଳେ ନବୀନଙ୍କ ଭାବମୂର୍ତ୍ତିକୁ ଅଧିକ ଉଜ୍ଜ୍ୱଳ କରିପାରିଛି।

### ୪୪,୩୪୨ କିମି ...

ଏଥିରେ ବିଭିନ୍ନ ରାଜ୍ୟର ଗ୍ରାମ୍ୟ ଉନ୍ନୟନ ବିଭାଗର ମନ୍ତ୍ରୀମାନେ ଯୋଗଦେଇ ନିଜ ରାଜ୍ୟର ପିଏମ୍‌ଜିଏସ୍‌ୱାଇ ସ୍ଥିତି, ଅଗ୍ରଗତି ଓ କାର୍ଯ୍ୟକାରୀ ହେବା ସମୟରେ ଉପୁଜୁଥିବା ସମସ୍ୟା ସମ୍ବନ୍ଧରେ କେନ୍ଦ୍ର କେନ୍ଦ୍ରମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଓଡ଼ିଶାର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଶ୍ରୀ ଆରୁଖ ଏହି ସମୀକ୍ଷା ବୈଠକରେ ଶତ ପ୍ରତିଶତ କେନ୍ଦ୍ରୀୟ ସହାୟତା ଦେବା ଉପରେ ଗୁରୁତ୍ୱାରୋପ କରିଥିଲେ। ୨୦୧୫-୧୬ ପୂର୍ବରୁ ମଞ୍ଜୁର ହୋଇଥିବା ଏବଂ ଏ ପର୍ଯ୍ୟନ୍ତ ଅସମାପ୍ତ ଥିବା ପ୍ରକଳ୍ପ ଖର୍ଚ୍ଚର ଶତ ପ୍ରତିଶତ କେନ୍ଦ୍ର ସରକାର ବହନ କରିବା ପାଇଁ ମନ୍ତ୍ରୀ ଶ୍ରୀ ଆରୁଖ ଦୃଢ଼ ଦାବି ରଖିଥିଲେ। ରାଜ୍ୟ ସରକାର ସମୁଦାୟ ପ୍ରକଳ୍ପ ଖର୍ଚ୍ଚର ୮ ପ୍ରତିଶତ ରାଶି ବାର୍ଷିକ ସାମୟିକ ରକ୍ଷଣାବେକ୍ଷଣ କାର୍ଯ୍ୟ ବାବଦରେ ବହନ କରୁଛନ୍ତି। ଏହି ବାର୍ଷିକ ସାମୟିକ ରକ୍ଷଣାବେକ୍ଷଣ ପାଇଁ ଖର୍ଚ୍ଚ ଓ ନିର୍ମାଣ ସମାପ୍ତ ହେବାର ୫ ବର୍ଷ ପର୍ଯ୍ୟନ୍ତ ରକ୍ଷଣାବେକ୍ଷଣ ଖର୍ଚ୍ଚର ୬୦ ପ୍ରତିଶତ କେନ୍ଦ୍ର ସରକାର ବହନ କରିବା ଜରୁରି ବୋଲି ସେ କହିଥିଲେ। ରାଜ୍ୟର ୧୮ଟି ଆଇଏପି ଜିଲ୍ଲା ଆଦିବାସୀବହୁଳ। ଏ ଗୁଡ଼ିକୁ ପ୍ରଧାନମନ୍ତ୍ରୀ ଗ୍ରାମସଡ଼କ ଯୋଗେ ସଂଯୁକ୍ତ କରିବା ପାଇଁ ପିଏମ୍‌ଜିଏସ୍‌ୱାଇ ସର୍ତ୍ତାବଳୀକୁ କୋହଳ କରାଯାଇ ୨୫୦ ଜନସଂଖ୍ୟାରୁ କମାଇ ୧୦୦ ଜନସଂଖ୍ୟା ବିଶିଷ୍ଟ ଜନବସତିକୁ ଯୋଗ୍ୟ ବିବେଚିତ କରି ରାସ୍ତା ସଂଯୋଗୀକରଣ କରାଯିବା ଓ ୩୮ଟି ଏଲ୍‌ଡବ୍ଲୁଇ ବ୍ଲକ୍‌କୁ ରାସ୍ତା ଉନ୍ନତିକରଣରେ ଅନ୍ତର୍ଭୁକ୍ତ କରାଯିବା ଦରକାର ବୋଲି ରାଜ୍ୟ ଦାବି କରିଛି। ୨୦୦୧ରେ ପିଏମ୍‌ଜିଏସ୍‌ୱାଇ ପ୍ରକଳ୍ପ ପାଇଁ କୋର୍ ନେଟ୍‌ୱର୍କ ପ୍ରସ୍ତୁତ କରାଯାଇଥିଲା। ୨୦୧୧ ଜନଗଣନା ରିପୋର୍ଟ ଅନୁଯାୟୀ ଏହି କୋର୍ ନେଟ୍‌ୱର୍କ ସଂଶୋଧିତ ହେବା ଜରୁରୀ, ଯାହାଫଳରେ ବହୁ ଅଧିକ ଜନବସତିକୁ ପିଏମ୍‌ଜିଏସ୍‌ୱାଇରେ ଅନ୍ତର୍ଭୁକ୍ତ କରାଯାଇପାରିବ ବୋଲି ମନ୍ତ୍ରୀ ଶ୍ରୀ ଆରୁଖ କେନ୍ଦ୍ରମନ୍ତ୍ରୀ ଶ୍ରୀ ତୋମାରଙ୍କ ନିକଟରେ ଦାବି କରିଥିଲେ। ମନ୍ତ୍ରୀ ଶ୍ରୀ ଆରୁଖ ଓଡ଼ିଶାରେ ପିଏମ୍‌ଜିଏସ୍‌ୱାଇର ଅଗ୍ରଗତି ସମ୍ପର୍କରେ ସୂଚନା ଦେଇ କହିଲେ, ୨୦୦୦ ମସିହାରେ ପିଏମ୍‌ଜିଏସ୍‌ୱାଇ ଆରମ୍ଭ ହେବା ପରଠାରୁ ୨୦୧୭-୧୮ ବର୍ଷ ପର୍ଯ୍ୟନ୍ତ ଓଡ଼ିଶା ପାଇଁ ୬୦,୫୯୪ କିମି ରାସ୍ତା ଓ ୪୯୬ଟି ପୋଲ କେନ୍ଦ୍ର ସରକାର ମଞ୍ଜୁର କରିଛନ୍ତି। ଫେବୃଆରୀ ୨୦୧୮ ପର୍ଯ୍ୟନ୍ତ ୧୮,୯୬୦ କୋଟି ଟଙ୍କା ବ୍ୟୟ କରାଯାଇ ୪୪,୩୪୨ କିମି ରାସ୍ତା ଓ ୨୧୪ଟି ପୋଲ ନିର୍ମାଣ କାର୍ଯ୍ୟ ସମାପ୍ତ ହୋଇଛି ଓ ୧୫,୯୬୨ଟି ଜନବସତିକୁ ରାଜ୍ୟ ସରକାର ସଂଯୁକ୍ତ କରିପାରିଛନ୍ତି। ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ରାସ୍ତା ଓ ବିଜୁ ସେତୁ ଯୋଜନାରେ ପୋଲ ନିର୍ମାଣ କାର୍ଯ୍ୟ କରାଯାଇ ସଂଯୋଗୀକରଣ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଉଛି। ବିଗତ ତିନିବର୍ଷ ମଧ୍ୟରେ (୨୦୧୪-୧୫ରୁ ୨୦୧୬-୧୭ ପର୍ଯ୍ୟନ୍ତ) ୫,୪୬୭ କୋଟି ଟଙ୍କା ବିନିଯୋଗରେ ରାଜ୍ୟରେ ୧୩,୮୭୩ କିମି ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ନିର୍ମାଣ କରାଯାଇଛି। ଏଥିରେ କେନ୍ଦ୍ରୀୟ ସହାୟତା ୩୨୮୦ କୋଟି ଟଙ୍କା ଓ ରାଜ୍ୟର ଅବଦାନ ୨୧୮୨ କୋଟି ଟଙ୍କା ରହିଛି। ୨୦୧୭-୧୮ ବର୍ଷରେ ୨୦୦୬ କୋଟି ଟଙ୍କା ବ୍ୟୟରେ ୪୫୫୩ କିମି ରାସ୍ତା ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ଚଳିତ ଆର୍ଥିକ ବର୍ଷରେ ୨୪୪୭ କିମି ଓ ୨୦୧୮-୧୯ ଶେଷସୁଦ୍ଧା ୧୩,୮୦୫ କିମି ରାସ୍ତା ନିର୍ମାଣର ଲକ୍ଷ୍ୟ ରଖାଯାଇଛି। ୨୦୧୬-୧୭ରେ ରାସ୍ତା ନିର୍ମାଣ, ନୂତନ ଜ୍ଞାନକୌଶଳର ଉପଯୋଗ ଓ ଜନବସତିକୁ ସଂଯୋଗ କରିବା କ୍ଷେତ୍ରରେ ଓଡ଼ିଶା ଦେଶରେ ଦ୍ୱିତୀୟ ହୋଇ କେନ୍ଦ୍ର ସରକାରଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲା। ଏହି ବର୍ଷ ୪୫୫୩ କିମି ରାସ୍ତା ନିର୍ମାଣ କରି ଆମ ରାଜ୍ୟ ଦେଶରେ ଅଗ୍ରଣୀ ହୋଇଥିଲା। ସବୁଜ ଜ୍ଞାନକୌଶଳ ଉପଯୋଗ କରି ୫୭୯୩ କିମି ରାସ୍ତା ନିର୍ମାଣ କରିବାକୁ ଓଡ଼ିଶା ଲକ୍ଷ୍ୟ ରଖିଛି। ପିଏମ୍‌ଜିଏସ୍‌ୱାଇର ନିର୍ମାଣ କାର୍ଯ୍ୟ ୨୦୨୨ ମସିହା ବଦଳରେ ୨୦୧୮ ମସିହା ସୁଦ୍ଧା ସମାପ୍ତ କରିବା ପାଇଁ କେନ୍ଦ୍ର ସରକାର ସମୟସୀମା ଧାର୍ଯ୍ୟ କରିଛନ୍ତି। ସେଥିପାଇଁ ଓଡ଼ିଶା ସରକାର ପ୍ରକଳ୍ପ କାର୍ଯ୍ୟକାରୀ ୟୁନିଟ୍‌ଗୁଡ଼ିକୁ ଚଳଚଞ୍ଚଳ କରି ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରୁଛନ୍ତି। ଦୈନନ୍ଦିନ ହିସାବରେ ନିର୍ମାଣ କାର୍ଯ୍ୟର ତଦାରଖ କରିବା, ଜାତୀୟ ସେତୁ ନିର୍ମାଣ ନିଗମ ଓ ବ୍ରିଜ୍ ଆଣ୍ଡ ରୁଫ୍ ଭଳି କେନ୍ଦ୍ରୀୟ ନିର୍ମାଣ ସଂସ୍ଥାକୁ ନିୟୋଜିତ କରି ଅତିରିକ୍ତ ନିର୍ମାଣ କାର୍ଯ୍ୟ କରିବା, ଉଚ୍ଚାଧିକାରୀମାନଙ୍କ ନିୟମିତ କ୍ଷେତ୍ର ପରିଦର୍ଶନ ଓ ପ୍ରକଳ୍ପ କାର୍ଯ୍ୟକାରୀ ୟୁନିଟ୍ ମଧ୍ୟରେ ନିର୍ମାଣ କାର୍ଯ୍ୟର ସନ୍ତୁଳିତ ପୁନଃବଣ୍ଟନ ଦ୍ୱାରା ଓଡ଼ିଶା ୨୦୧୯ ସୁଦ୍ଧା ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାର ନିର୍ଦ୍ଧାରିତ ଲକ୍ଷ୍ୟ ହାସଲ କରିପାରିବ ବୋଲି ଶ୍ରୀ ଆରୁଖ ଦୃଢ଼ୋକ୍ତି କରିଥିଲେ। କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଶ୍ରୀ ତୋମାର ୨୦୧୭-୧୮ ବର୍ଷରେ ୨୦୦୬ କୋଟି ଟଙ୍କା ବ୍ୟୟରେ ଓଡ଼ିଶା ୪୫୫୩ କିମି ରାସ୍ତା ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିପାରିଥିବାରୁ ଭୂୟସୀ ପ୍ରଶଂସା କରିଥିଲେ। ଏହି ବୈଠକରେ କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ସଚିବ, ରାଜ୍ୟ ଗ୍ରାମ୍ୟ ଉନ୍ନୟନ ସଚିବ ବିଷ୍ଣୁପଦ ସେଠୀ, ସର୍ବୋଚ୍ଚ ଯନ୍ତ୍ରୀ ଜଗନ୍ନାଥ ପଟେଲ, ମୁଖ୍ୟଯନ୍ତ୍ରୀ (ପିଏମ୍‌ଜିଏସ୍‌ୱାଇ) ପ୍ରମୁଖ ଉପସ୍ଥିତ ଥିଲେ।

### 'ଖୁସି' ଯୋଜନାରେ...

ଆରମ୍ଭ କରିଥିବା ସାନିଟାରୀ ନ୍ୟାପକିନ୍ କାର୍ଯ୍ୟକ୍ରମକୁ ସଠିକ୍ ଭାବେ ରାଜ୍ୟରେ କାର୍ଯ୍ୟକାରୀ କରିପାରିନଥିବା ରାଜ୍ୟ ସରକାର ଏବେ ଏହାକୁ ନିଜସ୍ୱ ଯୋଜନା ଭାବେ ନାମକରଣ କରିବାକୁ ନେଇ ପ୍ରଶ୍ନ ଉଠିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି 'ଖୁସି' ଯୋଜନାର ଘୋଷଣା କରି କହିଥିଲେ ମହିଳାଙ୍କ ସଶକ୍ତୀକରଣ ପାଇଁ ରାଜ୍ୟ ସରକାର ସର୍ବଦା ପ୍ରତିଶ୍ରୁତିବଦ୍ଧ। ମିଶନ ଶକ୍ତି, ମମତା ଓ ମହିଳାଙ୍କୁ ୫୦ ପ୍ରତିଶତ ସଂରକ୍ଷଣ ପରେ ଏବେ ୬ଷ୍ଠରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ୧୭ଲକ୍ଷ ଛାତ୍ରୀମାନଙ୍କୁ ମାଗଣାରେ ସାନିଟାରୀ ନ୍ୟାପକିନ୍ ବଣ୍ଟନ କରାଯିବ। ଏହା ସହିତ ସବ୍‌ସିଡି ଦରରେ ମହିଳାଙ୍କୁ ସାନିଟାରୀ ନ୍ୟାପକିନ୍ ଦିଆଯିବ। ସେହିପରି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ପ୍ରତାପ ଜେନା କହିଛନ୍ତି ଯେ, ମହିଳା ଓ ଝିଅମାନଙ୍କ ପାଇଁ ମିଶନ ଶକ୍ତି ଓ ମମତା ପରେ ରାଜ୍ୟରେ 'ଖୁସି' ହେଉଛି ଏକ ବହୁତ ବଡ଼ ଯୋଜନା। ମହିଳା ଓ ଝିଅମାନଙ୍କୁ ନିରୋଗ ରଖିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏକ ବଡ଼ ପଦକ୍ଷେପ ଗ୍ରହଣ କରିଛନ୍ତି। ଏହି ଯୋଜନା ପାଇଁ ରାଜ୍ୟ ବଜେଟ୍‌ରୁ ବାର୍ଷିକ ୭୦କୋଟି ଟଙ୍କା ଖର୍ଚ୍ଚ କରିବା ନିମନ୍ତେ ପ୍ରାରମ୍ଭିକ ଆକଳନ ହୋଇଛି। ଅନ୍ୟପକ୍ଷରେ ଅନୁସନ୍ଧାନରୁ ଜଣାପଡ଼ିଛି ଯେ, କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ୨୦୧୦ ମସିହାରୁ ଗ୍ରାମାଞ୍ଚଳର ୧୦ରୁ ୧୯ବର୍ଷର ଝିଅମାନଙ୍କ ପାଇଁ ଜାତୀୟ ସ୍ୱାସ୍ଥ୍ୟ ମିଶନ ଅନ୍ତର୍ଗତ 'ମେନ୍‌ଷ୍ଟ୍ରୁଆଲ୍ ହାଇଜେନିକ୍ ସ୍କିମ୍' କାର୍ଯ୍ୟକାରୀ କରୁଛନ୍ତି। ପ୍ରଥମ ପର୍ଯ୍ୟାୟରେ ଓଡ଼ିଶାର ୪ଟି ଜିଲ୍ଲା ଢେଙ୍କାନାଳ, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁରର ୩୨ଟି ବ୍ଲକ୍‌ରେ ଏହି ଯୋଜନା କାର୍ଯ୍ୟକାରୀ ହୋଇଥିଲା। ୨୦୧୪ ଅଗଷ୍ଟ ୩୧ ତାରିଖ ସୁଦ୍ଧା ଏହି ଯୋଜନାରେ ଉକ୍ତ ୪ ଜିଲ୍ଲାରେ ୩ଲକ୍ଷ ୩ହଜାର ୪୪୦ଜଣ ଝିଅ ଓ ମହିଳା ଉପକୃତ ହୋଇଥିଲେ। ୨୦୧୪-୧୫ ମସିହାରେ ଏହି ଯୋଜନାରେ ଗଞ୍ଜାମ ଜିଲ୍ଲା ସାମିଲ ହୋଇଥିଲା। ପରେ ଓଡ଼ିଶା ସରକାର ଏହି ଯୋଜନାକୁ ଆଉ ୧୧ଟି ଜିଲ୍ଲାକୁ ସମ୍ପ୍ରସାରଣ କରିବା ପାଇଁ ପ୍ରସ୍ତାବ ଦେଇଥିଲେ। କେନ୍ଦ୍ର ସରକାର ଏହି ଯୋଜନାର ବିକେନ୍ଦ୍ରୀକରଣ କରିବା ସହ ରାଜ୍ୟ ସରକାରଙ୍କୁ 'ରାଜ୍ୟ କାର୍ଯ୍ୟକ୍ରମ କାର୍ଯ୍ୟକାରିତା ପ୍ଲାନ୍(ଏସ୍‌ପିଆଇପି) ପ୍ରସ୍ତୁତ କରି ଏଥି ନିମନ୍ତେ ବଜେଟ୍ ପ୍ରସ୍ତାବ ପଠାଇବାକୁ ପରାମର୍ଶ ଦେଇଥିଲେ। ସେହି ଆଧାରରେ ରାଜ୍ୟର ଏସ୍‌ପିଆଇପି ପାଇଁ ବଜେଟ୍ ଉପଲବ୍ଧ କରାଯିବ ବୋଲି ଗାଇଡ୍‌ଲାଇନ୍ ଜାରି କରିଥିଲେ। ଯାହାକୁ ଆଧାର କରି ଓଡ଼ିଶା ସରକାର ଏହି ଯୋଜନା ପାଇଁ ୨୦୧୪-୧୫ରେ ୬.୭୯କୋଟି ଟଙ୍କା, ୨୦୧୫-୧୬ରେ ୩.୭୪ କୋଟି ଓ ୨୦୧୬-୧୭ରେ ୬.୮୨ କୋଟି ଟଙ୍କାର ବଜେଟ୍ ବରାଦ କରିଥିଲେ। କିନ୍ତୁ ଆଶ୍ଚର୍ଯ୍ୟର କଥା ଏହି ଯୋଜନା ପାଇଁ ବରାଦ ହୋଇଥିବା ପାଇଁରିକୁ ଖର୍ଚ୍ଚ କରିବାରେ ସରକାର ବିଫଳ ହୋଇଥିଲେ। ୨୦୧୪-୧୫ରେ ମାତ୍ର ୨ଲକ୍ଷ ୫୧ହଜାର ଟଙ୍କା ଓ ୨୦୧୬-୧୭ରେ ୨କୋଟି ଟଙ୍କା ଖର୍ଚ୍ଚ କରିଥିବାବେଳେ ୨୦୧୫-୧୬ରେ ଟଙ୍କାଟିଏ ବି ଖର୍ଚ୍ଚ କରିପାରିନଥିବା ଜଣାପଡ଼ିଛି। ପ୍ରଥମ ପର୍ଯ୍ୟାୟରେ ସାମିଲ ହୋଇଥିବା ୪ଟି ଜିଲ୍ଲା ପାଇଁ ଆବଶ୍ୟକ ସାନିଟାରୀ ନ୍ୟାପକିନ୍‌କୁ କେନ୍ଦ୍ର ସରକାରଙ୍କଠୁ ଆଣୁଥିବାବେଳେ ଗଞ୍ଜାମ ଜିଲ୍ଲାକୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ନ୍ୟାପ୍‌କିନ୍ ଯୋଗାଣ ହେଉଛି। ତେବେ ୨୦୧୭ ମାର୍ଚ୍ଚ ୨୮ତାରିଖରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ଫଗନ ସିଂ କୁଲସ୍ତେ ଓଡ଼ିଶାରେ ନିମ୍ନମାନର ସାନିଟାରୀ ନ୍ୟାପ୍‌କିନ୍ ଯୋଗାଣ ହେଉଥିବା ସରକାରଙ୍କ ଦୃଷ୍ଟିକୁ ଆସିଛି ବୋଲି ରାଜ୍ୟସଭାକୁ ଅବଗତ କରିଥିଲେ।

### ରୀମାଙ୍କ ବୟାନ...

ରେକର୍ଡ କରାଯାଇଛି। ରିମାଙ୍କ ବୟାନ ପରେ ତଦନ୍ତକାରୀ ଟିମ୍‌କୁ ସାମାନ୍ୟ କିଛି ସୁରାକ୍ ମିଳିଥିବା ଜଣାପଡ଼ିଛି। ଶେଖର ଚାକିରି କରୁଥିବା ବେଙ୍ଗାଲୁରୁରେ ପହଞ୍ଚିଛି ପୋଲିସ୍ ଟିମ୍। ଅନ୍ୟପଟେ ଶେଖରଙ୍କ ଲ୍ୟାପ୍‌ଟପ୍ ଜବତ କରି ଏହାର ଯାଞ୍ଚ ଚଲାଇଛି ପୋଲିସ। ତଦନ୍ତ ବେଳେ ପୋଲିସ୍ ଟିମ୍ ଜାଣିବାକୁ ପାଇଛି ଯେ ବାହାଘର ପୂର୍ବରୁ ଶେଖର ତାଙ୍କ ଫେସ୍‌ବୁକ୍ ଆକାଉଣ୍ଟ୍‌କୁ ଡିଲିଟ୍ କରିଦେଇଛନ୍ତି। ଏହା ହିଁ ପୋଲିସ୍‌କୁ ଅଧିକ ସନ୍ଦେହରେ ପକାଇଛି। 'ଏହାକୁ ଆମେ ତର୍ଜମା କରୁଛୁ, ତଦନ୍ତ ବେଳେ କିଛି ପାରିପାର୍ଶ୍ୱିକ ଓ ଅନ୍ୟ ପ୍ରମାଣ ଆଧାରରେ ତଦନ୍ତ ଅଗ୍ରଗତି କରିଛି। କିଛି ସୁରାକ୍ ଆମକୁ ମିଳିଛି। ଖୁବ୍‌ଶୀଘ୍ର ଘଟଣାର ମୋଟିଭ୍ ଜଣାପଡ଼ିଯିବ' ବୋଲି କହିଛନ୍ତି ମାମଲାର ପ୍ରତ୍ୟକ୍ଷ ତଦାରଖ କରୁଥିବା ବଲାଙ୍ଗିର ଅତିରିକ୍ତ ଏସ୍‌ପି ଶଶିଭୂଷଣ ଶତପଥୀ। ମିଳିଥିବା ସୂଚନାରୁ ଜଣାଯାଇଛି ଯେ ବଲାଙ୍ଗିର ପୋଲିସ୍ ଏଥିପାଇଁ ସାଇବର ସେଲ୍ ବିଶେଷଜ୍ଞମାନଙ୍କ ସହାୟତା ଲୋଡ଼ିଛି। ଅପରପକ୍ଷରେ ଶେଖରଙ୍କ ପତ୍ନୀଙ୍କ ସହ ପରିଚୟ ଥିବା ଅନ୍ୟ ଜଣେ ଯୁବକଙ୍କୁ ଏବେ ତଦନ୍ତ ପରିସରଭୁକ୍ତ କରାଯାଇଛି। ପୋଲିସ୍ ଟିମ୍ ତାଙ୍କ ଠିକଣା ଠାବ କରିଛି ଓ ତାଙ୍କୁ ଜେରା କରିବ ବୋଲି ଜଣାପଡ଼ିଛି। ଏ ସମ୍ପର୍କରେ ଅତିରିକ୍ତ ଏସ୍‌ପି କହିଛନ୍ତି ଯେ 'ଏବେ ଯେଉଁ ସୁରାକ୍ ମିଳିଛି ତାକୁ ଆଧାର କରି ତଦନ୍ତ କରାଯାଉଛି। ଶେଖରଙ୍କ ବର୍ଷକ ତଳର ବିଭିନ୍ନ ଲିଙ୍କ୍‌କୁ ନେଇ ଯାଞ୍ଚ କରୁଛୁ। ସେ କେଉଁମାନଙ୍କ ସହ ପରିଚିତ ଥିଲେ। କାହିଁକି ଓ କେଉଁ କାରଣ ଯୋଗୁ ବେଙ୍ଗାଲୁରୁରେ ସେ ଏତେ ମାନସିକ ଚାପରେ ଥିଲେ, ତା'ର କାରଣ ମିଳିଗଲେ ତଦନ୍ତ ପ୍ରକ୍ରିୟା ନିର୍ଣ୍ଣାୟକ ମୋଡ଼ରେ ପହଞ୍ଚିବ'। ତେବେ ସମଗ୍ର ଘଟଣାକୁ ନେଇ ପୋଲିସ୍ ପ୍ରଥମେ ଦ୍ୱନ୍ଦ୍ୱରେ ଥିବା ବେଳେ ଏବେ ନିଶ୍ଚିତ ହୋଇଛି ଯେ ଯିଏ ବି ପାର୍ସଲ୍ ପଠାଇଛି ସେ ଶେଖରଙ୍କୁ ହିଁ ଟାର୍ଗେଟ୍ କରିଥିଲା। ଏହି ସନ୍ଦିଗ୍ଧ ଅପରାଧି ଜଣକ ଶେଖରଙ୍କୁ ହତ୍ୟା କରିବାକୁ ହିଁ ଚାହିଁଥିଲା ବୋଲି ସନ୍ଦେହ କରୁଛି ପୋଲିସ୍। ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହେଲା ଯିଏ ପାର୍ସଲ୍ କରିଛି ସମ୍ପୃକ୍ତ ଅଭିଯୁକ୍ତ ଜଣକ ବେଙ୍ଗାଲୁରୁରୁ ଆସି ରାୟପୁରରୁ ପାର୍ସଲ୍ କରିଥିବା ସନ୍ଦେହ କରାଯାଉଛି।

ପର୍ଯ୍ୟଟନ ଚିନ୍ତ୍ର

# କଦମ୍ବା ରାଜବଂଶର ଉପାସିତ ଦେବତା ଶ୍ରୀସପ୍ତକୋଟେଶ୍ୱର

ଆଗରୁ ମୁଁ ସୂଚନା ଦେଇଥିଲି ଯେ, ମାପୁସାର ସାପ୍ତାହିକ ହାଟ ବିଷୟରେ ଏବଂ ସେଠାରେ ରାତ୍ରି ଭୋଜନରେ ପାମ୍ଫ୍ଲେଟ ମାଛର ତରକାରୀ ବିଷୟରେ। ହେଲେ ତା'ପରଦିନଟି ଥିଲା ଅତ୍ୟନ୍ତ କାର୍ଯ୍ୟବହୁଳ ଦିନ। କାରଣ ସେଦିନ ମୋତେ ମାପୁସା ନିକଟରେ କିଛି ମନ୍ଦିର ଏବଂ ଚର୍ଚ୍ଚ ବୁଲି ଯିବାର ଥିଲା। ତେଣୁ ସ୍ଥିର କଲି ପ୍ରଥମେ ମନ୍ଦିର ଯିବି। ପ୍ରାୟ ସକାଳ ୮ଟା ବେଳକୁ ଆମେ ସମସ୍ତେ ବାହାରିଥିଲୁ। ହୋଟେଲ୍‌ରେ ବ୍ରେକ୍‌ଫାଷ୍ଟ ନଖାଇ ଆମେ ରାସ୍ତାରେ ଖାଇବୁ ବୋଲି ସ୍ଥିର କରିନେଲୁ। ଏବେ ଆମର ଗନ୍ତବ୍ୟ ସ୍ଥଳୀ ଥିଲା ମାପୁସା ଠାରୁ ପ୍ରାୟ ୧୮ କିଲୋମିଟର ଦୂରରେ ଥିବା ସପ୍ତକୋଟିଶ୍ୱର ମନ୍ଦିର। ଗାଡି ଚାଳକ ଯାହା ସୂଚନା ଦେଇଥିଲା ଏହା ଗୋଆର ଅନ୍ୟତମ ପ୍ରାଚୀନ ଶିବ ମନ୍ଦିର ଅଟେ। ପ୍ରାୟ ଅଧଘଣ୍ଟା ଯାତ୍ରା କରିବା ପରେ ଶ୍ରୀ ସପ୍ତକୋଟିଶ୍ୱର ମନ୍ଦିର ନିକଟରେ ପହଞ୍ଚିଥିଲୁ। ସେଦିନ ଶନିବାର ଯୋଗୁଁ ଭକ୍ତଙ୍କ ଗହଳି ଦେଖିବାକୁ ମିଳିଥିଲା। ଗୋଆର ସବୁ ମନ୍ଦିର ଭଳି ଏଠାରେ ମଧ୍ୟ ମନ୍ଦିରର ଠିକ୍ ସାମ୍ନାରେ ରହିଛି ଏକ ବିରାଟ ଦୀପ ସ୍ତମ୍ଭ। ମୁଁ ମନ୍ଦିରକୁ ବାହାରୁ ଦେଖିବା ଭିତରେ ମୋର ଗାଡି ଚାଳକ ଜଣେ ବ୍ୟକ୍ତିଙ୍କ ସହ ମୋତେ ପରିଚୟ କରାଇଲେ ଏବଂ ତାଙ୍କର ଜଣେ ସମ୍ପର୍କୀୟ ବୋଲି ସୂଚନା ଦେଲେ। ପେଶାରେ ସିଏ ଥିଲେ ଜଣେ ଫଟୋ ଗ୍ରାଫର ଏବଂ ବିଦେଶୀ ପର୍ଯ୍ୟଟକମାନଙ୍କ ପାଇଁ ସାମୟିକ ଭାବେ ଗାଇଡ୍ କାମ ମଧ୍ୟ କରୁଥିବା କହିଥିଲେ। ତେବେ ମୁଁ ଅନୁଭବ କଲି ଯେ ମୋ ଡ୍ରାଇଭର ତାଙ୍କୁ ମୋ ସହ ପରିଚୟ କରିବା ପରେ ସାମାନ୍ୟ ଆଶ୍ୱସ୍ତି ଅନୁଭବ କରୁଛନ୍ତି। ତା'ର କାରଣ ମୁଁ ଯାହା ଅନୁଭବ କଲି ଯେ ମନ୍ଦିର ଓ ବିଭିନ୍ନ ଦର୍ଶନୀୟ ସ୍ଥାନ ବୁଲିବା ସମୟରେ ଅନେକ ପ୍ରଶ୍ନ ତାଙ୍କୁ ପଚାରୁଛି। ତେଣୁ ତାଙ୍କ ସମ୍ପର୍କୀୟ ଏହି ମନ୍ଦିର ନିକଟରେ ମୋତେ ଚିହ୍ନା କରେଇଲେ ଏଇଥିପାଇଁ ଯେ, ସେ ପ୍ରଶ୍ନ ବାଣରୁ ବଞ୍ଚିଯିବେ। ତେବେ ଯାହାବି ହେଉ ସେହି ଭଦ୍ରବ୍ୟକ୍ତ ଆମକୁ ମନ୍ଦିର ଭିତରକୁ ନେଇଗଲେ। ପ୍ରଥମେ ଆମେ ଶ୍ରୀ ସପ୍ତକୋଟିଶ୍ୱରଙ୍କୁ ଦର୍ଶନ କଲୁ। ଏହାପରେ ମନ୍ଦିର ଭିତରେ ବୁଲିବା ଭିତରେ ସେ ଭଦ୍ରବ୍ୟକ୍ତି ଜଣକ ମୋତେ ଶ୍ରୀ ସପ୍ତକୋଟିଶ୍ୱରଙ୍କ ସମ୍ପର୍କରେ ସୂଚନା ଦେଲେ। ଶ୍ରୀ ସପ୍ତକୋଟିଶ୍ୱରଙ୍କ ଆବିର୍ଭାବ ବିଷୟରେ ଏକ ସୁନ୍ଦର କିମ୍ୱଦନ୍ତୀ ସେ ଆମକୁ କହିଲେ। ଥରେ ସାତଜଣ ଋଷି ସମୁଦ୍ରରେ ପାଞ୍ଚୋଟି ନଦୀ ଯେଉଁ ସ୍ଥାନରେ ମିଳନ ହୋଇଥିଲା ସେହି ସ୍ଥାନରେ ବସି ଦେବ ଦେବ ମହାଦେବଙ୍କୁ ତପସ୍ୟା କରିଥିଲେ। ଆଉ ସାତ କୋଟିବର୍ଷ ପରେ ଦେବ ଦେବ ମହାଦେବ ତାଙ୍କୁ ଦର୍ଶନ ଦେଇଥିଲେ। ଆଉ ଋଷିମାନଙ୍କ ଅନୁରୋଧ ରକ୍ଷା କରି ସେ ସେହି ସ୍ଥାନରେ ଅବସ୍ଥାନ କଲେ ଶ୍ରୀ ସପ୍ତକୋଟିଶ୍ୱର ନାମରେ। ଏ କିମ୍ୱଦନ୍ତୀଟି ଶୁଣିବା ଭିତରେ ଆମେ ମନ୍ଦିରରେ ଗମ୍ଭିରା ଭିତରୁ ବାହାରକୁ ଚାଲି ଆସିଥିଲୁ। ତେବେ ଶ୍ରୀ ସପ୍ତକୋଟିଶ୍ୱରଙ୍କ ଐତିହାସିକ ତଥ୍ୟ ବିଷୟରେ ମୁଁ ଜାଣିବାକୁ ଚାହିଁଲି। ସେ କହିଲେ ଗୋଆରେ ଥିବା ସବୁ ମନ୍ଦିର ଭଳି ଏ ମନ୍ଦିର ମଧ୍ୟ ସ୍ଥାନାନ୍ତର ହୋଇଛି। କିନ୍ତୁ ଯାହା ଜଣାପଡେ ଶ୍ରୀ ସପ୍ତକୋଟିଶ୍ୱର ପ୍ରାୟ ଦ୍ୱାଦଶ ଶତାବ୍ଦୀରୁ ପୂଜା ପାଇ ଆସୁଛନ୍ତି। ଶ୍ରୀ ସପ୍ତକୋଟିଶ୍ୱର କଦମ୍ବା ରାଜବଂଶର ଉପାସିତ ଦେବତା ଥିଲେ। ଏହାର ପ୍ରମାଣ ସ୍ୱରୂପ ଏକ ମୁଦ୍ରା ମଧ୍ୟ ମିଳିଛି ଯେଉଁଥିରେ ଶ୍ରୀ ସପ୍ତକୋଟେଶ୍ୱରଙ୍କ ନାମ ରହିଛି ଆଉ ତା ସହ ରାଜା ଜୟକେଶୀଙ୍କ ନାମ ମଧ୍ୟ





ରହିଛି। କିନ୍ତୁ ପର୍ତ୍ତୁଗୀଜମାନଙ୍କ ଗୋଆ ଅଧିକାର ସମୟରେ ଏଠାରେ ଥିବା ଲିଙ୍ଗକୁ ସ୍ଥାନାନ୍ତର କରାଯାଇଥିଲା। ପ୍ରାୟ ୧୫୪୩ ମସିହା ବେଳକୁ ଦିଭାର ନାମକ ଏକ ଦ୍ୱୀପରେ ସପ୍ତକୋଟେଶ୍ୱରଙ୍କୁ ସ୍ଥାପନ କରାଗଲା। ତେବେ ମରାଠା ଶାସକ ଛତ୍ରପତି ଶିବାଜୀ ଗୋଆରେ ଥିବା ପର୍ତ୍ତୁଗୀଜ ମାନଙ୍କ ବିରୋଧରେ ସଂଗ୍ରାମ କରିବା ସମୟରେ ତାଙ୍କ ନିର୍ଦ୍ଦେଶ ଅନୁସାରେ ସପ୍ତକୋଟେଶ୍ୱରଙ୍କୁ ପୁନର୍ବାର ନର୍ଭେରେ ସ୍ଥାପନ କରାଗଲା। ସେ ସମ୍ପର୍କିତ ଏକ ଫଳକ ମଧ୍ୟ ଆମକୁ ସେ ଦେଖାଇଲେ ଯେଉଁଥିରେ ଛତ୍ରପତିଙ୍କ ନିର୍ଦ୍ଦେଶ ରହିଥିଲା। ତେବେ ଗୋଆର ଯେତେ ମନ୍ଦିର ବୁଲିଲି ଏଠାକାର ପରିବେଶ କିନ୍ତୁ ମୋତେ ବହୁତ ଆକର୍ଷିତ କରିଥିଲା। ତେବେ ଗାଡି ଚାଳକଙ୍କ ସମ୍ପର୍କୀୟ ମୋ ଠାରୁ ବିଦାୟ ନେବା ପୂର୍ବରୁ ଆଉ କିଛି ବୁଝିବାର ଅଛି ବୋଲି ମୋତେ ପଚାରିଥିଲେ। ମୁଁ ଏହାପରେ ଏଠାରେ କ'ଣ ବିଶେଷ ପର୍ବ ଅନୁଷ୍ଠିତ ହୁଏ ସେ ସମ୍ପର୍କରେ ଜାଣିବାକୁ ଚାହିଁଲି। ସେ କହିଲେ ଏଠାରେ ସବୁଠାରୁ ବଡପର୍ବ ଗୋକୁଳାଷ୍ଟମୀ ଦିନ ଅନୁଷ୍ଠିତ ହୋଇଥାଏ। କାରଣ ବିଶ୍ୱାସ ଅନୁସାରେ ଏହିଦିନ ହିଁ ସପ୍ତଋଷିଙ୍କୁ ଦେବ ଦେବ ମହାଦେବ ଏଠାରେ ଦର୍ଶନ ଦେଇଥିଲେ। ତାଙ୍କ କଥା ଆଉ ସୂଚନା ଶୁଣି ମୁଁ ତାଙ୍କୁ ତାଙ୍କ ପାରିଶ୍ରମିକ ବିଷୟରେ ପଚାରିଲି। ସେ ସାମାନ୍ୟ ହସିଲେ ଆଉ କହିଲେ ଆପଣ ମୋର ସମ୍ପର୍କୀୟଙ୍କ ସହ ଆସିଛନ୍ତି, ତେଣୁ ଆପଣ ବି ମୋର ସମ୍ପର୍କୀୟ। ହେଲେ ତେଣୁ ଏଥିପାଇଁ ପାରିଶ୍ରମିକ କ'ଣ ଦେବେ? ପ୍ରକୃତରେ ତାଙ୍କର ଏ ଉତ୍ତର ମୋତେ ଖୁବ୍ ଲଜ୍ଜିତ କରିଥିଲା। ଆଉ ତାଙ୍କ ପାଇଁ ମୋର ସମ୍ମାନ ଆହୁରି ବଢ଼ିଥିଲା। ଏହାପରେ ଆମେ ଆମର ପରବର୍ତ୍ତୀ ଗନ୍ତବ୍ୟ ସ୍ଥଳ ପାଇଁ ଗାଡିରେ ବାହାରିଲୁ। ପ୍ରାୟ ୧୦ଟା ପାଖାପାଖି ହୋଇ ସାରିଥିଲା ତେଣୁ ଭୋଗ ଲାଗୁଥିଲା। ଗାଡି ଚାଳକ ମୋତେ ସୂଚନା ଦେଲେ ଯେ କିଛିବାଟ ଗଲାପରେ ଏକ ଭଲ ରେଷ୍ଟୁରାଣ୍ଟ ଅଛି, ସେଠାରେ ଖାଇବା। ତାଙ୍କ କଥାରେ ସହମତ ହେଲି ଏବଂ ତାଙ୍କୁ କହିଲି ଯଦି ଏମିତି ପ୍ରତି ସ୍ଥାନରେ ତୁମର ଜଣେ ଜଣେ ସମ୍ପର୍କୀୟ ଏମିତି ଦେଖା ହୁଅନ୍ତେ ତା'ହେଲେ ଖୁବ୍ ଭଲ ହୁଅନ୍ତା। ସେ ସାମାନ୍ୟ ହସିଲେ ଆଉ ମୁଁ ତାଙ୍କ ମୁହଁରେ ସେହି ଆଶ୍ୱସ୍ତି ଭାବ ଏବେବି ରହିଥିବାର ଦେଖିଲି।

*କ୍ରମଶଃ...*






ଉପସ୍ଥାପନା
ଜାହ୍ନବୀସୁତ

## ଅଘୋଷିତ ବିଦ୍ୟୁତ୍ କାଟ, ଲୋକେ ଅତିଷ୍ଟ



**କେନ୍ଦ୍ରାପଡ଼ା :** ଏବେ ପ୍ରଚଣ୍ଡ ରୁଦ୍ରତାପ ଆରମ୍ଭ ହୋଇଯାଇଥିବା ବେଳେ ଅଘୋଷିତ ବିଦ୍ୟୁତ କାଟ ମଧ୍ୟ ଆରମ୍ଭ ହୋଇଯାଇଛି। ବିଭିନ୍ନ ସମୟରେ ଅଘୋଷିତ ବିଦ୍ୟୁତ କାଟ କରାଯାଉଥିବା ହେତୁ ଜିଲ୍ଲାବାସୀ ଖୁବ୍ ଅତିଷ୍ଠ। ଏଥି ଯୋଗୁଁ ସହର ତଥା ଜିଲ୍ଲାବାସୀ ଅନେକ ଅସୁବିଧାରେ ସମ୍ମୁଖିନ ହେବାର ପରିଲକ୍ଷିତ ହୁଏ। ଏବେ ଖରା ଦିନ ହେତୁ ବିଜୁଳିର ଆବଶ୍ୟକତା ଥିବା ବେଳେ ବିଦ୍ୟୁତ କାଟ ନେଇ ବିଭିନ୍ନ ସ୍ତରରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅପର ପକ୍ଷେ ବୁଦ୍ଧିଜୀବୀଗଣ କୁହନ୍ତି ଯେ- ଏବେ ବିଜୁଳି ସମସ୍ୟା ନଥିବା ସରକାର କହୁଥିବା ସ୍ଥଳେ ବିଭାଗୀୟ ତଥା କର୍ତ୍ତୃପକ୍ଷଙ୍କ ଏଭଳି କାର୍ଯ୍ୟ ନିନ୍ଦନୀୟ। ଯଦି ଏଭଳି ସମସ୍ୟା ଲାଗିରହେ ତେବେ ଆଗକୁ ଜନ ଆନ୍ଦୋଳନକୁ ଏଡ଼ାଇ ଦିଆଯାଇ ନପାରେ।

## କୃଷି ଓ ଅନ୍ୟ ଆନୁଷଙ୍ଗିକ କ୍ଷେତ୍ର ପାଇଁ ୩୯ ନୂତନ ପ୍ରକଳ୍ପକୁ ମଞ୍ଜୁରୀ

**ଭୁବନେଶ୍ୱର :** କୃଷି ଓ ଅନ୍ୟ ଆନୁସଙ୍ଗିକ କ୍ଷେତ୍ର ପାଇଁ ୩୯ ନୂତନ ପ୍ରକଳ୍ପକୁ ରାଜ୍ୟ ସରକାର ମଞ୍ଜୁରୀ ପ୍ରଦାନ କରିଛନ୍ତି। ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା ଅନ୍ତର୍ଗତ ଏହି ପ୍ରକଳ୍ପଗୁଡ଼ିକ ଲାଗି ୩୬୫ କୋଟି ଟଙ୍କା ବ୍ୟୟ କରାଯିବ। ଉକ୍ତ ପ୍ରକଳ୍ପଗୁଡ଼ିକ ପାଇଁ କେନ୍ଦ୍ର ସରକାର ୬୦ ପ୍ରତିଶତ ଆର୍ଥିକ ଅନୁଦାନ ଦେଉଥିବା ବେଳେ ରାଜ୍ୟ ସରକାର ବାକି ୪୦ ପ୍ରତିଶତ ଆର୍ଥିକ ସହାୟତା ପ୍ରଦାନ କରିବେ। ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ରାଜ୍ୟ ସ୍ତରୀୟ ମଞ୍ଜୁରୀ କମିଟି ବୈଠକ ପରେ ଏହି ନୂତନ ପ୍ରକଳ୍ପଗୁଡ଼ିକ ଘୋଷଣା କରାଯାଇଛି। ଏଗୁଡ଼ିକ ମଧ୍ୟରେ ସାକ୍ଷୀଗୋପାଳ ଠାରେ ନଡ଼ିଆ ଫାର୍ମ ପ୍ରତିଷ୍ଠା, ଗଞ୍ଜାମ ଜିଲ୍ଲାରେ କୃଷିଜାତ ଦ୍ରବ୍ୟ ଉତ୍ପାଦନକାରୀ ଗୋଷ୍ଠୀ ପ୍ରତିଷ୍ଠା, କୋରାପୁଟ ଠାରେ ପଶୁଧନ ସମ୍ପର୍କିତ ଏବଂ ଚାଷୀଙ୍କ ମଧ୍ୟରେ କୌଶଳ ବିକାଶ ବୃଦ୍ଧି ନେଇ କାର୍ଯ୍ୟକ୍ରମ ଆରମ୍ଭ କରାଯିବ। ଅନ୍ୟ ପ୍ରକଳ୍ପଗୁଡ଼ିକ ମଧ୍ୟରେ ମତ୍ସ୍ୟ ଓ ଦୁଗ୍ଧ ଚାଷ, ନୂତନ ଗୋଦାମ ନିର୍ମାଣ, କନ୍ଦମୂଳ ଚାଷର ସଂପ୍ରସାରଣ ଆଦି ଅନ୍ତର୍ଭୁକ୍ତ। ଗ୍ରାମାଞ୍ଚଳରେ ତଥା ଆଦିବାସୀମାନଙ୍କ ବିକାଶ ପାଇଁ ମଧ୍ୟ କେତେକ କାର୍ଯ୍ୟକ୍ରମ ନେଇ ସହାୟତା ଦିଆଯିବାକୁ ଆଜିର ବୈଠକରେ ନିଷ୍ପତ୍ତି ହୋଇଛି। ଘରୋଇ ଭାବରେ ଏନେଇ କୃଷି ଉଦ୍ୟୋଗୀମାନଙ୍କୁ ପ୍ରୋତ୍ସାହିତ କରାଯିବାକୁ ଥିବାବେଳେ ଯେଉଁଭଳି ଭାବରେ ଏଗୁଡ଼ିକର ସଠିକ୍ କାର୍ଯ୍ୟାନ୍ୱୟନ ହେବ ସେନେଇ ଦୃଷ୍ଟି ଦେବା ପାଇଁ ମୁଖ୍ୟ ଶାସନ ସଚିବ ସମ୍ପୃକ୍ତ ବିଭାଗଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି।

## ମାଗଣା ଚକ୍ଷୁ ଚିକିତ୍ସା ଶିବିର

**ଦଶପଲ୍ଲା :** ଦଶପଲ୍ଲା ଏନ୍.ଏ.ସି ଅନ୍ତର୍ଗତ ପାଟପୁର ପାଟଣା ନୋଡାଲ ଉଚ୍ଚ ବିଦ୍ୟାଳୟ ଠାରେ ତା.୨୫.୦୨.୨୦୧୮ ଦିନ ଏକ ମାଗଣା ଚକ୍ଷୁଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରେରଣା ଓ ଅର୍ଜୁନ ବେହେରା ସୋଟିଂ କ୍ଲବ ଆନୁକୁଲ୍ୟରେ ରୋଟାରୀ କ୍ଲବ କଟକଙ୍କ ଦ୍ୱାରା,ସାମ୍ବାଦିକ ସଂଘ ଦଶପଲ୍ଲା ଏବଂ ପଲ୍ଲୀବିକାଶ ସମିତି ସହଯୋଗରେ ଉକ୍ତ ଶିବିରରେ ଡା. ସୋନାଲୀ ଷଡଙ୍ଗୀଙ୍କ ଦ୍ୱାରା ୯୫ଜଣ ରୋଗୀ ଚକ୍ଷୁଚିକିତ୍ସା କରିଥିଲେ। ସେମାନଙ୍କ ମଧ୍ୟରୁ ୩୨ ଜଣଙ୍କୁ ମୋତିଆ ବିନ୍ଦୁ ଅପରେସନ ପାଇଁ କଟକ ପଠାଯାଇଛି। ଉକ୍ତ



କାର୍ଯ୍ୟକ୍ରମରେ, ଲୁଲୁ ମିଶ୍ର,ମନୋରଂଜନ ପାତ୍ର, ଅର୍ଜୁନ ସାହୁ,ବରୁଣ କୁମାର ସାହୁ,ଓମପ୍ରକାଶ ନାୟକ, ଶରତ ଚନ୍ଦ୍ର ମହାନ୍ତି,ପ୍ରାଣକୃଷ୍ଣ ବେହେରା,ପ୍ରଶନ୍ନ କୁମାର ପଣ୍ଡା, ଅଧ୍ୟକ୍ଷା ବବିତା ସାହୁ, କାବେରୀ ସାହୁ, ଓ ବହୁ ମାନଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ। ବହୁ ଶାନ୍ତି ଶୃଙ୍ଖଳାର ସହିତ ସକାଳ ୧୦ଘ ଠାରୁ ନିନ ୩ଘ ପର୍ଯ୍ୟନ୍ତ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

# ଦଲାଲଙ୍କ କବ୍‌ଜାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ

**ଖୋରଧା :** ଦୈନନ୍ଦିନ ଶହ ଶହ ସଂଖ୍ୟାରେ ରୋଗୀ ଉପଯୁକ୍ତ ଚିକିତ୍ସା ସେବା ପାଇଁ ଖୋରଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସିତ ହେବା ନିମନ୍ତେ ଆସୁଥିବା ବେଳେ ଏଠାରେ ଉପଯୁକ୍ତ ଚିକିତ୍ସା ସେବା ନପାଇ ହତାଶ ହୋଇ ଫେରି ଯାଉଥିବା ଦେଖିବାକୁ ମିଳୁଛି। ଖୋରଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନିମନ୍ତେ ମଞ୍ଜୁରୀପ୍ରାପ୍ତ ଡ଼ାକ୍ତର ପଦବୀ ପୂରଣ କରିବାରେ ରାଜ୍ୟ ସରକାର ବିଫଳ ହୋଇଥିବା ବେଳେ ବର୍ତ୍ତମାନ ଯେତିକି ସଂଖ୍ୟାରେ ଡ଼ାକ୍ତର କାର୍ଯ୍ୟ କରୁଛନ୍ତି ସେମାନେ ନିଜ ନିଜର ଦାୟିତ୍ୱ ଏବଂ କର୍ତ୍ତବ୍ୟ ଠିକ୍ ଭାବରେ ସମ୍ପାଦାନ କରୁ ନଥିବା ଦେଖିବାକୁ ମିଳୁଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସୂଚାରୁ ରୂପେ ପରିଚାଳନା କରିବା ନିମନ୍ତେ ରାଜ୍ୟ ସରକାର ଜଣେ ବରିଷ୍ଠ ଡ଼ାକ୍ତରଙ୍କୁ ଡ଼ି.ଏମ.ଓ ଭାବରେ ନିଯୁକ୍ତି ଦେଇଥିବା ବେଳେ ଜାତୀୟ ସ୍ୱାସ୍ଥ୍ୟ ମିଶନ ପକ୍ଷରୁ ଜଣେ ହସପିଟାଲ ମ୍ୟାନେଜରଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଦାୟିତ୍ୱ ଦିଆଯାଇଥିଲେ ମଧ୍ୟ ସେମାନେ ସେମାନଙ୍କ ଦାୟିତ୍ୱ ଠିକ୍ ଭାବରେ ତୁଲାଉ ନଥିବା ଦେଖିବାକୁ ମିଳୁଛି। ଅନେକ ସମୟରେ ଏଠାରେ ଚିକିତ୍ସାରେ ଅବହେଳାକୁ ନେଇ ଉତେଜନା ପୂର୍ଣ୍ଣ ପରିସ୍ଥିତି ସୃଷ୍ଟି ହେଉଥିବା ବେଳେ ସେହି ପରିସ୍ଥିତିକୁ ମୁକାବିଲା କରିବା ନିମନ୍ତେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ପରିଚାଳନା ଦାୟିତ୍ୱରେ ଥିବା ଉକ୍ତ ଦୁଇ ଅଧିକାରୀଙ୍କୁ ଦେଖିବାକୁ ମିଳୁ ନାହିଁ। ଫଳରେ ଚିକିତ୍ସା ଦାୟିତ୍ୱରେ ଥିବା ଡ଼ାକ୍ତର ରୋଗୀ ଏବଂ ରୋଗୀଙ୍କ ସମ୍ପର୍କୀୟ ମାନଙ୍କର ଆକ୍ରମଣର ଶିକାର ହେଉଛନ୍ତି। ୧୪ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଥିବା ମାତୃ ଓ ଶିଶୁ ସ୍ୱାସ୍ଥ୍ୟ କେନ୍ଦ୍ରଟିର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲେ ମଧ୍ୟ କେବଳ ନାମକୁ ମାତ୍ର ଶିଶୁ ଓ ସ୍ତ୍ରୀ ରୋଗ ଓ.ପି.ଡ଼ି ଖୋଲା ଯାଇଛି। ବେଡ଼ ଅଭାବରୁ ପ୍ରସୂତି ଓ ଶିଶୁ ରୋଗୀମାନେ ତଳେ ଶୋଇ ଚିକିତ୍ସିତ ହେଉଥିଲେ ମଧ୍ୟ ଏହି ନୂତନ ଗୃହଟିକୁ ବ୍ୟବହାର କରାଯାଉ ନାହିଁ। ଶିଶୁ ଓ ସ୍ତ୍ରୀ ରୋଗ ଓ.ପି.ଡ଼ି ସମ୍ମୁଖରେ ଦିନ ୮ଟାରୁ ୧ ଘଣ୍ଟା ପର୍ଯ୍ୟନ୍ତ ଦଲାଲ ମାନେ ରୋଗୀ ଓ ଡ଼ାକ୍ତରମାନଙ୍କୁ ଘେରି ରହୁଛନ୍ତି। ଡ଼ାକ୍ତର ପ୍ରେସକ୍ରିପ୍‌ସନ୍ ଲେଖିଲା ପରେ ଦଲାଲମାନେ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଇ ଏବଂ ଯୋର ଜବରଦସ୍ତ ସେମାନଙ୍କ ଠାରୁ ପ୍ରେସକ୍ରିପ୍‌ସନ୍ ଛଡ଼ାଇ ନେଇ ନିର୍ଦ୍ଧିଷ୍ଟ ଔଷଧ ଦୋକାନ ମାନଙ୍କରୁ ଔଷଧ କିଣିବାକୁ ବାଧ୍ୟ କରୁଛନ୍ତି। ସ୍ତ୍ରୀ ଓ ପ୍ରସୂତି ରୋଗୀ ଏବଂ ସେମାନଙ୍କ ସମ୍ପର୍କୀୟ ମାନଙ୍କୁ ଦଲାଲମାନେ କମ୍ ଦରରେ ଉପଯୁକ୍ତ ଚିକିତ୍ସା ସେବା ଯୋଗାଇ ଦେବାର ପ୍ରତିସୃତି ଦେଇ ନିକଟରେ ଥିବା ଘରୋଇ ନର୍ସିଂ ହୋମ ଗୁଡ଼ିକୁ ନେଇଯାଇଥାନ୍ତି। ସେଠାରେ ରୋଗୀଙ୍କୁ ଆର୍ଥିକ ଶୋଷଣ କରାଯାଏ ଏବଂ ସେହି ଦଲାଲ ତାର କମିଶନ ନେଇ ଚମ୍ପଟ ମାରେ। ଏଥିରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର କେତେକ କର୍ମଚାରୀ ସମ୍ପୃକ୍ତି ଥିବା ନେଇ ଚର୍ଚ୍ଚା ହେଉଛି। ଚିକିତ୍ସାଳୟର ସୁରକ୍ଷା ଏବଂ ସଫେଇ ଦାୟିତ୍ୱରେ ଥିବା ଘରୋଇ ସଂସ୍ଥା ନିଜର ଦାୟିତ୍ୱ ଓ କର୍ତ୍ତବ୍ୟ ସୁଚାରରୂପେ ତୁଲାଉ ନଥିବା ଜଣାପଡ଼ୁଛି। ଫଳରେ ରାତ୍ରି ସମୟରେ ଅସାମାଜିକ ବ୍ୟକ୍ତି ମାନଙ୍କ ଆଡ୍ଡାସ୍ଥଳି ପାଲଟିଛି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ। ସୁରକ୍ଷା କର୍ମୀ ମୃତୟନ ଥିଲେ ମଧ୍ୟ ବହୁ ସମୟରେ ରୋଗୀ ଏବଂ ରୋଗୀଙ୍କ ସମ୍ପର୍କୀୟମାନଙ୍କ ଠାରୁ ଟଙ୍କା ମୋବାଇଲ ଫୋନ୍ ଏବଂ ଅନ୍ୟାନ୍ୟ ଜିନିଷ ପତ୍ର ଚୋରି ହେଉଥିବାର ଅଭିଯୋଗମାନ ହେଉଥିଲେ ମଧ୍ୟ ହସ୍‌ପିଟାଲ କର୍ତ୍ତୃପକ୍ଷ ଏଥିପ୍ରତି କର୍ଣ୍ଣପାତ କରୁ ନାହାଁନ୍ତି। ସଫେଇ ଦାୟିତ୍ୱରେ ଥିବା ଉକ୍ତ ସଂସ୍ଥା ଚିକିତ୍ସାଳୟ ପରିସର ଏବଂ ଏହାର ଆଖପାଖ ଅଞ୍ଚଳ ପରିସ୍କାର ପରିଚ୍ଛନ୍ନ ରଖିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ଚିକିତ୍ସାଳୟର ସମ୍ମୁଖ ଭାଗଟିକୁ ପଥର ପ୍ରାଚେରୀ ଦ୍ୱାରା ଆବଦ୍ଧ କରିବାକୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ଆନ୍ତରିକତା ନଥିବା ପରି ଜଣାପଡୁଛି। ଫଳରେ ଔଷଧ ଦୋକାନୀମାନଙ୍କ ରାଜୁତି ଚାଲିଛି। ପଥର ପାଚେରୀ ଦ୍ୱାରା ଆବଦ୍ଧ କରାଇ ନଦେବା ପଛରେ କାହାର ସ୍ୱାର୍ଥ ଜଡ଼ିତ ଅଛି ତାହା ସର୍ବତ୍ର ଆଲୋଚନା ହେଉଛି। ଏହିପରି ଭାବରେ ବହୁ ଅବ୍ୟବସ୍ଥା ମଧ୍ୟରେ ଚାଲିଛି ଖୋରଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏହି ଅବ୍ୟବସ୍ଥାକୁ ସୁଧାରିବା ନିମନ୍ତେ ବାରମ୍ବାର ଦାବୀ ହୋଇ ଆସୁଥିଲେ ମଧ୍ୟ ଜିଲ୍ଲା ପ୍ରଶାସନ ତଥା ସ୍ୱାସ୍ଥ୍ୟ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ରାଜ୍ୟ ସରକାରଙ୍କର ସମସ୍ତଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାର ସ୍ଲୋଗାନ ଫସର ଫାଟି ଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଏକ ରେଫରାଲ ହସ୍‌ପିଟାଲରେ ପରିଣତ ହୋଇଛି। ସାଧାରଣ ଲୋକଙ୍କର ଭରସା ତୁଟି ଯାଇଛି। ଏହି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଉପରେ। କାଗଜ କଲମରେ କେବଳ ସିମିତ ରହିଛି ସମସ୍ତଙ୍କୁ ଉପଯୁକ୍ତ ଚିକିତ୍ସା ସେବା ଯୋଗାଇ ଦେବାର ନାରା।

## ସ୍ୱୟଂସହାୟିକା ଗୋଷ୍ଠୀଙ୍କ ପ୍ରଶିକ୍ଷଣ ଶିବିର

**ଦଶପଲ୍ଲା :** ଆଜିର ସମାଜବିକାଶ ପାଇଁ ସ୍ୱୟଂସହାୟିକା ଗୋଷ୍ଠୀଙ୍କର ଭୂମିକା ନିହାତି ଗୁରୁତ୍ୱପୂର୍ଣ୍ଣ। ଏହି ସମସ୍ତ ସ୍ୱୟଂସହାୟିକା ଗୋଷ୍ଠୀଙ୍କ ବୌଦ୍ଧିକ ଓ ମାନସିକ ଦକ୍ଷତା ବୃଦ୍ଧି ଏବଂ ହିତ ସାଧନ ଉଦ୍ଧେଶ୍ୟରେ ବ୍ୟାଙ୍କ କାରବାର,ଋଣର ଉଚିତ୍ ସଦୁପଯୋଗ କରିବା ଲକ୍ଷ୍ୟନେଇ ନାବାର୍ଡ ସହାୟତାରେ ସ୍ୱଚ୍ଛାସେବୀ ଅନୁଷ୍ଠାନ ପଲ୍ଲୀବିକାଶ ସମିତି ଆନୁକୁଲ୍ୟରେ ସ୍ୱୟଂସହାୟିକା ଗୋଷ୍ଠୀଙ୍କ ପାଇଁ ଏକ ପ୍ରଶିକ୍ଷଣ ଶିବିର ତା.୨୪.୦୨.୨୦୧୮ଦିନ ଦଶପଲ୍ଲା ଏନ୍.ଏ.ସି ର ଖଣ୍ଡପଡା ଓ ଦୁର୍ଗାବଜାର କଲୋନୀରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ୪୦ ରୁ ଅଧିକ ମହିଳା ପ୍ରଶିକ୍ଷଣ ନେଇଥିଲେ। ରିସୋର୍ଶ ପରର୍ସନ ଭାବେ ଦୁଇଟି ଶିବିରରେ ଯଥାକ୍ରମେ କ୍ଷେତ୍ରବାସୀ ପ୍ରଧାନ ଓ ଅନ୍ତର୍ଯ୍ୟାମୀ ଭୂୟାଁ ଯୋଗଦେଇ ବ୍ୟାଙ୍କ ସଂଯୋଗୀକରଣ ,ଉପକାରର ଦିଗଗୁଡିକ ଉପରେ ଆଲୋକ ପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜକୁମାର ସାହୁ,କିଛି କାଉନ୍‌ସିଲର ନିଜର ଅଭିଭାଷଣ ରଖିଥିଲେ। ପଲ୍ଲୀବିକାଶର ଅଧ୍ୟକ୍ଷ ପ୍ରାଣକୃଷ୍ଣ ବେହେରା ସଭାପତିତ୍ୱ କରିବା ସହିତ ଅନୁଷ୍ଠାନର ପ୍ରତିଷ୍ଠାତା ପ୍ରଶନ୍ନ କୁମାର ପଣ୍ଡା ଶିବିରର ସଂଯୋଜନା କରିଥିଲେ।

# ଏକମାତ୍ର

ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୦୫ ମାର୍ଚ୍ଚ - ୧୧ ମାର୍ଚ୍ଚ, ୨୦୧୮




ଆଞ୍ଚଳିକ

## ୯ଶହ ବର୍ଗ କିମି ଜଙ୍ଗଲ ବୃଦ୍ଧି ଘଟିଛି : ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର :** ବିଭିନ୍ନ ପ୍ରାକୃତିକ ସମ୍ପଦ ଭରା ଓଡ଼ିଶାରେ ଜଙ୍ଗଲ ସୁରକ୍ଷା ପାଇଁ ବିଭିନ୍ନ ଯୋଜନା ଯୋଗୁଁ ରାଜ୍ୟରେ ଗତ ୩ ବର୍ଷ ମଧ୍ୟରେ ୯୦୦ ବର୍ଗ କିମି ଜଙ୍ଗଲ ବୃଦ୍ଧି ଘଟିଛି ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। 'ଜୟଦେବ ଭବନ'ରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗଦେଇ ୪୮ ଜଣ ସହାୟକ ବନ ସଂରକ୍ଷକ ଓ ୧୧୧ ଜଣ ରେଞ୍ଜର୍‌କୁ ନିଯୁକ୍ତି ପତ୍ର ପ୍ରଦାନ ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ, ଜଙ୍ଗଲର ଅଭିବୃଦ୍ଧି ପାଇଁ ରାଜ୍ୟ ସରକାର ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି। ରାଜ୍ୟ ଜଙ୍ଗଲ ରିପୋର୍ଟ-୨୦୧୭ ଓ ଫରେଷ୍ଟ ସର୍ଭେ ଅଫ୍ ଇଣ୍ଡିଆ ରିପୋର୍ଟ ଅନୁଯାୟୀ ୨୦୧୫ ଠାରୁ ଗତ ୩ ବର୍ଷରେ ରାଜ୍ୟରେ ଜଙ୍ଗଲ ପରିମାଣରେ ୯୦୦ ବର୍ଗକିମି ବୃଦ୍ଧି ଘଟିଛି। ଜଙ୍ଗଲର ସୁରକ୍ଷା ଦିଗରେ ସ୍ଥାନୀୟ ଲୋକଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ବନ କର୍ମଚାରୀଙ୍କ ଦକ୍ଷତା ବୃଦ୍ଧି ରାଜ୍ୟରେ ଜଙ୍ଗଲ ସୁରକ୍ଷା ଦିଗରେ ଆହୁରି ସହାୟକ ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିଜୟଶ୍ରୀ ରାଉତରାୟ କହିଥିଲେ, ରାଜ୍ୟରେ ୫୫ହଜାର ୩୩୮ ବର୍ଗ କିମି ଅଞ୍ଚଳରେ ଜଙ୍ଗଲ ରହିଛି। ଯାହାକି ରାଜ୍ୟର କ୍ଷେତ୍ରଫଳର ୨୧.୫୪ ପ୍ରତିଶତ। ସରକାର ଓ ସ୍ଥାନୀୟ ଲୋକଙ୍କ ମିଳିତ ଉଦ୍ୟମରେ ଜଙ୍ଗଲ ବୃଦ୍ଧି କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ମିଳିଛି ବୋଲି ଶ୍ରୀ ରାଉତରାୟ କହିଥିଲେ। ଅନ୍ୟତମ ଅତିଥି ଭାବରେ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ, ଉନ୍ନୟନ କମିଶନର ଆର୍ ବାଲକ୍ରିଷ୍ଣନ୍, ଜଙ୍ଗଲ ଓ ପରିବେଶ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ପିସିସିଏଫ୍ ସୁବାସ ଚନ୍ଦ୍ର ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ମୁଖ୍ୟ ବନ ସଂରକ୍ଷକ ଡ. ରାଜୀବ କୁମାର ଧନ୍ୟବାଦ ଦେଇଥିଲେ।

## 'ଲୟର୍ସ ଗ୍ରୁପ୍'ର ହୋଲି ସେଲିବ୍ରେସନ୍



**ଭୁବନେଶ୍ୱର :** ଉତ୍କଳୀୟ ପରମ୍ପରା ଅନୁଯାୟୀ ଫଗୁ ଦଶମୀ ଠାରୁ ଆରମ୍ଭ ହେଉଥିବା ଦୋଳ ଯାତ୍ରା ଦୋଳ ପୂର୍ଣ୍ଣିମାରେ ଶେଷ ହୋଇଥାଏ। ଏହାପରେ ପାଳନ ହୁଏ ରଙ୍ଗର ପର୍ବ ହୋଲି ଉତ୍ସବ। ଏହି ଉତ୍ସବ ସମଗ୍ର ରାଜ୍ୟରେ ପାଳିତ ହେଉଥିବା ବେଳେ ରାଜଧାନୀ ଭୁବନେଶ୍ୱର ବିଭିନ୍ନ ସ୍ଥାନରେ ଏହାକୁ ଅତି ଜାକଜମକରେ ପାଳନ କରାଯାଇଥିଲା। ଗତବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଭୁବନେଶ୍ୱର 'ଲୟର୍ସ ଗ୍ରୁପ୍' ପକ୍ଷରୁ ଏହା ପାଳିତ ହୋଇଯାଇଛି। ବିଭିନ୍ନ ରଙ୍ଗର ଫଗୁ ରଙ୍ଗକୁ ନେଇ ହୋଲି ଉତ୍ସବକୁ ଧୁମ୍‌ଧାମରେ ପାଳିଥିଲେ ଦେଢ଼ଶହରୁ ଉର୍ଦ୍ଧ୍ୱ ଆଇନଜୀବୀ। ଆଇନଜୀବୀମାନେ ପରସ୍ପର ମଧ୍ୟରେ ରଙ୍ଗ ଖେଳିଥିଲେ। ସକାଳ ୯ଟାରୁ କାର୍ଯ୍ୟକ୍ରମ ଆରମ୍ଭ ହୋଇ ଅପରାହ୍ନ ୧ଟା ସୁଦ୍ଧା ଶେଷ ହୋଇଥିଲା। ସୁସ୍ୱାଦୁ ଭୋଜନ ଏବଂ ମନୋରଞ୍ଜନ କାର୍ଯ୍ୟକ୍ରମ ମାଧ୍ୟମରେ ଉତ୍ସବଟି ଆକର୍ଷଣୀୟ ହୋଇପାରିଥିଲା। ଅନୁଷ୍ଠାନର ବରିଷ୍ଠ ସଦସ୍ୟ ଆଇନଜୀବୀ ଲିଙ୍ଗରାଜ ଦାଶ, ରାଜ୍ୟ ଆଇନଜୀବୀ ପରିଷଦର ସଦସ୍ୟ ଆତ୍ମାପ୍ରକାଶ ମହାନ୍ତି, ଲିଙ୍ଗରାଜ ସାହୁ, ବିଶ୍ୱନାଥ ଦାଶ, ମନୋଜ ବଳିୟାରସିଂହ, ବାସୁଦେବ ଜେନା, ମାନ ପଣ୍ଡା, ଅକ୍ଷୟ ଦାସ, ଦୁଃଶାସନ ସାମନ୍ତରାୟ, ନବ ମଲ୍ଲିକ, ରାଜେଶ ପାଢ଼ୀ, ଗୋଲଖ ନାୟକ, ଶରତ କୁମାର ଭୂୟାଁ ପ୍ରମୁଖ ଯୋଗ ଦେଇଥିଲେ।



ଭୁବନେଶ୍ୱର : ପବିତ୍ର ବିନ୍ଦୁସାଗର ନିକଟରେ 'ଏକମାତ୍ର' ଖବରକାଗଜର ଜଣେ ବିମୁଗ୍ଧ ପାଠକ।


INSTITUTE OF BANKING

*SPECIALISED :*

- BANK / SSC / RAILWAY
- Highly Qualified Faculties
- Digitalised Classroom or Lab.
- Highspeed Internet for Online Test Series
- CC TV Footage for Green Environment
- Central Library with pin-drop silent
- Study Materials

Admission Open

Address : Bari (Arangabad)
Near State Bank of India, Jajpur
Email : maasantoshifoundation@gmail.com
Contact - 9438286909, 9658486260


## ସମାଜ ସେବାରେ ସାହିତ୍ୟ ଓ ଗାନ୍ଧିବାଦ



**କଟକ :** ଦୋଳ ପୂର୍ଣ୍ଣିମା ଅବସରରେ 'ପ୍ରାଚୀ' ସାହିତ୍ୟ ସମାଜର ସାହିତ୍ୟ ସଭା ଓ କବିତା ପାଠ ସ୍ଥାନୀୟ ନୂଆବଜାରସ୍ଥିତ ଏଗ୍ରିକଲଚର୍ କଲୋନୀ ହନୁମାନ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡ. ନିରଞ୍ଜନ ସାହୁ ସଭାପତିତ୍ୱ କରି ସମାଜ ସେବାରେ ସାହିତ୍ୟ ଓ ଗାନ୍ଧିବାଦ ବିଷୟରେ ଆଲୋକପାତ କରିଥିଲେ। ସର୍ବ ପ୍ରଥମେ ଲଉଡ଼ି ଭାଇ ଶ୍ୟାମସୁନ୍ଦର ଦାସଙ୍କ ପାଇଁ ଶୋକ ପ୍ରାର୍ଥନା କରାଯାଇଥିଲା। ପ୍ରାଚୀ ପତ୍ରିକାର ସଂପାଦକ ଡ. ବିଭୁଦତ୍ତ ଖଣ୍ଡାୟତରାୟ ସଂପାଦକୀୟ ଅଭିଭାଷଣ ଦେଇଥିଲେ। କବିତା ପାଠୋତ୍ସବରେ ବନଲତା ସିଂହ, ପତିତପାବନ ମହାପାତ୍ର, ଚୈତନ୍ୟ କୁମାର ସାହୁ, ରବିନ୍ଦ୍ର କୁମାର ସେଠୀ, ପ୍ରଦୀପ୍ତ କୁମାର ମହାପାତ୍ର, ବସନ୍ତ କୁମାର ସାହୁ, ଅଶ୍ୱିନୀ କୁମାର ସେଠୀ, ଅର୍ଣ୍ଣପୂର୍ଣ୍ଣା ସାହୁ, ସ୍ନେହଲତା ଦ୍ୱିବେଦୀ, କୁନଲତା ତ୍ରିପାଠୀ, ଗୀତାଞ୍ଜଳି ନାୟକ, ପ୍ରଭାତିରାଣୀ ମହାନ୍ତି, ରତନ କୁମାର ମହାନ୍ତି, ତପନ କୁମାର ସ୍ୱାଇଁ, ବ୍ରହ୍ମାନନ୍ଦ ମହାନ୍ତି, ପ୍ରସନ୍ନ କୁମାର ଦାସ, ରଞ୍ଜନ ରଶ୍ମି ନାୟକ, ଅକ୍ଷୟ ମହାନ୍ତି ପ୍ରମୁଖ ଯୋଗଦାନ କରିଥିଲେ। ଶେଷରେ ଇଂ ରାମଚନ୍ଦ୍ର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।


A
Well Wisher
KHORDHA


## ଦକ୍ଷତା ଆଗରେ ହାର ମାନିଛି ବୟସ

## ୮୫ ବର୍ଷିୟ କାଦରଙ୍କୁ ୩ ପଦକ

**ବାଲେଶ୍ୱର :** ମନରେ ଆନନ୍ଦ ଓ ଉତ୍ସାହ ଲକ୍ଷ୍ୟ ସ୍ଥିର ରଖି କାର୍ଯ୍ୟ କଲେ ଜୀବନରେ ସଫଳତା ମିଳିଥାଏ। ସଫଳତା ପାଖରେ ବୟସର କିଛି ତାରତମ୍ୟ ନଥାଏ। ଏହାକୁ ପ୍ରମାଣ କରିଛନ୍ତି ବାଲେଶ୍ୱର ଜିଲ୍ଲାର ମୋତିଗଞ୍ଜର ବୃଦ୍ଧ ତଥା ୮୫ବର୍ଷର ଅବସରପ୍ରାପ୍ତ ଖେଳ ଶିକ୍ଷକ ହାଜି ଶେଖ୍ କାଦର। ସେ ଗତ ଫେବୃୟାରୀ ୧୪ରୁ ୧୬ ତାରିଖ ପର୍ଯ୍ୟନ୍ତ ନୂଆଦିଲ୍ଲୀସ୍ଥିତ ଜବାହରଲାଲ୍ ନେହେରୁ ଷ୍ଟାଡିୟମ୍ ଠାରେ ମାଷ୍ଟର୍ସ ଆଥଲେଟିକ୍ ଆସୋସିଏସନ୍ ଅଫ୍ ଦିଲ୍ଲୀ (ଏମ୍.ଏ.ଏ.ଡି) ଆନୁକୂଲ୍ୟରେ ଆୟୋଜିତ ଇଣ୍ଡୋ-ବାଙ୍ଗଲାଦେଶ ମାଷ୍ଟର୍ସ ଆଥଲେଟିକ୍ସରେ ଓଡ଼ିଶାପକ୍ଷରୁ ଅଂଶଗ୍ରହଣ କରି ୩ଟି ସ୍ୱର୍ଣ୍ଣପଦକ ଲାଭ କରିଛନ୍ତି। ଏହାଦ୍ୱାରା ଆମ ଓଡ଼ିଶା ଓ ବାଲେଶ୍ୱର ଜିଲ୍ଲା ଗୌରବନ୍ୱିତ ହୋଇପାରିଛି। ୧୦୦ ମିଟର ଦୌଡ଼କୁ ୨୦.୧୬ ସେକେଣ୍ଡରେ ଅତିକ୍ରମ କରି ସେ ପ୍ରଥମ ସ୍ଥାନ ହାସଲ କରିବା ସହ ପ୍ରଥମ ସ୍ୱର୍ଣ୍ଣପଦକ ଜିତିଥିଲେ। ସେହିପରି ଲଙ୍ଗ୍‌ଜମ୍ପରେ ୨.୨୯ ମିଟର ଲମ୍ଫପ୍ରଦାନ ଓ ୪୦୦ ମିଟର ଦୌଡ଼କୁ ୧ମିନିଟ୍ ୫୨.୭୫ ସେକେଣ୍ଡରେ ଅତିକ୍ରମ କରି ସେ ଆଉ ଦୁଇଟି ସ୍ୱର୍ଣ୍ଣ ପଦକ ବିଜୟୀ ହୋଇପାରିଛନ୍ତି। ସେ ଗତ ୧୧ ତାରିଖରେ ଦିଲ୍ଲୀ ଗସ୍ତ କରିଥିଲେ। କିନ୍ତୁ କୌଣସି ସରକାରୀ ପ୍ରୋତ୍ସାହନ ନ ମିଳିବାରୁ ନିଜ ପକେଟରୁ ୮୦୦୦ (ଆଠହଜାର) ଟଙ୍କା ଖର୍ଚ୍ଚ କରି ସେ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଆଗ୍ରହ ପ୍ରକାଶ କରିଥିଲେ ବୋଲି କହିଛନ୍ତି। ଅନ୍ୟ ପକ୍ଷରେ ଜାତୀୟ ସ୍ତରରେ ମେଡାଲ୍ ଜିତିଲେ ମଧ୍ୟ ଓଡ଼ିଶାରେ ଠିକ୍ ସମ୍ମାନ ଟିକେ ମିଳିପାରୁ ନାହିଁ ବୋଲି ସେ କହିଛନ୍ତି। ୧୯୩୬ରେ ଜନ୍ମିତ ଶେକ୍ କାଦର ହାଇସ୍କୁଲ୍ ପରୀକ୍ଷା ପାସ୍ କରିବା ପରେ କଟକ ବାରବାଟୀ ଷ୍ଟାଡିୟମ୍‌ରେ ପି.ଇଟି. ଟ୍ରେନିଂ ଲାଭ କରିଥିଲେ। ୧୯୬୭ରେ ମୟୁରଭଞ୍ଜର ପଶୁପାଣି ଉଚ୍ଚବିଦ୍ୟାଳୟରେ କ୍ରୀଡ଼ାଶିକ୍ଷକ ଭାବରେ କାର୍ଯ୍ୟ ଆରମ୍ଭ କରିବା ସହ ୨୦୦୩ ମସିହାରେ ଅବସର ଗ୍ରହଣ କରିଥିଲେ। କିନ୍ତୁ ଅବସର ପରେ ମଧ୍ୟ ସେ ଖେଳ ଛାଡ଼ି ପାରିନାହାନ୍ତି। ସବୁବେଳେ ଖେଳକୁଦ ସହିତ ସେ ପୁଙ୍ଖାନୁପୁଙ୍ଖ ଭାବେ ଜଡ଼ିତ। ବିଭିନ୍ନ ସମୟରେ ରାଜ୍ୟ କିମ୍ବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଆସୁଛନ୍ତି। ମନରେ ଇଚ୍ଛା, ଆଗ୍ରହ, ଉତ୍ସାହ ଓ ଉଦ୍ଦୀପନା ନିଜର ବୟସକୁ ପଛକୁ ପକାଇଦିଏ ବୋଲି ଶେକ୍ କାଦର କହିଛନ୍ତି। କିନ୍ତୁ ସରକାରଙ୍କର ଦରଦ ମୋ ପ୍ରତି ନରହୁ ବରଂ ମୋ ଓଡ଼ିଶା ତଥା ବାଲେଶ୍ୱର ଜିଲ୍ଲା ପାଇଁ ମୁଁ ଗର୍ବିତ ବୋଲି ଦମ୍ଭୋକ୍ତି ପ୍ରକାଶ କରନ୍ତି ସେ।

DECLARATION

FORM I

FORM OF DECLARATION

(see rule 3)

I, RASMITA PATRA declare that I am the *printer or *publisher or *printer and publisher of the newspaper entitled EKAMAATRA to be *printed at RADHAKRUSHNA PUBLICATION Pvt. Ltd. and *published at FLAT-003,MAHADEV ORCHID,COSMOPOLIS ROAD,DUMDUMA,BHUBANESWAR,DIST- KHORDHA , ODISHA or to be *printed and published at and that particulars in respect of the said newspaper given hereunder are true to the best of my knowledge and belief.

| | | |
|---|---|---|
| 1. Title of the newspaper | : | EKAMAATRA |
| 2 .Language (s) in which it is (to be), published | : | ODIA |
| 3. Periodicity of its publication | | |
| (a) Whether a daily, tri-weekly, bi-weekly Weekly, fortnightly, or otherwise | : | WEEKLY |
| (b) In the case of daily, please state whether it Morning or evening newspaper? | : | NA |
| (c) In the case of a newspaper other than a Daily, please state the days(s)/date(s) on Which it is (to be) published | : | MONDAY |
| 4. Retail selling price of the newspaper per copy | : | Rs 5.00 |
| (a) If the newspaper is for free distribution, Please state that it is "for free distribution" | : | NO |
| (b) If it has only an annual subscription and no Retail price, please state the annual Subscription | : | NO |
| 5. Publisher's name | : | RASMITA PATRA |
| Nationality | : | INDIAN |
| (a) Whether a citizen of India? | : | YES |
| (b) If a foreigner, please state the country of | : | NO |
| Address | : | FLAT-003, MAHADEV ORCHID, COSMOPOLIS ROAD, DUMDUMA, BHUBANESWAR DIST- KHORDHA, ODISHA Pin- 751019 |
| 6. Place of publication (Please give the complete postal address) | : | FLAT-003, MAHADEV ORCHID, COSMOPOLIS ROAD, DUMDUMA, BHUBANESWAR DIST- KHORDHA, ODISHA Pin- 751019 |
| 7. Printer's name | : | RASMITA PATRA |
| Nationality | : | INDIAN |
| (a) Whether a citizen of India? | : | YES |
| (b)If a foreigner, please state the country of origin | : | NO |
| Address | : | FLAT-003, MAHADEV ORCHID, COSMOPOLIS ROAD, DUMDUMA, BHUBANESWAR DIST- KHORDHA, ODISHA Pin- 751019 |
| 8. Name(s) of the printing press (es) where the Newspaper is actually printed and the true and Precise description of the premises on which the Press (es) is/are installed. | : | RADHAKRUSHNA PUBLICATION PVT. LTD. PLOT NO-H/18, MANCHESWAR INDUSTURIAL ESTATE BHUBANESWAR-10, ODISHA |
| 9. Editor's name | : | TARAK MOHANTY |
| .Nationality | : | INDIAN |
| (a)Whether a citizen of India? | : | YES |
| (b) If a foreigner, please state the country of Origin | : | NO |
| Address | : | SECTOR-2/289, NILADRI VIHAR POST- SAILASHREE VIHAR BHUBANESWAR-751021 DIST- KHORDHA, ODISHA |
| 10. Owner's name(s) | : | RASMITA PATRA |
| (a)Please state the particulars of individual(s) or Of the firm, Joint Stock Company, trust, co-Operative society or association which owns the newspaper | : | INDIVIDUAL |
| (b)Please state whether the owner owns any other Newspaper, and, if so, its name, periodicity, Language and place of publication. | : | NO |
| 11. Please state whether the declaration is in respect of | : | |
| (a) a new newspaper, or | : | A NEW NEWS PAPER |
| (b) an existing newspaper, | | |
| (c) in case the declaration falls under item (b), the reason for filling the fresh declaration. | : | FRESH DECLARATION |

Manoj Kumar Mohanty
Additional District Magistrate
Bhubaneswar-2

Signature: Rasmita Patra
Name (in Block letters): RASMITA PATRA
Designation: PUBLISHER AND PRINTER

Authenticated on this day 12th of month January year 2017 under my seal and signature.

(Signature and seal of the Magistrate authenticating the declaration)
NIRANJAN SAHU, IAS
DISTRICT MAGISTRATE &
COLLECTOR, KHORDHA

* Strike out whatever is not applicable.
NOTE:- Separate declaration should be filed by the printer and the publisher, unless the printer and the publisher is the same person.

## 'ଜୀବନକୁ ଅମୃତମୟ କରେ ନିଷ୍ଠା ଓ ସାଧନା'



**ଭୁବନେଶ୍ୱର :** ନିଷ୍ଠା ଓ ସାଧନା ଜୀବନକୁ ଅମୃତମୟ କରେ। ସେଥିପାଇଁ ସ୍ୱଚ୍ଛ ଜୀବନ ଓ ସଂପ୍ରୀତିର ଆବଶ୍ୟକତା ରହିଛି। ପ୍ରତି ସାହିତ୍ୟିକ ମଣିଷ ଓ ପୃଥିବୀ ପାଇଁ ନୂତନ ସମ୍ଭାବନା ଓ ଆଶା ପୋଷଣ କରିଥାନ୍ତି। ସମ୍ଭାବନା ଓ ସ୍ୱପ୍ନ ସାହିତ୍ୟ ସାଧନାର ମୂଳମନ୍ତ୍ର ବୋଲି ବିଶିଷ୍ଟ ରାଜନେତା, ସମାଜସେବୀ ତଥା ସୁପ୍ରସିଦ୍ଧ ସାହିତ୍ୟିକ ଯଦୁନାଥ ଦାଶମହାପାତ୍ର ମତ ଦେଇଛନ୍ତି। ଯଦୁନାଥ ଦାଶମହାପାତ୍ର ଫାଉଣ୍ଡେସନ୍ ପକ୍ଷରୁ ଯଦୁନାଥଙ୍କ ୯୦ତମ ଜୟନ୍ତୀ ଉତ୍ସବ ଓ ସମ୍ମାନ ପ୍ରଦାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ସ୍ନେହ, ଶ୍ରଦ୍ଧା ଓ ଭଲପାଇବା ହିଁ ଜୀବନର ମୂଳକଥା ବୋଲି ଯଦୁନାଥ ଦାଶମହାପାତ୍ର ମତ ଦେଇଛନ୍ତି। ଜୟଦେବ ଭବନରେ ଅନୁଷ୍ଠିତ ଏହି ଭବ୍ୟ ସମାରୋହରେ ବିଶିଷ୍ଟ ସମାଲୋଚକ ପ୍ରଫେସର ବୈଷ୍ଣବ ଚରଣ ସାମଲ ଓ ଶିକ୍ଷାବିତ୍ ତଥା ନାଟ୍ୟକାର ପ୍ରଫେସର ରମେଶ ପ୍ରସାଦ ପାଣିଗ୍ରାହୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଜୀବନବ୍ୟାପୀ ସାହିତ୍ୟ ସାଧନା ନିମନ୍ତେ ଲବ୍ଧ ପ୍ରତିଷ୍ଠିତ କବି ଓ ଚିନ୍ତକ ହରପ୍ରସାଦ ଦାସଙ୍କୁ ଯଦୁନାଥ ସାହିତ୍ୟ ସମ୍ମାନ ପ୍ରଦାନ କରାଯାଇଥିଲା। କବିତାରେ ଡ. ହରପ୍ରସାଦ ପରିଚ୍ଛା ପଟ୍ଟ ନାୟକ, ନାଟକରେ ରଣଜିତ୍ ପଟ୍ଟନାୟକ ଓ ଶିଶୁ ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଡ. ସୁନାମଣି ରାଉତଙ୍କୁ ସମ୍ମାନିତ କରାଯାଇଥିଲା। ପ୍ରଫେସର ସାମଲ ସ୍ପନ୍ଦନ ଓ ସ୍ୱାଭିମାନ ଯଦୁନାଥଙ୍କ ବ୍ୟକ୍ତିତ୍ୱର ମାପକ ଓ ସେ ସାହିତ୍ୟକୁ ପ୍ରବୃତ୍ତିରେ ପରିଣତ କରିଛନ୍ତି ବୋଲି କହିଥିଲେ। ଫାଉଣ୍ଡେସନ୍‌ର ସଭାପତି ଡ. ଦିଲ୍ଲୀପ ଶ୍ରୀଚନ୍ଦନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଆରମ୍ଭରେ ଶ୍ରୀ ଦାଶମହାପାତ୍ରଙ୍କ ଉପରେ ଏକ ବାୟୋପିକ୍ ପ୍ରଦର୍ଶିତ ହୋଇଥିଲା। ବିଜେବି ସ୍ୱୟଂଶାସିତ କଲେଜ ଅଧ୍ୟକ୍ଷ କବି ଡ. ପ୍ରସନ୍ନ କୁମାର ମହାନ୍ତି, କବି ରକ୍ଷକ ନାୟକ ଓ କବି ମମତା ପଟ୍ଟନାୟକ ଶ୍ରୀ ଦାଶମହାପାତ୍ରଙ୍କ କବିତା ଓ ଡ. ଦେବାଶିଷ ମହାପାତ୍ର ମାନପତ୍ର ପାଠ କରିଥିଲେ। ସୁଚେତା ପ୍ରିୟଦର୍ଶିନୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କବି ସୂର୍ଯ୍ୟ ମିଶ୍ର ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପଦ୍ମଭୂଷଣ ରମାକାନ୍ତ ରଥ, ଦାଶ ବେନହୁର ଓ ବିଭୁତି ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।


Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com

Chief Editor : **Bibhuti Bhusan Patra**
ମୁଖ୍ୟ ସମ୍ପାଦକ : **ବିଭୁତି ଭୂଷଣ ପାତ୍ର**

Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : **ଲକ୍ଷ୍ମୀପ୍ରିୟା ଦାଶ**

Editor : **Tarak Mohanty**
ସମ୍ପାଦକ : **ତାରକ ମହାନ୍ତି**